୭ ▶ ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ୟାସ ଘୋଷଣା କଲେ କେନ୍ ୱିଲିୟମସନ୍




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

TM

The Sambad Kalika

e-paper www.sambadkalika.in

E-mail : sambadkalikanews@gmail.com

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୩୩ ● ୧୩ ଜୁନ ୨୦୨୬ ଶନିବାର ● ଭୁବନେଶ୍ୱର ● Vol -33 ● Issue-133 ● 13th June 2026, Saturday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ୨ ବର୍ଷର ସଫଳତା ବଖାଣିଲେ ମୁଖ୍ୟମନ୍ତ୍ରୀ

# ୨୦୨୭ ସୁଦ୍ଧା ସବୁ ଗାଁକୁ ମୌଳିକ ସୁବିଧା : ମିଶନ ମୋଡରେ କାର୍ଯ୍ୟକାରୀ ହେବ

ଭୁବନେଶ୍ୱର, ୧୨।୬

ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ପରିଚାଳିତ ରାଜ୍ୟ ବିଜେପି ସରକାର ସଫଳତାର ସହ ଦୁଇ ବର୍ଷ ଶାସନ ପୂର୍ତ୍ତି କରିଛି। ଏହି ଅବସରରେ ଶୁକ୍ରବାର ଲୋକସେବା ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ୨ ବର୍ଷ ଶାସନର କାର୍ଯ୍ୟସଫଳତା ବଖାଣିବା ସହ ଆଗାମୀ ତିନି ବର୍ଷ ପାଇଁ ସରକାରଙ୍କ ରୋଡମ୍ୟାପ୍ ଉପସ୍ଥାପନ କରିଛନ୍ତି। ସୁଶାସନ, ଭିତ୍ତିଭୂମି ବିକାଶ, ବିଭିନ୍ନ କଲ୍ୟାଣମୂଳକ ଯୋଜନା ଏବଂ ଆର୍ଥିକ ବିକାଶ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଉପଲବ୍ଧିଗୁଡ଼ିକ ସମ୍ପର୍କରେ ମଧ୍ୟ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଦୁଇ ବର୍ଷରେ ଓଡିଶା ଏକ ଦୁର୍ନୀତିମୁକ୍ତ ପ୍ରଶାସନ ଅଧୀନରେ ଉନ୍ନତି ପଥରେ ଅଗ୍ରସର ହେଉଛି। ବିଗତ ୨୪ବର୍ଷର ସରକାର ରାଜ୍ୟବାସୀଙ୍କ ଆଶାଆକାଂକ୍ଷା ପୂରଣ କରିବାରେ ବିଫଳ ହୋଇଥିବା ବେଳେ ବର୍ତ୍ତମାନର 'ଡବଲ ଇଞ୍ଜିନ୍' ସରକାର ଜନସାଧାରଣଙ୍କୁ ଅଧିକ ଲାଭ ପ୍ରଦାନ କରିଛି ବୋଲି ସେ ଦାବି କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ



- କେଜିରୁ ପିଜି ମାଗଣା ଶିକ୍ଷା
- ଆଜିଠୁ ଅନ୍ନପୂର୍ଣ୍ଣା ଯୋଜନାରେ ମିଳିବ ଅତିରିକ୍ତ ୫ କେଜି ଚାଉଳ
- ୧୨୧ ନୂଆ ଯୋଜନା, ସମୃଦ୍ଧ ଓଡ଼ିଶାର ନିକଟତର

ଖାଦ୍ୟ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଆମ ସରକାର ଆଜିଠାରୁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ଆରମ୍ଭ କରିବାକୁ ଯାଉଛନ୍ତି । ଏହାଦ୍ୱାରା ଏନଏଫଏସଏ ଓ ଏସଏଫଏସଏସ ଯୋଜନାର ସମସ୍ତ ହିତାଧିକାରୀଙ୍କୁ ମାସକୁ ୫ କିଲୋଗ୍ରାମ ଅତିରିକ୍ତ ଚାଉଳ ବିନାମୂଲ୍ୟରେ ମିଳିବ । ଏଣିକି ଜଣେ ହିତାଧିକାରୀ ମାଗଣାରେ ୧୦ କିଲୋଗ୍ରାମ ଚାଉଳ ପାଇବେ।

ଏହାଦ୍ୱାରା ରାଜ୍ୟର ୩ କୋଟି ୨୮ ଲକ୍ଷ ୫୨ ହଜାର ହିତାଧିକାରୀ ଉପକୃତ ହେବେ। ସମୁଦାୟ ଜନସଂଖ୍ୟାର ପ୍ରାୟ ୮୦ ପ୍ରତିଶତ ଯୋଜନାର ସୁଫଳ ପାଇବେ । ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ୮ ହଜାର ୮୧୩ କୋଟି ଟଙ୍କା ଖର୍ଚ୍ଚ କରିବେ।

ସେ କହିଛନ୍ତି ଯେ, ମହିଳା ସଶକ୍ତିକରଣ ପାଇଁ ସରକାର କାର୍ଯ୍ୟ କରୁଛନ୍ତି । ଆମ ସରକାରଙ୍କ ପ୍ରଥମ କ୍ୟାବିନେଟରେ 'ସୁଭଦ୍ରା ଯୋଜନା'କୁ ଅନୁମୋଦନ କରାଯାଇଥିଲା ଏବଂ ଏହି ଦୁଇ ବର୍ଷ ମଧ୍ୟରେ ୨୦ ହଜାର ୬୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସହାୟତା ପ୍ରଦାନ କରାଯାଇଛି।

ସୁଭଦ୍ରା ସହିତ ଆମ ସରକାର ମହିଳାଙ୍କ ବିକାଶ ପାଇଁ କନ୍ୟା ବିବାହ ଯୋଜନା ଆଣି ୧୩୦୦ ଗରିବ କନ୍ୟାଙ୍କୁ ମର୍ଯ୍ୟାଦାଜନକଭାବେ ସାମୂହିକ ବିବାହ ଅନୁଷ୍ଠିତ କରାଇଛି । ଆଉ ଏକ ଯୁଗାନ୍ତକାରୀ କନ୍ୟା ସୁମଙ୍ଗଳ ଯୋଜନା ଆଣିଛନ୍ତି ଯାହା ମାନନୀୟ ପ୍ରଧାନମନ୍ତ୍ରୀଙ୍କ 'ବେଟି ବଚାଓ, ବେଟି ପଢାଓ' ନୀତିର ଏକ ସାର୍ଥକ ପ୍ରତିଫଳନ। ଗତ ଦୁଇ ବର୍ଷ ମଧ୍ୟରେ ଚାରି ଲକ୍ଷରୁ ଅଧିକ ଏସଏଚଜି କୁ ରିହାତି ସୁଧରେ ୩୮ ହଜାର ୭୯୫ କୋଟି ଟଙ୍କାର ବ୍ୟାଙ୍କ ଋଣ ସଂଯୋଗୀକରଣ ସୁବିଧା ଯୋଗାଇ ଦିଆଯାଇଛି । ଆଜି ୨୩ ଲକ୍ଷ ୫୦ ହଜାର ଲକ୍ଷପତି ଦିଦି ଆର୍ଥିକ ସ୍ତରରେ ସଶକ୍ତ ହୋଇଛନ୍ତି।

କୃଷି ଓ କୃଷକ ସଶକ୍ତିକରଣ ବିଭାଗ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି ଯେ ସମୃଦ୍ଧ ଓଡିଶାକୁ ଆମ ସରକାର ଅନୁମୋଦନ ଦେଇଥିଲେ। ୨୦୨୫-୨୬ ଖରିଫ୍ ଋତୁରେ ଗତ ମାସ ୭ ତାରିଖ ସୁଦ୍ଧା ରେକର୍ଡ ସଂଖ୍ୟକ ୧୮ ଲକ୍ଷ ୮୩ ହଜାର ଚାଷୀଙ୍କଠାରୁ ୭୭ ଲକ୍ଷ ୪୧ ହଜାର ମେଟ୍ରିକ ଟନ ଧାନ କିଣା ସରିଛି ଏବଂ ରବି ଋତୁରେ ଚାଷୀଙ୍କଠାରୁ ୪ ଲକ୍ଷ ୮୫ ହଜାର ମେଟ୍ରିକ ଟନ ଧାନ (ପୃଷ୍ଠା ୭ରେ)

# ଭାରତର ମହିଳା ଶକ୍ତି ହେଉଛନ୍ତି ରାଷ୍ଟ୍ର ଗଠନର ଆଧାର



ନୂଆଦିଲ୍ଲୀ, ୧୨।୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ଦେଶର 'ନାରୀ ଶକ୍ତି'କୁ ପ୍ରଶଂସା କରିଛନ୍ତି। ରାଷ୍ଟ୍ର ଗଠନରେ ନାରୀଶକ୍ତିଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି ମୋଦୀ କହିଛନ୍ତି। ଏଥିସହ ସମାଜର ବିଭିନ୍ନ କ୍ଷେତ୍ରରେ ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏକ୍ସରେ ଏକ ପୋଷ୍ଟ୍ କରି ମୋଦୀ କହିଛନ୍ତି, ଭାରତୀୟ ମହିଳାମାନଙ୍କ ସାମର୍ଥ୍ୟ ଏବଂ ସଫଳତା ଦେଶର ସମ୍ମାନ ବୃଦ୍ଧି କରିଛି। ଏକ ସଂସ୍କୃତ ଶ୍ଲୋକକୁ ଉଦ୍ଧୃତ କରି ମୋଦୀ କହିଛନ୍ତି, ମହିଳାମାନେ ସମସ୍ତ ତିନି ଜଗତରେ କ୍ଷମତାର ପ୍ରତୀକ। ସମାଜରେ ସେମାନେ ଅପରିହାର୍ଯ୍ୟ ଭୂମିକା ନିର୍ବାହ କରୁଛନ୍ତି।

ମୋଦୀ କହିଛନ୍ତି, ଭାରତର ମହିଳା ଶକ୍ତି ହେଉଛନ୍ତି ରାଷ୍ଟ୍ର ଗଠନର ଆଧାର। ଆଜି ଆମ ମା', ଭଉଣୀ ଏବଂ ଝିଅମାନେ ପ୍ରତି କ୍ଷେତ୍ରରେ ସେମାନଙ୍କ ଜ୍ଞାନ ଓ ଦକ୍ଷତା ବଳରେ ଆମ ଭାରତ ମାତାର ଗୌରବ ବୃଦ୍ଧି କରୁଛନ୍ତି। ଗତ ୧୨ ବର୍ଷ ମଧ୍ୟରେ ଏନ୍‌ଡିଏ ସରକାରର ସଫଳତା ଉପରେ ଗୁରୁତ୍ୱାରୋପ କରି ମୋଦୀ କହିଛନ୍ତି, ପ୍ରଶାସନ ମହିଳା ସଂକ୍ରାନ୍ତ ବିକାଶ କ୍ଷେତ୍ରରେ ଲଗାତାର ଭାବେ କାମ କରିଚାଲିଛି। ବିଭିନ୍ନ କ୍ଷେତ୍ରରେ ଏହାର ଉପଲବ୍ଧି ଦେଖିବାକୁ ମିଳିଛି। ପ୍ରତିଟି କ୍ଷେତ୍ରରେ ମହିଳାମାନେ ସେମାନଙ୍କ ଉପସ୍ଥିତି ଜାହିର କରିପାରିଛନ୍ତି ବୋଲି ମୋଦୀ କହିଛନ୍ତି।

ମୋଦୀ ଆଜି 'ନାରୀ ଶକ୍ତିର ୧୨ ବର୍ଷ' ଅବସରରେ ଉତ୍ସବ ମନାଇଛନ୍ତି। ତାଙ୍କ ନେତୃତ୍ୱରେ ସରକାରଙ୍କ ଦ୍ୱାରା ମହିଳା ସଶକ୍ତୀକରଣକୁ ସୁଦୃଢ଼ କରିବା ଦିଗରେ ଯେଉଁସବୁ ପଦକ୍ଷେପ ଗ୍ରହଣ ହୋଇଛି ତା' ଉପରେ ମୋଦୀ ଗୁରୁତ୍ୱାରୋପ କରିଛନ୍ତି।

## ୧୫ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ

ଭୁବନେଶ୍ୱର, ୧୨।୬ : ନ୍ୟୁଜ୍ ବ୍ୟୁରୋ

ଆସନ୍ତା ସୋମବାର ୧୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ "ଜନ ଅଭିଯୋଗ ଶୁଣାଣି" କାର୍ଯ୍ୟକ୍ରମ ବନ୍ଦ ରହିବ। ସରକାରୀ ଛୁଟି ଦିବସ ଯୋଗୁଁ ଆସନ୍ତା (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ନାଟୋକୁ ପ୍ରଦତ୍ତ ଯୁଦ୍ଧ ବିମାନ ଓ ଜାହାଜ ସଂଖ୍ୟା କମାଇପାରେ ଆମେରିକା: ରିପୋର୍ଟ।
- ନିର୍ବାଚନ ଭାଷଣକୁ ନେଇ କୋଲକାତାର ହରେ ଷ୍ଟ୍ରିଟ୍ ପୋଲିସ ଷ୍ଟେସନରେ ମମତା ବାନାର୍ଜୀଙ୍କ ବିରୋଧରେ ଏଫ୍‌ଆଇଆର୍।
- ମଧ୍ୟପ୍ରଦେଶର ଇନ୍ଦୋରରେ ଆରମ୍ଭ ହେଲା ବ୍ରିକ୍ସ ଦେଶଗୁଡ଼ିକର କୃଷି ମନ୍ତ୍ରୀଙ୍କ ଦୁଇଦିନିଆ ବୈଠକ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୮୫୮ (+୨୯୪)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୬୨୦ (+୨୭୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୧୪୪ (+୨୨୧)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୬୦ (+୧୦)

# ଭାରତ ପାଇଁ ବାହାରିଲେ ଟ୍ରମ୍ପ

ୱାଶିଂଟନ, ୧୨।୬

ଉପସାଗରୀୟ ଅଞ୍ଚଳରେ ଯୁଦ୍ଧ ବନ୍ଦ ପାଇଁ ରବିବାର ସୁଦ୍ଧା ଆମେରିକା ଏବଂ ଇରାନ ମଧ୍ୟରେ ବହୁପ୍ରତୀକ୍ଷିତ ଶାନ୍ତି ଚୁକ୍ତିନାମା ସ୍ୱାକ୍ଷର ହୋଇପାରେ। ଏକ ପାଶ୍ଚାତ୍ୟ ସୂତ୍ର ଶୁକ୍ରବାର ଏକ ଅନ୍ତର୍ଜାତୀୟ ଗଣମାଧ୍ୟମକୁ ଏହା କହିଛି। ଚୁକ୍ତି ସ୍ୱାକ୍ଷର ଜେନେଭାରେ ହୋଇପାରେ ବୋଲି ମଧ୍ୟ ଉକ୍ତ ସୂତ୍ରରୁ ସୂଚନା ମିଳିଛି। ତେବେ ବୁଝାମଣାର ଭାଷା କ'ଣ ରହିବ, ତାହା ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ।



ଲେବାନନ ମଧ୍ୟରେ ଯୁଦ୍ଧ ବନ୍ଦ ହେବା ଆବଶ୍ୟକ ସର୍ତ୍ତରେ ତେହରାନ୍ ଅଟଳ ରହିଛି। ଅନ୍ୟପକ୍ଷରେ ଇରାନ ସମର୍ଥିତ ହେଜବୋଲ୍ଲା ଆତଙ୍କବାଦୀଙ୍କ ବିରୋଧରେ ଇସ୍ରାଏଲ୍ ଆକ୍ରମଣ ଜାରି ରଖିଛି।

ବୁଝାମଣାର ଭାଷା କ'ଣ ରହିବ, ତାହା ଶନିବାର ସୁଦ୍ଧା ଚୂଡ଼ାନ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି, ଯେପରି ଆମେରିକା ଉପରାଷ୍ଟ୍ରପତି ଜେ.ଡି. ଭାନ୍ସ ଏବଂ ଇରାନ ପାର୍ଲାମେଣ୍ଟ ବାଚସ୍ପତି (ପୃଷ୍ଠା ୭ରେ)

# ଗିନିଜ୍ ୱାର୍ଲ୍ଡ ରେକର୍ଡ ପାଇଁ ଗଣ ଯୋଗ ଅଭିଯାନରେ ସାମିଲ ହେବାକୁ ଆହ୍ୱାନ

ଭୁବନେଶ୍ୱର, ୧୨।୬

ନ୍ୟୁଜ୍ ବ୍ୟୁରୋ

ଆନ୍ତର୍ଜାତୀୟ ଯୋଗ ଦିବସ–୨୦୨୬ ଅବସରରେ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଗିନିଜ୍ ୱାର୍ଲ୍ଡ ରେକର୍ଡ ପାଇଁ ଗଣ ଯୋଗ ଅଭିଯାନରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ରାଜ୍ୟବାସୀଙ୍କୁ ଆହ୍ୱାନ କରିଛନ୍ତି ।

ମନ୍ତ୍ରୀ ତାଙ୍କ ବାର୍ତ୍ତାରେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ନେତୃତ୍ୱ ଏବଂ ଉଦ୍ୟମ ଫଳରେ ଯୋଗ ଆଜି ବିଶ୍ୱବ୍ୟାପୀ ଏକ ସ୍ୱାସ୍ଥ୍ୟ ଆନ୍ଦୋଳନରେ ପରିଣତ ହୋଇଛି। ଭାରତର ପ୍ରସ୍ତାବକୁ ସ୍ୱୀକୃତି ଦେଇ ଜାତିସଂଘ ୨୧ ଜୁନ୍‌କୁ ଆନ୍ତର୍ଜାତୀୟ ଯୋଗ ଦିବସ ଭାବେ ଘୋଷଣା କରିଛି। ସେହିଦିନଠାରୁ ଯୋଗର ସାର୍ବଜନୀନ ବାର୍ତ୍ତା ବିଶ୍ୱର କୋଣ ଅନୁକୋଣରେ ପହଞ୍ଚିଛି ଏବଂ କୋଟି କୋଟି ଲୋକଙ୍କ ଜୀବନଶୈଳୀର ଅଂଶ ପାଲଟିଛି ।

ସେ କହିଛନ୍ତି ଯେ, ଯୋଗ ହେଉଛି ଶାରୀରିକ, ମାନସିକ ଏବଂ ଆଧାତ୍ମିକ ସୁସ୍ଥତାର ଏକ ବୈଜ୍ଞାନିକ ଓ ପ୍ରମାଣିତ ପଦ୍ଧତି। ନିୟମିତ ଯୋଗାଭ୍ୟାସ ଦ୍ୱାରା ଜୀବନଶୈଳୀଜନିତ ବିଭିନ୍ନ ରୋଗକୁ ପ୍ରତିରୋଧ କରିବା ସହ ସୁସ୍ଥ ଓ ସକ୍ରିୟ ଜୀବନଯାପନ କରାଯାଇପାରିବ।

ଚଳିତ ବର୍ଷ ଆନ୍ତର୍ଜାତୀୟ ଯୋଗ ଦିବସର ବିଷୟ "ସୁସ୍ଥ ବାର୍ଦ୍ଧକ୍ୟ ପାଇଁ ଯୋଗ" ରଖାଯାଇଛି। ବୟସ ବୃଦ୍ଧି (ପୃଷ୍ଠା ୭ରେ)

## ସାରା ରାଜ୍ୟକୁ ଝଡ଼ବର୍ଷା ଆଲର୍ଟ ୫ ଜିଲ୍ଲାରେ ପ୍ରବଳ ବର୍ଷିବ

ଭୁବନେଶ୍ୱର, ୧୨।୬

ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ କେତେକ ଜିଲ୍ଲାରେ ଲାଗି ରହିଛି ପ୍ରାକ ମୌସୁମୀ ବର୍ଷା। ଶୁକ୍ରବାର ସାରା ରାଜ୍ୟକୁ ଝଡ଼ବର୍ଷା ଆଲର୍ଟ କରାଯାଇଛି। ୧୨ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏଥିରୁ ୫ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ।

ଏହି ଜିଲ୍ଲାଗୁଡ଼ିକ ହେଲା ମାଲକାନଗିରି, କୋରାପୁଟ, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, କଟକ। ବାକି ୧୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡିକରେ ବିଜୁଳି ଘଡ଼ଘଡ଼ି ସହ ୪୦ରୁ ୫୦ କିମି ବେଗରେ ପବନ ବହିପାରେ।

## ନିଟ୍ ୟୁଜି ପୁନଃ ପରୀକ୍ଷା ବେଳେ ମିଳିବ ଅତିରିକ୍ତ ୧୫ ମିନିଟ

ନୂଆଦିଲ୍ଲୀ, ୧୨।୬

ପ୍ରଶ୍ନପତ୍ର ଲିକ୍ ଯୋଗୁ ଆସନ୍ତା ଜୁନ ୨୧ରେ ପୂରା ଦେଶରେ ନିଟ୍ ୟୁଜି ୨୦୨୬ର ପୁନଃ ପରୀକ୍ଷା ହେବ। ଏଥର ଯେମିତି ପ୍ରଶ୍ନପତ୍ର ଲିକ୍ ନ ହେବ, ସେଥିପାଇଁ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ଓ ଭାରତ ସରକାର ସବୁ ପ୍ରକାରର ପଦକ୍ଷେପ ନେଇଛନ୍ତି। ସେହିପରି ପରୀକ୍ଷା ଆୟୋଜନ କରୁଥିବା ଏନଟିଏ ଶିକ୍ଷାର୍ଥୀଙ୍କୁ ସୁହାଇଲା ଭଳି ଏକାଧିକ ପରିବର୍ତ୍ତନ କରିଛି।

ଏନଟିଏ ପକ୍ଷରୁ ଶୁକ୍ରବାର ଜାରି ହୋଇଥିବା ବିଜ୍ଞପ୍ତିରେ କୁହାଯାଇଛି ଯେ ପରୀକ୍ଷାକୁ ଅଧିକ ସ୍ୱଚ୍ଛ, ସୁରକ୍ଷିତ ଓ ଆଶାୟୀମାନଙ୍କ ଆବଶ୍ୟକତାକୁ ପୂରଣ କରିବାକୁ ଅନେକ ପଦକ୍ଷେପ ନିଆଯାଇଛି। ପୂର୍ବ ବର୍ଷଗୁଡ଼ିକରୁ ମିଳିଥିବା ମତାମତକୁ ଆଧାର କରି ଏନଟିଏ ପରୀକ୍ଷା ସମୟସୀମାକୁ ୧୯୫ ମିନିଟକୁ ବୃଦ୍ଧି କରିଛି। ପରୀକ୍ଷା ଦିନ ୨ଟାରୁ ୫.୧୫ ମିନିଟ ଯାଏ ହେବ। ଅର୍ଥାତ ପିଲାମାନେ ଅତିରିକ୍ତ ୧୫ ମିନିଟ ପାଇବେ। ଏନଟିଏ ସ୍ପଷ୍ଟ କରିଛି ଯେ ଏହି ସମୟସୀମା ମଧ୍ୟରେ ପରୀକ୍ଷାପୂର୍ବରୁ ଯାଞ୍ଚ କରାଯାଉଥିବା ସମସ୍ତ ନିୟମ ଯଥା ଉପସ୍ଥାପନ ଗ୍ରହଣର ଦସ୍ତଖତ ଓ ପରୀକ୍ଷା ନିୟନ୍ତ୍ରକଙ୍କ ଦସ୍ତଖତ ରହିଛି। ପିଲାମାନେ ପ୍ରଶାସନିକ କାର୍ଯ୍ୟ ଯୋଗୁ ଯେମିତି ଅଯଥାରେ ସମୟ (ପୃଷ୍ଠା ୭ରେ)

## ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗଙ୍କ ପରଲୋକ

ଭୁବନେଶ୍ୱର, ୧୨।୬

ନ୍ୟୁଜ୍ ବ୍ୟୁରୋ

ରାୟଗଡା ଜିଲ୍ଲା ଗୁଣପୁରର ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗଙ୍କ ଶୁକ୍ରବାର ଭୁବନେଶ୍ୱର ଠାରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ଧରି ଭୁବନେଶ୍ୱରରେ ଘରଭଡ଼ା ନେଇ ସପରିବାର ରହୁଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱରରେ ତାଙ୍କର ପରଲୋକ ହୋଇଛି ।

ଶ୍ରୀ ଗମାଙ୍ଗ ଦୁଇ ଥର ଗୁଣୁପୁର ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇ ଗୁଣୁପୁର ଜନସାଧାରଣଙ୍କ ପ୍ରତିନିଧିତ୍ୱ କରିଥିଲେ। ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟରେ ପଢୁଥିବା ସମୟରେ ସେ ଜଣେ ଅତି ମେଧାବୀ ଓ (ପୃଷ୍ଠା ୭ରେ)




## ଏକାଳ ପଖାଳ



ମୌସୁମୀ ଆସିଲା ରାଇଜକୁ ଜନେ
ଦେଲାଣି ପ୍ରଥମ ପରଶ
ବରଷାରେ ଭିଜେ ଶୁଖିଲା କ୍ଷେତ
ଚାଷୀ ମୁହେଁ ଆସେ ହରଷ
ପାଗ ହେବ ଏବେ ସରସ
ହେ ଈଶ୍ୱର ଚାଷବାସ ସବୁ
ଭଲ ହେଉ ଏଇ ବରଷ।

# ରଜ ପୂର୍ବରୁ ଓଡ଼ିଶା ଛୁଇଁଲା ମୌସୁମୀ



ଭୁବନେଶ୍ୱର, ୧୨।୬

ନ୍ୟୁଜ୍ ବ୍ୟୁରୋ

ବହୁ ପ୍ରତୀକ୍ଷିତ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଶୁକ୍ରବାର ଓଡ଼ିଶା ମାଟିରେ ପ୍ରବେଶ କରିଛି। ପହିଲି ରଜର ଦିନକ ପୂର୍ବରୁ ଓଡ଼ିଶାରେ ମୌସୁମୀ ପ୍ରବେଶ କଲା ପରେ ତାପମାତ୍ରା ଏବଂ ଗରମ ସାମାନ୍ୟ ହ୍ରାସ ପାଇଛି। ରାଜ୍ୟର ଉତ୍ତର ଭାଗକୁ ମୌସୁମୀ ଅଗ୍ରସର ହୋଇଛି।

ସୂଚନାଯୋଗ୍ୟ, ସ୍ୱାଭାବିକ ସମୟର ୩ ଦିନ ବିଳମ୍ବରେ ଚଳିତ ବର୍ଷ କେରଳମ୍ ଛୁଇଁଥିଲା ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ଓଡ଼ିଶାକୁ କିନ୍ତୁ ସ୍ୱାଭାବିକ ସମୟରେ ମୌସୁମୀ ଆସିପାରେ ବୋଲି ଅନୁମାନ କରାଯାଇ ଥିଲା। ଅର୍ଥାତ୍ ଜୁନ୍ ୧୦ରୁ ୧୨ ତାରିଖ ମଧ୍ୟରେ ମୌସୁମୀ ଓଡ଼ିଶା ଛୁଇଁବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ କୁହାଯାଇଥିଲା। ସାଧାରଣତଃ ଜୁନ୍ ୧ରେ କେରଳମ୍ ଛୁଇଁବା ପରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଜୁନ୍ ୧୦ରୁ ୧୨ ତାରିଖ ମଧ୍ୟରେ ଓଡ଼ିଶା ଛୁଇଁଥାଏ। ଯଦିଓ ଓଡ଼ିଶାକୁ ମୌସୁମୀ ଆଗମନ ପାଇଁ ମୌସୁମୀର କେରଳମ୍ ଆଗମନ ଅପେକ୍ଷା ବଙ୍ଗୋପସାଗରୀୟ ପାଣିପାଗ ଅଧିକ ଗୁରୁତ୍ୱପୂର୍ଣ୍ଣ; ତଥାପି ଚଳିତ ଥର କେରଳମ୍ ଭଳି ଓଡ଼ିଶାକୁ ମୌସୁମୀର ଆଗମନ ବିଳମ୍ବ ନ ହୋଇପାରେ ବୋଲି ପୂର୍ବାନୁମାନ କରାଯାଉଥିଲା। (ପୃଷ୍ଠା ୭ରେ)

# ମହଙ୍ଗା ମାଡ଼ ! ବଢ଼ିଲା ଖୁଚୁରା ମୁଦ୍ରାସ୍ଫୀତି

ନୂଆଦିଲ୍ଲୀ, ୧୨।୬

ଭାରତର ଖୁଚୁରା ମୁଦ୍ରାସ୍ଫୀତି ମେ' ମାସରେ ୩.୯୩%ରେ ପହଞ୍ଚି ଯାଇଛି। ଏପ୍ରିଲରେ ଏହା ୩.୪୮% ରହିଥିଲା। ଦେଶରେ ଖାଦ୍ୟ ଓ ତୈଳ ଦର ବୃଦ୍ଧି ଯୋଗୁ ଏହାର ପ୍ରଭାବ ମୁଦ୍ରାସ୍ଫୀତି ଉପରେ ପଡ଼ିଛି। ଅର୍ଥାତ ଲୋକମାନେ ଆଗକୁ ମହଙ୍ଗା ମାଡ଼ର ସାମ୍ନା କରିବେ ବୋଲି ସରକାର ଦେଇଥିବା ତଥ୍ୟରୁ ସ୍ପଷ୍ଟ ହୋଇଛି। ମେ' ମାସର ମୁଦ୍ରାସ୍ଫୀତି ଆରବିଆଇର ମଧ୍ୟବର୍ତ୍ତୀକାଳିନ ମୁଦ୍ରାସ୍ଫୀତି ଟାର୍ଗେଟ ପରିସୀମା ଭିତରେ ଏଯାଏ ରହିଛି।

ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଦେଶର ଖୁଚୁରା ମୁଦ୍ରାସ୍ଫୀତି ଫେବୃଆରୀ ମାସରୁ ବୃଦ୍ଧି ପାଇବାରେ ଲାଗିଛି। ଫେବୃଆରୀରେ ଖୁଚୁରା ମୁଦ୍ରାସ୍ଫୀତି ୩.୨୧% ରହିଥିଲା। ମାର୍ଚ୍ଚରେ ଏହା ୩.୪୦%ରେ ପହଞ୍ଚିଥିଲା। ମେ'ରେ ଏହା ୪% ପାଖରେ ପହଞ୍ଚି ଯାଇଛି।

ଖୁଚୁରା ମୁଦ୍ରାସ୍ଫୀତି ବଢ଼ିଥିଲେ ହେଁ ଏହା ଆରବିଆଇ ଦ୍ୱାରା ଧାର୍ଯ୍ୟ ସୀମା ରେଖା ମଧ୍ୟରେ ରହିଛି। ସିପିଆଇ (ଗ୍ରାହକ ଦର ସୂଚକାଙ୍କ) ମୁଦ୍ରାସ୍ଫୀତି ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ସବୁବେଳେ ୨ରୁ ୬% ରଖିବା ଉପରେ ଗୁରୁତ୍ୱ ଦେଇଥାଏ। ଏହାଦ୍ୱାରା ଅର୍ଥନୀତି ଉପରେ ଦରଦାମର ବୃଦ୍ଧିର ପ୍ରଭାବ କମ ହୁଏ। ମେ'ରେ ଖୁଚୁରା ମୁଦ୍ରାସ୍ଫୀତି ବଢ଼ିଥିଲେ ହେଁ ଏହା ୬% ସୀମା ଠାରୁ ଯଥେଷ୍ଟ ଦୂରରେ ରହିଛି।

ଖାଦ୍ୟ ସାମଗ୍ରୀ ଦରଦାମ ବୃଦ୍ଧି ଯୋଗୁ ମୁଦ୍ରାସ୍ଫୀତି ବୃଦ୍ଧି (ପୃଷ୍ଠା ୭ରେ)

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୩ ଜୁନ୍, ୨୦୨୬ ରବିବାର





# ସୂଚନା ଫଳକ ନାହିଁ : ଅଳିଆ କୁଣ୍ଡ କାନ୍ଥରେ ଲେଖାଯାଇଛି ବିବରଣୀ

**ଚମ୍ପୁଆ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଚାଲିଥିବା ବିକାଶମୂଳକ କାର୍ଯ୍ୟରେ ପୁଣି ଥରେ ଦୁର୍ନୀତି ଓ ନିମ୍ନମାନର କାମ ନେଇ ଅଭିଯୋଗ ସାମ୍ନାକୁ ଆସିଛି। କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ କାଶୀପାଳ ପଞ୍ଚାୟତ ଅନ୍ତର୍ଗତ କାଶୀପାଳ ହାଟ ପଡ଼ିଆଠାରେ ନିର୍ମାଣ ହେଉଥିବା ବନ ସୁରକ୍ଷା ସମିତି (ଭି.ଏସ.ଏସ.) କୋଠରି ନିର୍ମାଣରେ ବ୍ୟାପକ ଅନିୟମିତତା ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ ଆଣିଛନ୍ତି। ସୂଚନା ଅନୁଯାୟୀ, ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଚମ୍ପୁଆ ପଞ୍ଚାୟତ ସମିତି କାର୍ଯ୍ୟାଦେଶରେ ଏହି କୋଠରି ନିର୍ମାଣ କରାଯାଉଛି। ଏଥିପାଇଁ ସରକାରଙ୍କ ପକ୍ଷରୁ ୮ ଲକ୍ଷ ୫୦ ହଜାର ଟଙ୍କାର ଅନୁଦାନ ଅଟକଳ କରାଯାଇଛି। ମାତ୍ର ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ କାର୍ଯ୍ୟସ୍ଥଳରେ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ ଓ ଠିକାଦାର ସଲାସୁତରା ହୋଇ ସମ୍ପୂର୍ଣ୍ଣ ନିମ୍ନମାନର କାମ କରି ଅନୁଦାନ ଟଙ୍କାକୁ ଚଳୁ କରିବାକୁ ଚେଷ୍ଟା କରୁଛନ୍ତି। ଗୃହର ତଳ ଭାଗରେ (ଭିତ୍ତିଭୂମି) ମାଟି ଫିଲିଙ୍ଗ କରାଯାଇ ତା' ଉପରେ ମାତ୍ର ୬ ରୁ ୭ ଇଞ୍ଚର ବାଲି ପକାଇ କାମ ସାରିଦେବାକୁ ଚେଷ୍ଟା କରାଯାଉଛି, ଯାହାକି ସ୍ଥାନୀୟ ଜନସାଧାରଣଙ୍କୁ ସମ୍ପୂର୍ଣ୍ଣ ଭୂଆଁ ବୁଲାଇବା ସଦୃଶ ହୋଇଛି। ସୂଚନା ଫଳକ ନିର୍ମାଣରେ ମଧ ଜାଲିଆତି କରାଯାଇଥିବା ଦେଖିବାକୁ ମିଳିଛି। ସରକାରୀ ନିୟମ ଅନୁଯାୟୀ, ଯେକୌଣସି ଉନ୍ନୟନ ମୂଳକ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ସର୍ବସାଧାରଣଙ୍କ ଅବଗତି ପାଇଁ ଏକ ସ୍ୱତନ୍ତ୍ର ସୂଚନା ଫଳକ ସ୍ଥାପନ କରିବା ବାଧ୍ୟତାମୂଳକ। କିନ୍ତୁ ଏଠାରେ ସେଭଳି କୌଣସି ସ୍ୱତନ୍ତ୍ର ସୂଚନା ଫଳକ ତିଆରି କରାଯାଇ ନାହିଁ। ବରଂ ପୂର୍ବରୁ ଜିଲ୍ଲା ଜଳ ଓ ପରିମଳ ମିଶନ ପକ୍ଷରୁ ନିର୍ମିତ ହୋଇଥିବା ଏକ ଆବର୍ଜନା କୁଣ୍ଡର ଛାଉଣୀକୁ ଭାଙ୍ଗି, ସେହି ଅଳିଆ କୁଣ୍ଡର କାନ୍ଥରେ ହିଁ ଚତୁରତାର ସହ ଏହି ପ୍ରକଳ୍ପର ସୂଚନା ଲେଖି ଦିଆଯାଇଛି। ଏଠାରେ ବସୁଥିବା ସାପ୍ତାହିକ ହାଟର ପରିମଳ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି କରାଯାଇ ଥିବା ଏହି ଅଳିଆ କୁଣ୍ଡର ଛାଉଣୀକୁ ଭାଙ୍ଗି ଦିଆଯାଇଥିବାରୁ ଏବେ ଏହାର ସ୍ଥାୟିତ୍ୱ ଏବଂ ହାଟର ପରିମଳ ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସରକାରୀ ଅର୍ଥର ଏଭଳି ଅପବ୍ୟବହାର ଏବଂ ନିମ୍ନମାନର କାର୍ଯ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣାରେ ଜିଲ୍ଲା ପ୍ରଶାସନ ଓ ଉଚ୍ଚପଦସ୍ଥ ଅଧିକାରୀ ତୁରନ୍ତ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# କୋରାପୁଟ ମେଡିକାଲ କଲେଜରେ ଅବ୍ୟବସ୍ଥା : ରୋଗୀଙ୍କୁ ଦିଆଯାଉଛି ମୂଷାକଟା ସାଲାଇନ୍ !

**କୋରାପୁଟ, ନ୍ୟୁଜ୍ ବ୍ୟୁରୋ**

ରୋଗୀଙ୍କୁ ଦିଆଯାଉଛି ମୂଷା କଟା ସାଲାଇନ୍। ବିରୋଧ କଲେ ଓଲଟା ରୋଗୀ ଓ ସମ୍ପର୍କୀୟଙ୍କୁ ଦୁର୍ବ୍ୟବହାର କରାଯାଉଛି। ସହିଦ୍ ଲକ୍ଷ୍ମଣ ନାୟକ ମେଡିକାଲ୍ କଲେଜ ଓ ହସ୍ପିଟାଲ୍ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ବିରୋଧରେ ଏଭଳି ସଂଗୀନ ଅଭିଯୋଗ ଆଣିଛନ୍ତି କୁନ୍ଦୁରା ବ୍ଲକ୍ ଆସନା ପଞ୍ଚାୟତ କାଟ୍ରିଗୁଡ଼ା ଗାଁର ଧନସାଇ ମାଣ୍ଡି ଓ ତାଙ୍କ ସ୍ତ୍ରୀ ବାସନ୍ତୀ (୩୮)। ଶେଷରେ ପତ୍ନୀଙ୍କ ଚିକିତ୍ସା ନକରାଇ ଘରକୁ ଫେରାଇ ନେଇଥିବା ଧନସାଇ ଅଭିଯୋଗ କରିଛନ୍ତି।

ଧନସାଇଙ୍କ କହିବାନୁଯାୟୀ, ଗତ ମଇ ୨୯ ତାରିଖରେ ତାଙ୍କ ପତ୍ନୀ ବାସନ୍ତୀ ଡାଇବେଟିଜ୍‌ରେ ପୀଡ଼ିତ ହୋଇ ଅଚେତ ହୋଇପଡ଼ିଥିଲେ। ପ୍ରଥମେ ତାଙ୍କୁ ଜୟପୁରରେ ଥିବା ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଅକ୍ସିଜେନ୍



ଦେଇ ଆମ୍ବୁଲାନ୍ସରେ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିଲା। ଆଉ ଦିନେ ୨ ଦିନ ଭିତରେ ସେ ଡିସ୍‌ଚାର୍ଜ ହୋଇ ଘରକୁ ଫେରିଥାନ୍ତେ। ହେଲେ ଗତ ୫ ତାରିଖରେ ତାଙ୍କ ପତ୍ନୀଙ୍କୁ ସାଲାଇନ୍ ଦେବାକୁ ଆସିଥିଲେ ଜଣେ ନର୍ସ।

ଦୁଃଖର ବିଷୟ, ସାଲାଇନଟିକୁ ମୂଷା କାଟି ଦେଇଥିଲା। ବେଡ୍‌ରେ ରଖାଯାଇଥିବା ବେଳେ ଡ୍ରପ୍ ଡ୍ରପ୍ ହୋଇ ଔଷଧୀୟ ପାଣି ପଡୁଥିଲା। ଏହା ଦେଖି ସେ ମୂଷା କଟା ସାଲାଇନକୁ ବଦଳାଇବା ପାଇଁ ନର୍ସଙ୍କୁ ଅନୁରୋଧ କରିଥିଲେ। ତାଙ୍କ କଥା ଶୁଣି ନର୍ସଜଣଙ୍କ ଉତ୍ତ୍ୟକ୍ତ ହୋଇ ନୂଆ ସାଲାଇନ୍ ନଦେଇ ଫେରି ଯାଇଥିଲେ। ଡାକ୍ତରଙ୍କ ପରିଦର୍ଶନ ବେଳେ ଏ ବିଷୟରେ ଜଣାଇଥିଲେ। ଡାକ୍ତର ମଧ ତାଙ୍କ କଥା ଶୁଣିବା ବଦଳରେ ଓଲଟା ବିଗିଡ଼ି ଥିଲେ। ଉତ୍ତ୍ୟକ୍ତ ହୋଇ କହିଥିଲେ, ତମେ ରୋଗୀକୁ ସେବା କରିବାକୁ ଆଣିନ, ତମର ବୁଝିବାର ଶକ୍ତି ନାହିଁ। ବ୍ରହ୍ମପୁରକୁ ସ୍ଥାନାନ୍ତର କରିଦେବି, ନେଇଯାଅ ବୋଲି ଉତ୍ତ୍ୟକ୍ତ ହୋଇ କହିଥିଲେ। ଆଉ ଦିନକର ଚିକିତ୍ସା ବାକି ଥିଲେ ବି ଡାକ୍ତର ଓ ନର୍ସଙ୍କ ଦୁର୍ବ୍ୟବହାରରେ ଅତିଷ୍ଠ ହୋଇ ପତ୍ନୀଙ୍କୁ ନେଇ ଘରକୁ ଫେରି ଯାଇଥିଲେ।

କେବଳ ଧନସାଇ କି ବାସନ୍ତୀ ନୁହନ୍ତି, ତାଙ୍କ ଭଳି ଅନ୍ୟ ରୋଗୀ ଓ ସମ୍ପର୍କୀୟମାନେ ବି ମେଡିକାଲ୍ କର୍ମଚାରୀଙ୍କ ଅଶାଳୀନ ବ୍ୟବହାରର ଶିକାର ହେଉଛନ୍ତି। ଯଦି କେହି ବିରୋଧ କଲେ ଅଯଥାରେ ହଇରାଣ କରାଯାଉଛି। ଯାହାଫଳରେ ଭୟଭୀତ ହୋଇ ଚିକିତ୍ସା କରାଇବା ବଦଳରେ ରୋଗୀଙ୍କୁ ନେଇ ସମ୍ପର୍କୀୟମାନେ ଘରକୁ ଫେରିଯାଉଛନ୍ତି। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଏଥିପ୍ରତି ଦୃଷ୍ଟିଦେଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ଏ ସମ୍ପର୍କରେ ପଚାରିବାକୁ ମେଡିକାଲ୍ ସୁପରିଣ୍ଟେଣ୍ଡେଣ୍ଟ ସୁଶାନ୍ତ କୁମାର ସାହୁଙ୍କ ସହ ଯୋଗାଯୋଗ କରାଯାଇଥିଲା। ଫୋନ୍ ନଲାଗିବାରୁ ତାଙ୍କ ମତାମତ ମିଳିପାରିନାହିଁ।

# ଆକାଶ ଛୁଆଁ କଞ୍ଚାମାଲ୍ ଦର, ଚିନ୍ତାରେ ଆବାସ ହିତାଧିକାରୀ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

କୋରାପୁଟ ଜିଲ୍ଲାର ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ଡେଙ୍ଗପଦର ଗ୍ରାମରେ ଏବେ ଚିନ୍ତାରେ ଆବାସ ହିତାଧିକାରୀ। ସରକାରୀ ଆବାସ ଘର ନିର୍ମାଣ ପାଇଁ ମିଳୁନାହିଁ ଆବଶ୍ୟକ କଞ୍ଚାମାଲ। ବାଲି ଓ ଗୋଡ଼ିର ଦର ଆକାଶଛୁଆଁ ହୋଇ ଥିବା ବେଳେ ଅଧାରେ ଅଟକି ରହିଛି ଅନେକ ଘର କାମ। ଗରିବ ଲୋକଙ୍କ ପାଇଁ ପକ୍କା ଘରର ସ୍ୱପ୍ନ ସାକାର କରିବାକୁ ସରକାର ଆରମ୍ଭ କରିଛନ୍ତି ଆବାସ ଯୋଜନା। କିନ୍ତୁ ବର୍ତ୍ତମାନ କଞ୍ଚାମାଲ୍ ଅଭାବ ଯୋଗୁଁ ସମସ୍ୟାରେ ପଡ଼ିଛନ୍ତି ହିତାଧିକାରୀ। ବୋରିଗୁମ୍ମା ବ୍ଲକର ଡେଙ୍ଗପଦର ଗ୍ରାମରେ ଘର ନିର୍ମାଣ ପାଇଁ ବାଲି ଓ ଗୋଡ଼ି ସହଜରେ ମିଳୁନାହିଁ। ଯେଉଁ ସାମଗ୍ରୀ ଆଗରୁ କମ୍ ଦରରେ ମିଳୁଥିଲା, ଏବେ ସେହି ସାମଗ୍ରୀକୁ ଅଧିକ ଦର ଦେଇ କିଣିବାକୁ ପଡୁଛି। ଫଳରେ ସରକାରୀ ସହାୟତା ରାଶିରେ ଘର କାମ ସମ୍ପୂର୍ଣ୍ଣ କରିବା ହିତାଧିକାରୀଙ୍କ ପାଇଁ କଷ୍ଟକର ହୋଇପଡ଼ିଛି। ବର୍ଷା ଋତୁ ଆସୁଥିବା ବେଳେ ଘର କାମ ସରିବ କି ନାହିଁ ସେନେଇ ଚିନ୍ତାରେ ରହିଛନ୍ତି ପରିବାର। ଏହା ସହିତ କଞ୍ଚାମାଲ୍ ଦର ନିୟନ୍ତ୍ରଣ ଓ ସହଜ ଯୋଗାଣ ପାଇଁ ପ୍ରଶାସନକୁ ଦାବି କରିଛନ୍ତି ଗ୍ରାମବାସୀ।

ଅନ୍ୟପଟେ ଏ ସମ୍ପର୍କରେ ଜନ ଶୁଣାଣୀ ସମୟରେ ଜିଲ୍ଲାପାଳଙ୍କୁ ଅବଗତ କରାଇବାରୁ ସେ କହିଛନ୍ତି ଯେ, ବର୍ତ୍ତମାନ ଏହି ସମସ୍ୟା ଆମର ଦୃଷ୍ଟିଗୋଚର ହୋଇଛି କିନ୍ତୁ, ଆଗରୁ ଅଧିକାଂଶ ସ୍ଥାନରେ ବେଆଇନ ବାଲି ଓ ଗୋଡ଼ି ପଥର ଖାଦାନ ବେଆଇନ ଭାବେ ଚାଲିଥିଲା ଯାହା ଉପରେ ପ୍ରଶାସନ ଦୃଢ଼ ଆକ୍ସନ ନେଇଛି ଓ ଆଗାମୀ ଦିନରେ ଯେଉଁ ସବୁ ଜାଗାରେ ଏହି ସବୁ କଞ୍ଚାମାଲ୍ ସୁବିଧାରେ ହିତାଧିକାରୀଙ୍କୁ ମିଳିପାରିବ ତାକୁ ନେଇ ଆଲୋଚନା କରାଯିବ ଓ ଖୁବ୍ ଶୀଘ୍ର ଏ ସବୁର ସମାଧାନ ମଧ କରାଯିବ। କେବଳ ଯୋଜନା ଘୋଷଣା କଲେ ହେବନି, ହିତାଧିକାରୀମାନେ କିପରି ସମୟରେ ଘର କାମ ସମ୍ପୂର୍ଣ୍ଣ କରିପାରିବେ ସେଥିପାଇଁ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି।

# ମୁକୁଳା ୧୧ କେଭି ଟ୍ରାନ୍ସଫର୍ମର ସାଙ୍ଗକୁ ଗଭୀର ଗର୍ତ୍ତ

## ବଡ଼ ଅଘଟଣ ଆଶଙ୍କାରେ ଧୁଳିଗୁଡ଼ା ଗ୍ରାମବାସୀ

**ଥୁଆମୂଳ ରାମପୁର, ନ୍ୟୁଜ୍ ବ୍ୟୁରୋ**



କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ୍ କାଣୀଗୁମା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଧୁଳିଗୁଡ଼ା (ମାନିଆଁଗୁଡ଼ା) ଠାରେ ବିଦ୍ୟୁତ ବିଭାଗର ଅବହେଳା ଦେଖିବାକୁ ମିଳିଛି। ଥୁଆମୂଳ ରାମପୁର-ଭବାନୀପାଟଣା ମୁଖ୍ୟ ରାସ୍ତା କଡ଼ରେ ଥିବା ଏକ ଆବାସିକ ଗୃହ ନିକଟରେ ଏକ ୧୧ କେଭି ଟ୍ରାନ୍ସଫର୍ମର ଦୀର୍ଘ ଦିନ ହେବ ସମ୍ପୂର୍ଣ୍ଣ ମୁକୁଳା ଅବସ୍ଥାରେ ପଡ଼ିରହିଛି। ଏହାର ଚାରିପାଖରେ ସୁରକ୍ଷା ପାଚେରୀ ନଥିବା ବେଳେ ସ୍ଥାପନ ସ୍ଥାନରେ ଏକ ଗଭୀର ଗର୍ତ୍ତ ସୃଷ୍ଟି ହୋଇଛି, ଯାହା ବିପଦକୁ ଦ୍ୱିଗୁଣିତ କରିଛି। ଏହି ଟ୍ରାନ୍ସଫର୍ମର ଦ୍ୱାରା ସ୍ଥାନୀୟ ଅଞ୍ଚଳର ପ୍ରାୟ ୧୨ଟି ପରିବାର ବିଦ୍ୟୁତ ସେବା ପାଉଛନ୍ତି। ହେଲେ ସୁରକ୍ଷା ବ୍ୟବସ୍ଥା ନଥିବାରୁ ଗ୍ରାମର ଛୋଟ ପିଲା ଏବଂ ଗୃହପାଳିତ ଗାଈ-ଗୋରୁଙ୍କ ଜୀବନ ସର୍ବଦା ବିପନ୍ନ ହୋଇପଡ଼ିଛି। ବିଶେଷ କରି ରାତି ସମୟରେ ଅନ୍ଧାର ଯୋଗୁଁ ଏହି ଗଭୀର ଖାତରେ ପଡ଼ି କେହି ମଧ ସିଧାସଳଖ ହାଇଭୋଲଟେଜ୍ ମୁକୁଳା ତାର ସଂସ୍ପର୍ଶରେ ଆସିବାର ବ୍ୟାପକ ଆଶଙ୍କା ରହିଛି। ଏନେଇ ବିଭାଗୀୟ ଯନ୍ତ୍ରୀ ଶୁଭ୍ରତଜିତ୍ ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି, ଅଞ୍ଚଳର ଏଭଳି ସମସ୍ୟା ଗୁଡ଼ିକୁ ଆମେ ବୈଠକରେ ଉପରସ୍ଥ ଅଧିକାରୀଙ୍କ ନିକଟରେ ଉପସ୍ଥାପନ କରୁଛୁ। ନିର୍ଦ୍ଦେଶ ଅନୁଯାୟୀ, ପ୍ରଥମେ ଅତି ଜରୁରୀ ବିପଦପୂର୍ଣ୍ଣ ସ୍ଥାନଗୁଡ଼ିକରେ ପାଚେରୀ ନିର୍ମାଣ କରାଯାଉଛି। ଧୁଳିଗୁଡ଼ା ଗ୍ରାମର ଏହି ସମସ୍ୟା ବାବଦରେ ଆମେ ପୁନର୍ବାର ଉପରସ୍ଥ ଅଧିକାରୀଙ୍କୁ ଜଣାଇବୁ ଏବଂ ଅନୁମୋଦନ ମିଳିବା ମାତ୍ରେ ତୁରନ୍ତ କାର୍ଯ୍ୟ କରାଯିବ ବୋଲି କହିଛନ୍ତି। କୌଣସି ଧନଜୀବନ ହାନି ହେବା ପୂର୍ବରୁ ବିଦ୍ୟୁତ ବିଭାଗ ତୁରନ୍ତ ଏହି ମାରାତ୍ମକ ଗର୍ତ୍ତକୁ ପୋତିବା ସହ ଟ୍ରାନ୍ସଫର୍ମର ଚାରିପାଖେ ମଜବୁତ ପ୍ରାଚୀର ନିର୍ମାଣ କରନ୍ତୁ, ନଚେତ୍ ଏହାକୁ ଅନ୍ୟତ୍ର ସ୍ଥାପନ କରନ୍ତୁ ବୋଲି ଧୁଳିଗୁଡ଼ା ଗ୍ରାମବାସୀ ଦୃଢ଼ ଦାବି କରିଛନ୍ତି।

# ୮୮୫ ଲିଟର ବେଆଇନ ମହୁଲି ମଦ ଜବତ : ୭ ଗିରଫ



**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ଗତ ୪ ତାରିଖ ରେ ରାଉରକେଲା ଅବକାରୀ ଅଧୀକ୍ଷକ ଧନେଶ୍ୱର ବରାଡ଼ଙ୍କ ନିର୍ଦ୍ଦେଶକ୍ରମେ, ରାଉରକେଲା ବିଭାଗ ପକ୍ଷରୁ ବୁଚାହଣ୍ଡା, ରେଲା ପୋଷ, ଖଇରବନ୍ଧ, ରାଉରକେଲା ଟାଉନ ଅଞ୍ଚଳରେ ଚଢ଼ଉ କରି ୭ଟି କ୍ଲେମ୍ କେସ୍ ଏବଂ ୦୪ ଗୋଟି ଅନ୍‌କ୍ଲେମ୍ କେସ୍ ମୋଟ ୧୧ଟି କେସ ରୁଜୁ କରାଯିବା ସହିତ ମୋଟ ୮୮୫ ଲିଟର ବେଆଇନ ମହୁଲି ମଦ ଜବତ କରାଯାଇଛି ଏବଂ ୧୭୯୫୦ କି.ଗ୍ରା ମହୁଲ ପୋଚ ଘଟଣା ସ୍ଥଳରେ ନଷ୍ଟ କରାଯାଇଛି। ୭ ଜଣ ଆସାମୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ହୀରାମଣି କୁମ୍ଭାର, ସୁକାନ୍ତି ତନ୍ତି, ସୁମିତ୍ରା କୁମ୍ଭାର, ସରିତା କୁମ୍ଭାର, ଦୀପ ନାରାୟଣ ଦାସ, ଅଜିତ ମାହାଲି। ଏହି ଚଢ଼ଉରେ ଅବକାରୀ ଇନ୍ସପେକ୍ଟର ମୋହନ ପଧାନ ଓ ଇନ୍ସପେକ୍ଟର ହେମନ୍ତ ମହାନନ୍ଦିଆ, ଏଏସଆଇ ବିନୋଦିନୀ ବେହେରା, ବିଦ୍ୟୁତ ଭୂଷଣ ଦାଶ ଓ ଯୁବରାଜ ବାଗ୍ ଓ ଷ୍ଟାଫ ଗୋବର୍ଦ୍ଧନ ବିଶି, ସୌମ୍ୟ ରଞ୍ଜନ ସାହୁ, ଆୟେଶା ମିଞ୍ଜ, ତ୍ରିଲୋଚନ ପାଢ଼ୀ, ପ୍ରଦୀପ ଲୁଗୁନ, ସୁକାନ୍ତ ଅମାତ, ବବୁଲ ସ୍ୱାଇଁ, ଭିକଟୋରିଆ ଡୁଙ୍ଗଡୁଙ୍ଗ, ଲିଳିମା ଭୋଇ, ସୂର୍ଯ୍ୟକାନ୍ତ ସ୍ୱାଇଁ, ନିରଞ୍ଜନ ରାଉତ, ଜଗନ୍ନାଥ ମୁଣ୍ଡାରୀ ଆଦି ସାମିଲ ଥିଲେ।

# ପାତାଳି ଶ୍ରୀକ୍ଷେତ୍ରକୁ ପ୍ଲାଷ୍ଟିକ୍ ମୁକ୍ତ କରିବା ଉପରେ ଗୁରୁତ୍ୱ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

ତ୍ରିକୁଟ ପାହାଡ଼ ପାଦ ଦେଶର ଥିବା ପାତାଳି ପୀଠରେ ସୁବର୍ଣ୍ଣପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରୀନୋଭାଇବ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ଯାଲୋଇ ବନଖଣ୍ଡର ବନପାଳ ପ୍ରଦିପ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପାତାଳି ପରିଚାଳନା କମିଟିର ମୁଖ୍ୟ ପୂର୍ଣ୍ଣଚନ୍ଦ୍ର ପାଢ଼ି, କୋଟ୍‌ସମଲାଇ ସରପଞ୍ଚ ବେଦମତି ମେଣ୍ଡିଲି, ସମାଜସେବୀ ସତ୍ୟାନନ୍ଦ ମେଣ୍ଡିଲି, ନବ ନିର୍ମାଣ କୃଷକ ସଂଗଠନର ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ କୁମାର ପାଢ଼ି ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ। ପାତାଳି ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ଜନସଭା ଆୟୋଜିତ ହୋଇଥିଲା। ଉକ୍ତ ସଭାରେ ଅଞ୍ଚଳର ୫୦ ରୁ ଉର୍ଦ୍ଧ ଯୁବକ ଯୋଗଦେଇ ଥିଲେ। ଅତିଥିମାନେ ବିଭିନ୍ନ ବିଷୟ ଯଥା- ବନଗ୍ରାମ ସୃଷ୍ଟି, ଫଳ ଜଙ୍ଗଲର ପରିକଳ୍ପନା, ବନ୍ୟାଜନ୍ତୁଙ୍କ ସଂରକ୍ଷଣ ଉପରେ ଚର୍ଚ୍ଚା କରିଥିବା ବେଳେ ପ୍ଲାଷ୍ଟିକ୍ ମୁକ୍ତ ପାତାଳି ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ପରିବେଶବିତ୍ ତଥା ଗ୍ରୀନୋଭାଇବ୍‌ର ସମ୍ପାଦକ ଅବନୀ କୁମାର ଶତପଥୀ ଏ ବର୍ଷର ପରିବେଶ ଦିବସର ବିଷୟ 'ପ୍ରକୃତି ଅନୁପ୍ରାଣିତ ଜଳବାୟୁ, ଆମ ଭବିଷ୍ୟତ ପାଇ' ଉପରେ ଆଲୋଚନା କରିଥିଲେ। ମୁକ୍ତ ସଭାର ଆଲୋଚନା ବେଳେ ଯୁବଗୋଷ୍ଠୀ ଏକ ବର୍ଷ ମଧ୍ୟରେ ପାତାଳିକୁ କିପରି ପ୍ଲାଷ୍ଟିକ୍ ମୁକ୍ତ କରିହେବ ସେ ବିଷୟରେ ଚର୍ଚ୍ଚା କରିଥିଲେ। ଉକ୍ତ ସଭାରେ ସଂଗଠନର ସହ-ପ୍ରତିଷ୍ଠାତା ଅଶ୍ୱିନୀ କୁମାର ଧନ୍ୟବାଦ ପ୍ରଦାନ କରିଥିଲେ। ପରିଶେଷରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ସହ ଯୁବଗୋଷ୍ଠୀଙ୍କ ମିଳିତ ସହଯୋଗରେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସଂଗ୍ରହ କରି ତାକୁ ସଠିକ୍ ଭାବରେ ଅନ୍ୟତ୍ର କରାଯାଇଥିଲା। ସର୍ବ ସମ୍ମତି କ୍ରମେ ଏହି ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସଂଗ୍ରହ କରିବା କାର୍ଯ୍ୟକ୍ରମକୁ ଆଗକୁ ଚାଲୁରଖିବା ସହ ପ୍ଲାଷ୍ଟିକ୍ ମୁକ୍ତ ପାତାଳି ଗଠନ କରିବାର ସଂକଳ୍ପ କରାଗଲା। ଏକ ନିଆରା ପ୍ରୟାସ ଭାବେ ସିଗ୍ନେଚର କ୍ୟାମ୍ପେନ୍ ମଧ କରାଯାଇ ଥିଲା ଯାହା ପରିବେଶ ପ୍ରତି ଉତ୍ତରଦାୟିତ୍ୱର ବାର୍ତ୍ତା ବହନ କରିଥିଲା।

# ଜିଲ୍ଲାସ୍ତରୀୟ ୫୦ତମ ସଡ଼କ ସୁରକ୍ଷା

## ୫ ମାସରେ ୧୧୧ ସଡ଼କ ଦୁର୍ଘଟଣାରେ ୫୪ ଜଣଙ୍କ ପ୍ରାଣହାନି

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳ ଡଃ ଦିଲ୍ଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ୫୦ତମ ସଡ଼କ ସୁରକ୍ଷା ସମିତି ବୈଠକ ସଦ୍‌ଭାବନା ଗୃହରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ଆରଟିଓ ଶୁଭେନ୍ଦୁ କୁମାର ରାୟ, ଏନଏଚ ପିଡି ଦର୍ପି ପ୍ରକାଶ, ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ପୂର୍ତ୍ତ ବିଭାଗ ଏସଇଙ୍କ ସହ କମିଟିର ସଦସ୍ୟ ଅତିଶ କୁମାର ବେହେରା, ରବି ଖିଲାର, ବସ୍ ସିଣ୍ଡିକେଟ୍‌ର ସଭାପତି ଶ୍ରୀନିବାସ ପତି ଓ ସଂପୃକ୍ତ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ମୁଖ୍ୟତଃ ଭଦ୍ରକ ସହରର ଦୁଇ ଉପକଣ୍ଠ ଅଞ୍ଚଳରେ ସହର ମଧ୍ୟକୁ ପ୍ରବେଶ କରୁଥିବା ସର୍ଭିସ୍ ରୋଡ୍‌ରେ ଯାତ୍ରୀବାହୀ ବସ୍ ଓ ଭାରିଯାନ ଗୁଡ଼ିକର ଯାତାୟାତରେ ସୃଷ୍ଟ ଟ୍ରାଫିକ୍ ନିୟନ୍ତ୍ରଣକୁ କିପରି ରୋକାଯିବ, ଏ ନେଇ ଆଲୋଚନା ହୋଇଥିଲା। ଗେଲପୁରସ୍ଥିତ ନୂଆ ମେଡିକାଲଟିର ଜନସାଧାରଣଙ୍କ ଯାତାୟାତକୁ କିପରି ବିପଦମୁକ୍ତ କରାଯିବ, ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ୪୪ କୋଟି ଟଙ୍କା ବ୍ୟୟ ଅଟକଳରେ ସେଠାରେ ଏକ ଫୁଟ୍ ଓଭରବ୍ରିଜ୍ ନିର୍ମାଣ କରାଯିବା ପାଇଁ ପ୍ରସ୍ତାବ ରଖାଯାଇଥିଲା। ଅନ୍ୟପକ୍ଷରେ ଆଖୁଆପଦା ଠାରୁ ଭଦ୍ରକ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଲଗାଯାଇଥିବା ୨୪ ଶହ ଲାଇଟ୍ ମଧ୍ୟରୁ ଅଚଳ ଥିବା ୩୧୧ଟିକୁ ତୁରନ୍ତ ସଚଳ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଗତବର୍ଷ ତୁଳନାରେ ଚଳିତବର୍ଷର ୫ ମାସ ମଧ୍ୟରେ ସଡକ ଦୁର୍ଘଟଣା ଓ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା କମିଛି। ଚଳିତବର୍ଷ ଜାନୁଆରୀରୁ ମଇ ମାସ ମଧ୍ୟରେ ୧୧ଟି ସଡ଼କ ଦୁର୍ଘଟଣା ଘଟି ୫୪ ଜଣଙ୍କର ପ୍ରାଣ ହାନି ଘଟିଥିବାବେଳେ ୨୦୨୫ରେ ଏହି ମାସ ମଧ୍ୟରେ ୧୩୭ଟି ଦୁର୍ଘଟଣା ଘଟିଥିବାବେଳେ ୭୩ ଜଣଙ୍କର ମୃତ୍ୟୁ ହୋଇଥିଲା। ଚଳିତବର୍ଷ ୨୦୨୬-୨୭ ମସିହାରେ ଭଦ୍ରକ ସଡ଼କ ପରିବହନ କର୍ତ୍ତୃପକ୍ଷଙ୍କ ତରଫରୁ ହୋଇଥିବା ଚଢ଼ଉ କାର୍ଯ୍ୟକ୍ରମରେ ୩୫୦ଟି ଅମାନିଆ ଗାଡ଼ି ଚାଳକଙ୍କ ବିରୁଦ୍ଧରେ ଚାଲାଣ କଟାଯାଇଥିବା ବେଳେ ୧୩୯ଟି ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି। ଜରିମାନା ବାବଦରେ ୪୩ ଲକ୍ଷ ୮୯ ହଜାର ୨୫୫ ଟଙ୍କା ଆଦାୟ କରାଯାଇଛି। ହେଲମେଟ୍ ବ୍ୟବହାର କରୁ ନ ଥିବା ୧୨୩୬ ଜଣ ବାଇକ୍ ଚାଳକଙ୍କ ମଧ୍ୟରୁ ୭୩ ଜଣଙ୍କର ଲାଇସେନ୍ସ ରଦ୍ଦ ହୋଇ ଜରିମାନା ବାବଦରେ ୮୬ ହଜାର ଟଙ୍କା, ଦ୍ରୁତଗତିରେ ଚାଳନା କରୁଥିବା ୧୬୭୯ଙ୍କ ମଧ୍ୟରୁ ୩୧ ଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇ ୨ ଲକ୍ଷ ୭୮ ହଜାର ଜରିମାନା ଆଦାୟ କରାଯାଇଛି। ଗାଡ଼ି ଚାଳନା ସମୟରେ ମୋବାଇଲ୍ ବ୍ୟବହାର କରିଥିବା ୧୧୧ ଜଣଙ୍କ ମଧ୍ୟରୁ ୨ ଜଣଙ୍କର ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇ ୫ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ମାଲ୍ ବୁହା ଗାଡ଼ିରେ ଯାତ୍ରୀ ପରିବହନ କରୁଥିବା ୨୧ ଜଣଙ୍କ ବିରୁଦ୍ଧରେ ଚାଲାଣ କଟାଯାଇ ୫ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇ ୩୦ ହଜାର ଟଙ୍କା ଜରିମାନା, ଓଭରଲୋଡିଂ ବାବଦରେ ୭ଟି ଚାଲାଣ କଟାଯାଇ ୪ ଜଣ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇ ୫୦ ହଜାର ୯୬୦ ଜରିମାନା ଆଦାୟ କରାଯାଇଛି। ଟ୍ରିପୁଲ ରାଇଡିଂ ବାବଦରେ ୬୯ ଜଣଙ୍କର ଚାଲାଣ କଟାଯାଇ ୨ ହଜାର ଟଙ୍କା, ସିଟ୍ ବେଲ୍ଟ ନଥାଇ ଡ୍ରାଇଭିଂ କରୁଥିବା ୩୮ ଜଣଙ୍କ ବିରୁଦ୍ଧରେ ଚାଲାଣ କଟାଯାଇ ୬ ହଜାର ଟଙ୍କା ଏବଂ ସଡକ ପାର୍ଶ୍ୱରେ ବେଆଇନ୍ ଭାବେ ପାର୍କିଂ କରୁଥିବା ୩୮ଟି ଚାଲାଣ କଟାଯାଇ ୧୫ ଶହ ଟଙ୍କା, ନାବାଳକ ଡ୍ରାଇଭିଂ କରୁଥିବା ବାବଦରେ ୫ଟି ଚାଲାଣ କଟାଯାଇ ୨୫ ହଜାର ଟଙ୍କା ଓ ଅନ୍ୟାନ୍ୟ ମାମଲାରେ ୩୮ ଲକ୍ଷ ୫୪ ହଜାର ୭୯୫ ଟଙ୍କା ଆଦାୟ କରାଯାଇଛି।

# ଚୋରଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି ବାଲିପାଟଣା : ଦେଢ଼ ମାସରେ ୧୨ରୁ ଅଧିକ ଚୋରି

**ବାଲିପାଟଣା, ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର କମିଶନରେଟ୍ ପୁଲିସ ଅଧୀନ ବାଲିପାଟଣା ଥାନା ବନମାଳୀପୁର ଫାଣ୍ଡି ଅଞ୍ଚଳ ଏବେ ଚୋରଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି। ଗତ ଦେଢ଼ମାସ ମଧ୍ୟରେ ଏହି ଅଞ୍ଚଳରେ ୧୨ରୁ ଉର୍ଦ୍ଧ୍ୱ ଚୋରି ଘଟିଲାଣି। ଖାଲି ସେତିକି ନୁହେଁ, ଚୋରମାନେ ଥରେ ଯେଉଁ ସ୍ଥାନରୁ ଚୋରି କରୁଛନ୍ତି, ପୁନର୍ବାର କିଛିଦିନ ପରେ ଆସି ସେହି ସ୍ଥାନରୁ ଚୋରି କରି ନେଉଛନ୍ତି। ଅଥଚ ପୁଲିସ କିଛି କରିପାରୁନାହିଁ। ପରିସ୍ଥିତି ଏପରି ହେଲାଣି ଯେ ଲୋକେ ଘର ଛାଡ଼ି ଯିବାକୁ ଡରୁଛନ୍ତି। ଘର, ଦୋକାନ, ମନ୍ଦିର ସବୁ ସ୍ଥାନରୁ ହେଉଛି ଚୋରି। ଏମିତିକି ଗୁହାଳୁ ଛେଳି, ମେଣ୍ଢା ବି ଟେକି ନେଉଛନ୍ତି। ଗତ କିଛିଦିନ ମଧ୍ୟରେ ଏହି ଅଞ୍ଚଳରେ ଚୋରି, ଲୁଟ୍, ଦିନ ଦିପହରେ ଯୁବକଙ୍କୁ ପିଟି ପିଟି ହତ୍ୟା, ଅବାଧ ନିଶା କାରବାର ଭଳି ସଙ୍ଗୀନ ଘଟଣା ଘଟିଛି, ଯାହାକି ପୁଲିସର ନିଷ୍କ୍ରିୟତାଙ୍କୁ ପ୍ରମାଣିତ କରୁଛି। ପୁଲିସ କେବଳ ଲୋକଦେଖାଣିଆ ତଦନ୍ତ କରି ବସିଯାଉଛି। ତେଣୁ ଚୋରମାନେ ଜାଣିସାରିଲେଣି ଯେ ଚୋରି କରିବାକୁ ହେଲେ ବାଲିପାଟଣା ସବୁଠୁ ସୁବିଧାଜନକ ଅଞ୍ଚଳ। ଗତ ମାସ ୨୦ ତାରିଖରେ ବନମାଳୀପୁର ଫାଣ୍ଡି ଅଧୀନ ଦେଉଳିଧରପୁର ସ୍ଥିତ ବୁଦ୍ଧିକେଶ୍ୱର ମନ୍ଦିରରୁ ଦୁର୍ବୃତ୍ତମାନେ ଚୋରି କରିଥିଲେ। ମନ୍ଦିର ତାଲା ଭାଙ୍ଗି ଦାନ ହୁଣ୍ଡିରୁ ନଗଦ ୧୩ ହଜାର ଟଙ୍କା, ୨ଟି ବଡ଼ ପିତ୍ତଳ ଘଣ୍ଟି, ୨ଟି ବଡ଼ ପିତ୍ତଳ ଥାଳି, ୨ଟି ପିତ୍ତଳ ଢାଳ ଓ ଗୋଟିଏ ପିତ୍ତଳ ବାଲ୍ଟି ସହ ବହୁ ବାସନ, ଗ୍ୟାସ ସିଲିଣ୍ଡର ଆଦି ଚୋରି କରି ନେଇଥିଲେ। ପୁଲିସ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ କରିଥିଲେ ମଧ ଚୋରଙ୍କ ପତ୍ତା ମିଳିନଥିଲା। ଫଳରେ ଚୋରମାନେ ପୁଲିସକୁ ଚ୍ୟାଲେଞ୍ଜ ଦେଇ ମନ୍ଦିରରୁ ଚୋରି କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ମନ୍ଦିର ପ୍ରାଙ୍ଗଣରେ ଥିବା ଘର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ମୂଲ୍ୟବାନ ସାଉଣ୍ଡ ମେସିନ, ଷ୍ଟାଣ୍ଡ, ମାଇକ୍ରୋଫୋନ, ସାଉଣ୍ଡ ସିଷ୍ଟମ, ବୈଦ୍ୟୁତିକ ଉପକରଣ ସହ ବାସନକୁସନ ଲୁଟି ନେଇଛନ୍ତି।

ମେ' ମାସରେ ବାସୁଦେବ ଜୁଏଲେରୀ ଦୋକାନରୁ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଲୁଟ୍ କରିଥିଲେ। ପରେ ଅଠାନ୍ତର ମେଡିକାଲ ଛକ ନିକଟ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ଘରୁ ତାଲା ଭାଙ୍ଗି ୬ ଭରି ସୁନା ଓ ଦେଢ଼ ଲକ୍ଷ ଟଙ୍କା ଲୁଟ୍ କରିଥିଲେ। ସେହିପରି ଭଆଁରା ନିଜିଗଡ଼ରୁ ସୁନା ଗହଣା ଚୋରି ହୋଇଥିଲା। ବିଶ୍ୱନାଥପୁରସ୍ଥିତ ମା' ଦକ୍ଷିଣେଶ୍ୱରୀ ମନ୍ଦିରରୁ ଦୁର୍ବୃତ୍ତମାନେ ମା'ଙ୍କ ସୁନା ଚିତ୍ତା ସହିତ ଅନ୍ୟାନ୍ୟ ଗହଣା ଓ ସାମଗ୍ରୀ ଲୁଟ୍ କରିଥିଲେ। ଆଇତଳଙ୍ଗ ନିକଟ ମା'ନାରାୟଣୀ ମନ୍ଦିରରୁ ମଧ ଲୁଟ୍ ହୋଇଥିଲା। ରାଜସ ମହାଦେବ ମନ୍ଦିରରୁ ଦୁଇ ଦୁଇ ଥର ଚୋରି ହୋଇଥିଲେ ମଧ ପୁଲିସ କାହାରିକୁ ଧରିପାରି ନାହିଁ। ସରଦେଇପୁର ନିମାପଡ଼ା ପୂର୍ତ୍ତ ବିଭାଗ ରାସ୍ତାର ଦୋରବାଙ୍ଗ ଛକଠାରେ ଦୁଇ ଜଣ ଯୁବକ ଦିନ ଦିପହରେ ବଦଳା ଶାସନ ଗ୍ରାମର ଜଣେ ଯୁବକଙ୍କୁ ଭୁଜାଲି ଦେଖାଇ ମାଡ଼ ମାରି ଲୁଟ୍ କରିଥିଲେ। ୩୦ ତାରିଖ ବିଳମ୍ବିତ ରାତିରେ କୁଳନ୍ତିରା ଶାସନ ଗ୍ରାମର ବିଜୟ ମଲ୍ଲିକଙ୍କ ଗୁହାଳୁ କେହି ଦୁର୍ବୃତ୍ତ ୬ଟି ଛେଳି ଚୋରି କରିନେଇଥିଲା। ଏହି ଅଞ୍ଚଳରେ ବ୍ରାଉନସୁଗର, ଚୋରାମଦ, ଗଞ୍ଜେଇ ଓ ଭାଙ୍ଗ ଆଦି ଅବାଧରେ ବିକ୍ରି ଚାଲିଛି। ନିଶା କବଳରେ ପଡ଼ି ଅନେକ ଜୀବନ ବି ଗଲାଣି। ମହାବୀର ଛକର ଶିବପ୍ରସାଦ ସାହୁ(୨୧) ଓ ବେଙ୍ଗବତି ବସ୍ତିର ମଟୁ ଖାଁ(୩୦)ଙ୍କ ନିଶା ସେବନ ଯୋଗୁ ମୃତ୍ୟୁ ଘଟିଛି। ସେହିପରି ନିଶା ବେପାରକୁ ନେଇ ରାକେଶ ଦାସ ନାମକ ଜଣେ ଯୁବକଙ୍କୁ ନିଶାଡ଼ିମାନେ ହତ୍ୟା କରିଥିଲେ। ଅଳ୍ପ କିଛିଦିନ ମଧ୍ୟରେ ଏତେ ସବୁ ଘଟଣା ଘଟିଥିଲେ ମଧ ପୁଲିସ ନୀରବ ଦ୍ରଷ୍ଟା ସାଜିବା ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି।

# ସିସି ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ଅଭିଯୋଗ

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ୍ ଟିଗଲ ପଞ୍ଚାୟତ ଅନ୍ତର୍ଗତ ଏମପିଭି - ୪୫ ଗ୍ରାମରେ ଚାଲିଥିବା ସିସି ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ନିମ୍ନମାନର କାର୍ଯ୍ୟ ଯୋଗୁଁ ଅଳ୍ପ ଦିନରେ ରାସ୍ତା ନଷ୍ଟ ହେବା ଆଶଙ୍କା ରହିଥିବା ବେଳେ ରାସ୍ତା କାମକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକାରେ ରାସ୍ତା ନିର୍ମାଣରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ଗ୍ରାମବାସୀଙ୍କ ଦୀର୍ଘ ଦିନର ଦାବି ପରେ ଏହି ସିସି ରାସ୍ତା ନିର୍ମାଣ କରାଯାଉଛି। କିନ୍ତୁ ନିୟମାବଳୀକୁ ଜଳାଞ୍ଜଳି ଦେଇ ଠିକାଦାର ନିଜ ଇଚ୍ଛା ମୁତାବକ କାମ କରୁଥିବା ଅଭିଯୋଗ ହୋଇଛି। ରାସ୍ତାରେ ଆବଶ୍ୟକ ପରିମାଣର ସିମେଣ୍ଟ ଓ ଚିପ୍ସ ବଦଳରେ ଅଧିକ ପରିମାଣର ବାଲି ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଛି। ଏହାସହ କଂକ୍ରିଟ୍‌କୁ ମଜବୁତ କରିବା ପାଇଁ ଆବଶ୍ୟକ କ୍ୟୁରିଂ କାର୍ଯ୍ୟ ମଧ କରାଯାଉନଥିବା ଅଭିଯୋଗ ହୋଇଛି। ଫଳରେ ନିର୍ମାଣ ହେବା ମାତ୍ରେ ରାସ୍ତାରୁ କଂକ୍ରିଟ୍ ଉଠିବାକୁ ବସିଲାଣି। କାମ ଆରମ୍ଭରୁ ରାସ୍ତାର ଏଭଳି ଅବସ୍ଥା ଦେଖି ଭବିଷ୍ୟତରେ ଏହା ସ୍ଥାୟୀ ହୋଇପାରିବ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ଚିନ୍ତା ପ୍ରକାଶ ପାଇଛି। ଏହାସହ ବିନା ସୂଚନା ଫଳକରେ ଏହି କାର୍ଯ୍ୟ କରାଯାଉଥିବା ବେଳେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ କିମ୍ବା ଅନ୍ୟ କୌଣସି ଅଧିକାରୀ ତଦାରଖ ପାଇଁ ଆସୁନଥିବା ଗ୍ରାମବାସୀ ନିଜ ନାମ ଗୋପନ ରଖି କହିଛନ୍ତି। ତୁରନ୍ତ ଉଚ୍ଚ କର୍ତ୍ତୃପକ୍ଷ ଘଟଣାର ତଦନ୍ତ କରି କାର୍ଯ୍ୟର ମାନରେ ସୁଧାର ଆଣିବାକୁ ଦାବି ହେଉଛି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ ତାହା ସମ୍ଭବ ହୋଇ ପାରିନାହିଁ।

# ନିଶାମୁକ୍ତ ପାଇଁ ପୁରୁଷଙ୍କ ପରେ ଅଣ୍ଟା ଭିଡ଼ିଲେ ମହିଳା

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଏହି ଜିଲ୍ଲାର ବନ୍ତ ବ୍ଲକ ବଡ଼ ମହିଁଷଗୋଠ ଗ୍ରାମର ମହିଳାମାନେ ନିଶା ମୁକ୍ତ ପାଇଁ ଅଣ୍ଟା ଭିଡ଼ିଛନ୍ତି। କିଛିଦିନ ପୂର୍ବେ ଗ୍ରାମର ପୁରୁଷମାନେ ଢେଙ୍ଗୁରା ବଜାଇ ମାଦକ ଦ୍ରବ୍ୟ ଓ ନିଶା କାରବାର ବନ୍ଦ ପାଇଁ ଲୋକମାନଙ୍କୁ ସଚେତନ କରିଥିବା ବେଳେ ଏଥିରେ ସଂପୃକ୍ତ କିମ୍ବା ନିଶା ଖାଇଲେ ମୋଟା ଅଙ୍କର ଜରିମାନା ଆଦାୟ କରାଯିବା ନେଇ ତାଗିଦ୍ କରାଯାଇଥିଲା। ଗ୍ରାମର ମା' ମଙ୍ଗଳା ମାତୃ ଶକ୍ତି ସଂଗଠନ ପକ୍ଷରୁ ଶତାଧିକ ମହିଳା ଏକତ୍ରୀତ ହୋଇ ଆଗାମି ଦିନରେ ନିଶାମୁକ୍ତ ପାଇଁ ବ୍ୟାପକ ଆନ୍ଦୋଳନ ପାଇଁ ଡାକରା ଦେଇଥିଲେ। ସ୍ଥାନୀୟ ସମୀତି ସଭ୍ୟ ପଦ୍ମାବତୀ ନାଥ ଶର୍ମା, ଶାନ୍ତିଲତା ଦୁବେ, ସନ୍ଧ୍ୟାରାଣୀ ଜେନା, ଜୋସ୍ନାରାଣୀ ନାଥ, କମଳୀନି ଜେନା, ୱାର୍ଡ଼ ସଭ୍ୟ ଉଷାବତୀ ରାଉଳ ପ୍ରମୁଖ ଏହି ଅଭିଯାନର ସଫଳତା ନେଇ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସଂପୃକ୍ତ ଗ୍ରାମର ଲୋକଙ୍କ ଏହି ପ୍ରୟାସକୁ ବିଭିନ୍ନ ଆଡୁ ପ୍ରଂଶସା କରାଯାଇଛି।

# ବୌଦ୍ଧ ଜିଲ୍ଲାରେ ଶାଳମଞ୍ଜିର ଅଭାବୀ ବିକ୍ରି : ନାହିଁ ବଜାର ଓ ମଣ୍ଡି ବ୍ୟବସ୍ଥା

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

କୃଷିପ୍ରଧାନ ବୌଦ୍ଧ ଜିଲାରେ ଦେଖା ଦେଇଛି ଶାଳମଞ୍ଜିର ଅଭାବୀ ବିକ୍ରି। ଜିଲାରେ ହଜାର ହଜାର କ୍ୱିଣ୍ଟାଲ ଶାଳମଞ୍ଜି ସଂଗ୍ରହ କରାଯାଉଛି, ମାତ୍ର ଜିଲାରେ ବଜାର କିମ୍ବା ମଣ୍ଡିର ବ୍ୟବସ୍ଥା ନାହିଁ। ମୁଣ୍ଡଝାଳ ତୁଣ୍ଡରେ ମାରି ସକାଳୁ ରାତି ପର୍ଯ୍ୟନ୍ତ ଶାଳମଞ୍ଜି ସଂଗ୍ରହ କରୁଥିବା ନିରୀହ ଆଦିବାସୀମାନେ ଦଲାଲମାନଙ୍କୁ ଶାଗମାଛ ମୂଲ୍ୟରେ ବିକ୍ରି କରୁଛନ୍ତି। ସବୁ ଜାଣି ମଧ ପ୍ରଶାସନ ନିଦ୍ରାରେ ରହିଥିବା ଅନୁମାନ କରାଯାଉଛି। ବୌଦ୍ଧ ଜିଲ୍ଲାରେ ଅନେକ ଘଞ୍ଚ ଜଙ୍ଗଲ ରହିଛି। ଧାନ ଫସଲକୁ ଛାଡ଼ିଦେଲେ ଜଙ୍ଗଲଜାତ ଲଘୁଦ୍ରବ୍ୟ ସଂଗ୍ରହ ଲୋକଙ୍କ ଜୀବିକା ନିର୍ବାହର ଅନ୍ୟତମ ମାଧ୍ୟମ ଅଟେ। ବୌଦ୍ଧ ଜିଲ୍ଲାରେ ଅନ୍ୟତମ ଜଙ୍ଗଲଜାତ ଲଘୁଦ୍ରବ୍ୟ ଶାଳମଞ୍ଜି ପ୍ରଚୁର ପରିମାଣରେ ଉତ୍ପାଦନ ହୋଇଥାଏ। ମାତ୍ର ଏନେଇ ଜିଲ୍ଲା ପ୍ରଶାସନ ପାଖରେ କୌଣସି ତଥ୍ୟ ଥିବା ପରି ମନେ ହେଉନାହିଁ। ରାଜ୍ୟ ସରକାର ଜଙ୍ଗଲଜାତ ଲଘୁଦ୍ରବ୍ୟର କ୍ରୟବିକ୍ରୟର ଅନୁମତି ଦେବା ଓ ତଥ୍ୟ ରଖିବା ଅଧିକାର ପଞ୍ଚାୟତିରାଜ ବିଭାଗ ଓ ପଞ୍ଚାୟତିଗୁଡ଼ିକୁ ଦେଇଦେଇଛନ୍ତି। ଜିଲ୍ଲାର ପଞ୍ଚାୟତିରାଜ ବିଭାଗ ବାର୍ଷିକ ଏକ ରିପୋର୍ଟ ବନବିଭାଗକୁ ଦେବାର ନିୟମ ରହିଥିଲେ ମଧ ସେମାନେ ତାହା ଦେଉନଥିବାରୁ ବନ ବିଭାଗ ପାଖରେ ମଧ କୌଣସି ସଠିକ୍ ଖବର ନଥିବା କହିଛନ୍ତି ବନଖଣ୍ଡ ଅଧିକାରୀ। ଅନ୍ୟପକ୍ଷରେ ଜିଲ୍ଲାରେ ଚଳିତ ବର୍ଷ ଶାଳମଞ୍ଜି ଭଲ ଉତ୍ପାଦନ ହୋଇଥିବା ଓ ଶହଶହ ଲୋକେ ସଂଗ୍ରହ କରୁଥିବା କହିଛନ୍ତି ଜିଲ୍ଲା ବନଖଣ୍ଡ ଅଧିକାରୀ ରାଜେନ୍ଦ୍ର ଗୋଛାୟତ।

ବୌଦ୍ଧ ଜିଲ୍ଲାର ହରଭଙ୍ଗା ଓ କଣ୍ଟାମାଳ ବ୍ଲକରେ ବିଶେଷ ଭାବେ ଏହା ସଂଗ୍ରହ ହୋଇଥାଏ। ସେଥିମଧ୍ୟରେ ମାଧପୁର, ପୁରୁଣାକଟକ, ନାରାୟଣଃପ୍ରସାଦ, ବଳମତୁମ୍ବା, ମାଳତୀ ଗୋଛାପଡ଼ା ଭଳି ଅନେକ ବନାଚଂଳ ରହିଛି। ବଢୁନାହିଁ ଶାଳମଞ୍ଜିର ସରକାରୀ ଦର, ଶାଗମାଛ ମୂଲ୍ୟରେ ବିକ୍ରି କରୁଛନ୍ତି ଲୋକେ। ବଜାର ଓ ମଣ୍ଡି ବ୍ୟବସ୍ଥା ନଥିବାରୁ ଦଲାଲମାନେ ଏମାନଙ୍କଠୁ କମ୍ ଦରରେ କିଣି ଅଧିକ ଦରରେ ବିକ୍ରି କରୁଛନ୍ତି। ଅର୍ଥାତ ଘରେ ବସି ଦଲାଲ ମାଲାମାଲ୍। କୋଟି କୋଟି ଟଙ୍କାର ଜଙ୍ଗଲୀ ଫୁଲ। ଜଙ୍ଗଲ ଓ ରାସ୍ତା ସାରା ପଡ଼ିଛି, ଲୋକେ



ଗୋଟାଇବାରେ ବ୍ୟସ୍ତ। ଯେଉଁଥିରୁ ମଞ୍ଜି ବାହାର କରି ବିକ୍ରି କରିବେ ଏବଂ ଦୁଇ ପଇସା ରୋଜଗାର କରିବେ। ସରକାର ଶାଳମଞ୍ଜି ଏମ୍ଏସପି କିଲୋ ପିଛା ୨୦ ଟଙ୍କା ଧାର୍ଯ୍ୟ କରିଛନ୍ତି। କିନ୍ତୁ ସରକାର ଜିଲ୍ଲାରେ କ୍ରୟ କରୁନଥିବାରୁ ଗାଁ ଗାଁରେ ମାତିଲେଣି ଦଲାଲ୍। ୫ ବର୍ଷ ହେଲାଣି ସରକାର ବଢ଼ାଇ ନାହାନ୍ତି ଶାଳ ମଞ୍ଜିର ସର୍ବନିମ୍ନ ସହାୟକ ମୂଲ୍ୟ। ୨୦୨୦ରେ ଯେଉଁ ୨୦ ଟଙ୍କା ପ୍ରତି କିଲୋ କିଣାଯାଉଥିଲା ଏବେବି ସେହି ଦାମ୍। କିନ୍ତୁ ବସ୍ତା ଧରି ଶାଳ ମଞ୍ଜି ସଂଗ୍ରହ କରୁଥିବା ଲୋକମାନଙ୍କୁ କିଲୋ ପିଛା ମିଳିବ ୮ ରୁ ୧୦ ଟଙ୍କା। ଶାଳମଞ୍ଜି ଆଦିବାସୀମାନଙ୍କ ଏକ ପ୍ରମୁଖ ଉପାର୍ଜନର ମାଧ୍ୟମ ସାଜିଛି। ଆଦିବାସୀମାନେ ସପରିବାରେ ଏକ ମାସ ଧରି ଶାଳଫୁଲରୁ ମଞ୍ଜି ସଂଗ୍ରହ କରୁଛନ୍ତି। ମାତ୍ର ମଞ୍ଜି ସଂଗ୍ରହ ପରେ ବଜାର ଅଭାବରୁ ସ୍ଥାନୀୟ ବ୍ୟବସାୟୀଙ୍କ ହାତରେ ଶାଗମାଛ ଦରରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ମଞ୍ଜି ସଂଗ୍ରହକାରୀ ପରିଶ୍ରମ ତୁଳନାରେ ମୂଲ୍ୟ ପାଉ ନଥିବା ବେଳେ ବ୍ୟବସାୟୀ ମାଲାମାଲ୍ ହେଉଛନ୍ତି। ପରିବାରର ମହିଳା ପୁରୁଷ ବହୁ ପରିଶ୍ରମ କରି ମଞ୍ଜି ସଂଗ୍ରହରେ ଲାଗିଥାଆନ୍ତି। ପରେ ଦଲାଲ୍‌ମାନଙ୍କୁ ଏହାକୁ କିଲୋ ପ୍ରତି ୮ ରୁ ୧୦ ଟଙ୍କା ଦରରେ ବିକ୍ରି କରିଥାଆନ୍ତି। କେତେକ ସ୍ଥାନରେ ଟିଣ ପ୍ରତି ୧୫୦ରୁ ୨୦୦ ଟଙ୍କାରେ ମଧ ଦଲାଲମାନେ କିଣିଥାଆନ୍ତି। ଜିଲ୍ଲାରେ ପ୍ରଚୁର ଶାଳ ଗଛ ଥିବାରୁ ଆଦିବାସୀମାନେ ଶାଳମଞ୍ଜିକୁ ମୁଖ୍ୟ ଉପାର୍ଜନର ମାଧ୍ୟମ କରିଛନ୍ତି। ମାତ୍ର ସରକାରଙ୍କ ପକ୍ଷରୁ ଶାଳ ମଞ୍ଜି କିଣିବାର କୌଣସି ବ୍ୟବସ୍ଥା ନ ଥିବାରୁ ସଂଗ୍ରହକାରୀ ମାନେ ବାଧ୍ୟ ହୋଇ ବ୍ୟବସାୟୀଙ୍କ ହାତରେ ମଞ୍ଜିକୁ କମ୍ ଦରରେ ଟେକି ଦେଉଛନ୍ତି। ଶାଳମଞ୍ଜି ଆଦିବାସୀମାନଙ୍କୁ ଆର୍ଥିକ ସ୍ୱଚ୍ଛଳ କରୁଥିବାରୁ ଏଥିପ୍ରତି ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# କଟିଗଲା ଟଙ୍କା ? ତୁରନ୍ତ ମିଳିବ ରିଫଣ୍ଡ

ଆଜିର ଡିଜିଟାଲ୍ ଯୁଗରେ ପ୍ରାୟ ପ୍ରତ୍ୟେକ ବ୍ୟକ୍ତି ମୋବାଇଲ୍ ରିଚାର୍ଜଠାରୁ ଆରମ୍ଭ କରି ବିଭିନ୍ନ ବିଲ୍ ପେମେଣ୍ଟ ପାଇଁ ୟୁପିଆଇ ଆପ୍‌ର ବହୁଳ ବ୍ୟବହାର କରୁଛନ୍ତି । ମାତ୍ର ଅନେକ ସମୟରେ ଏଭଳି ସମସ୍ୟା ଦେଖାଦିଏ, ଯେଉଁଠି ଆପଣ ରିଚାର୍ଜ କରନ୍ତି କିନ୍ତୁ ତାହା ସଫଳ ହୁଏନାହିଁ, ଅଥଚ ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା କଟିଯାଏ । ଏଭଳି ସ୍ଥିତିରେ ବ୍ୟସ୍ତ ବା ଆତଙ୍କିତ ହେବାର କୌଣସି ଆବଶ୍ୟକତା ନାହିଁ । ଭାରତୀୟ ରିଜର୍ଭ ବ୍ୟାଙ୍କର ନିୟମ ଅନୁଯାୟୀ ଆପଣଙ୍କ କଟିଥିବା ଟଙ୍କା ସୁରକ୍ଷିତ ଭାବେ ଫେରସ୍ତ ମିଳିବ । ଏଥିପାଇଁ କେବଳ ସଠିକ୍ ପ୍ରକ୍ରିୟା ଏବଂ ସମୟ ସୀମା ବିଷୟରେ ଜାଣିବା ଜରୁରୀ । ଭାରତରେ ପ୍ରତି ମାସରେ କୋଟି କୋଟି ୟୁପିଆଇ କାରବାର ହେଉଛି । ଏହି ବିଶାଳ ନେଟୱାର୍କରେ କେତେବେଳେ ବ୍ୟାଙ୍କ ସର୍ଭର ଉପରେ ଅଧିକ ଚାପ ପଡ଼ିବା, ଇଣ୍ଟରନେଟ୍ ସଂଯୋଗରେ ବାଧା ସୃଷ୍ଟି ହେବା କିମ୍ବା ବୈଷୟିକ ତ୍ରୁଟି ଯୋଗୁଁ କାରବାର ଅଧାରେ ଅଟକି ଯାଏ । ଯେତେବେଳେ ପେମେଣ୍ଟ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇପାରେ ନାହିଁ ଏବଂ ଟଙ୍କା ସମ୍ପୃକ୍ତ ଟେଲିକମ୍ କମ୍ପାନୀ ପାଖରେ ପହଞ୍ଚେ ନାହିଁ, ସେତେବେଳେ ତାହାକୁ 'ଫେଲ୍ ଟ୍ରାଞ୍ଜାକସନ୍' ବୋଲି ଧରାଯାଏ । ଏଭଳି କ୍ଷେତ୍ରରେ ଗ୍ରାହକଙ୍କର କୌଣସି ଭୁଲ୍ ନଥାଏ, କେବଳ ବୈଷୟିକ ତ୍ରୁଟି ହିଁ ଏଥିପାଇଁ ଦାୟୀ ଥାଏ । ଯଦି ଆପଣଙ୍କ ମୋବାଇଲ୍ ରିଚାର୍ଜ ହୋଇନାହିଁ ଏବଂ ଆକାଉଣ୍ଟରୁ ଟଙ୍କା କଟିଯାଇଛି, ତେବେ ଭୁଲ୍‌ରେ ବି ତୁରନ୍ତ ଦ୍ୱିତୀୟ ଥର ପେମେଣ୍ଟ କରନ୍ତୁ ନାହିଁ । ନିଜର ବ୍ୟାଙ୍କ ଆକାଉଣ୍ଟ ଷ୍ଟେଟମେଣ୍ଟ ଏବଂ ୟୁପିଆଇ ଆପ୍‌ର 'ହିଷ୍ଟ୍ରି' ବିଭାଗକୁ ଯାଇ ଟ୍ରାଞ୍ଜାକସନ୍ ଷ୍ଟାଟସ୍ ଯାଞ୍ଚ କରନ୍ତୁ । କାରବାର ସହ ଜଡ଼ିତ ଟ୍ରାଞ୍ଜାକସନ୍ ଆଇଡି, ତାରିଖ, ସମୟ ଏବଂ ଟଙ୍କାର ପରିମାଣକୁ ନୋଟ୍ କରି କିମ୍ବା ସ୍କ୍ରିନସଟ୍ ରଖି ସୁରକ୍ଷିତ ରଖନ୍ତୁ । ପରବର୍ତ୍ତୀ ସମୟରେ ଅଭିଯୋଗ କରିବା ପାଇଁ ଏହା ଅତ୍ୟନ୍ତ ଜରୁରୀ । ଆଜିକାଲି ପ୍ରାୟ ସମସ୍ତ ୟୁପିଆଇ ଆପ୍‌ରେ 'ଚେକ୍ ଷ୍ଟାଟସ୍' ବିକଳ୍ପ ଥାଏ । ଏହା ଉପରେ କ୍ଲିକ୍ କଲେ ବ୍ୟାଙ୍କ ସର୍ଭରରୁ ସଠିକ୍ ସୂଚନା ମିଳିଯାଏ ଏବଂ ଅଧିକାଂଶ କ୍ଷେତ୍ରରେ ଟଙ୍କା ସ୍ୱତଃପ୍ରବୃତ୍ତ ଭାବେ ଆକାଉଣ୍ଟକୁ ଫେରିଆସେ । ଡିଜିଟାଲ୍ କାରବାର କରୁଥିବା ଗ୍ରାହକଙ୍କ ସୁରକ୍ଷା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ଏକ ସ୍ୱଷ୍ଟ ଗାଇଡଲାଇନ୍ ପ୍ରସ୍ତୁତ କରିଛି । ଯଦି କୌଣସି ବ୍ୟକ୍ତିଗତ କାରବାରରେ ସମସ୍ୟା ଆସେ, ତେବେ ନେକ୍ସଟ ୱାର୍କିଂ ଡେ ମଧ୍ୟରେ ଟଙ୍କା ଫେରସ୍ତ ମିଳିବା ଉଚିତ୍ । ମାତ୍ର ମୋବାଇଲ୍ ରିଚାର୍ଜ ଭଳି ମର୍ଚ୍ଚାଣ୍ଟ ପେମେଣ୍ଟ କ୍ଷେତ୍ରରେ ବ୍ୟାଙ୍କ ପାଖରେ ରିଫଣ୍ଡ ଜାରି କରିବା ପାଇଁ ସର୍ବାଧିକ ୫ଟି କାର୍ଯ୍ୟଦିବସ ସମୟ ଥାଏ । ଯଦି ନିର୍ଦ୍ଧାରିତ ୫ ଦିନ ମଧ୍ୟରେ ଗ୍ରାହକଙ୍କୁ ତାଙ୍କ ଟଙ୍କା ଫେରସ୍ତ ନମିଳେ, ତେବେ ଆରବିଆଇ ନିୟମ ଅନୁଯାୟୀ ବିଳମ୍ବ ପାଇଁ ବ୍ୟାଙ୍କ ଗ୍ରାହକଙ୍କୁ ପ୍ରତିଦିନ ୧୦୦ ଟଙ୍କା ହିସାବରେ କ୍ଷତିପୂରଣ ଦେବାକୁ ବାଧ୍ୟ । ସର୍ବପ୍ରଥମେ ଆପଣ ବ୍ୟବହାର କରୁଥିବା ୟୁପିଆଇ ଆପ୍ ଯେପରିକି PhonePe, Google Pay, Paytme ସାହାଯ୍ୟ କିମ୍ବା ସପୋର୍ଟ ସେକସନ୍‌କୁ ଯାଇ ଅଭିଯୋଗ ପଞ୍ଜୀକୃତ କରନ୍ତୁ । ପ୍ରାୟତଃ ୨୪ ଘଣ୍ଟା ମଧ୍ୟରେ ଏହାର ସମାଧାନ ହୋଇଯାଏ । ଯଦି ଆପ୍ ଜରିଆରେ ସମାଧାନ ନହୁଏ, ତେବେ ନିଜ ବ୍ୟାଙ୍କର କଷ୍ଟମର କେୟାର ନମ୍ବରରେ ଯୋଗାଯୋଗ କରି ଟ୍ରାଞ୍ଜାକସନ୍ ଆଇଡି ପ୍ରଦାନ କରନ୍ତୁ । ବ୍ୟାଙ୍କ ପକ୍ଷରୁ ସନ୍ତୋଷଜନକ ଉତ୍ତର ନମିଳିଲେ, ଆପଣ ନ୍ୟାସନାଲ ପେମେଣ୍ଟସ କର୍ପୋରେସନ ଅଫ୍ ଇଣ୍ଡିଆ (NPCI)ର ଅଫିସିଆଲ୍ ୱେବସାଇଟ୍‌କୁ ଯାଇ ଅଭିଯୋଗ କରିପାରିବେ । ୫ଟି କାର୍ଯ୍ୟଦିବସ ବିତିଯିବା ପରେ ମଧ୍ୟ ସମସ୍ୟାର ସମାଧାନ ନହେଲେ, ଗ୍ରାହକ ସେମାନଙ୍କ ଅଭିଯୋଗ ଆରବିଆଇର CMS (Complaint Management System) ପୋର୍ଟାଲରେ ଦାଖଲ କରିପାରିବେ । ଏହା ହେଉଛି ଚୂଡ଼ାନ୍ତ ସ୍ତରର ଅଭିଯୋଗ ପ୍ରକ୍ରିୟା, ଯେଉଁଠାରେ ବ୍ୟାଙ୍କକୁ ଜବାବ ରଖିବା ଅନିର୍ବାର୍ଯ୍ୟ। ରିଚାର୍ଜ ଫେଲ୍ ହେବା ଏବଂ ଆକାଉଣ୍ଟରୁ ପଇସା କଟିଯିବା ନିଶ୍ଚିତ ଭାବେ ଚିନ୍ତାର ବିଷୟ, ମାତ୍ର ଆଧୁନିକ ଡିଜିଟାଲ୍ ବ୍ୟବସ୍ଥାରେ ଗ୍ରାହକଙ୍କ ସୁରକ୍ଷା ପାଇଁ ବ୍ୟାପକ ନିୟମ ରହିଛି । କେବଳ ନିଜର କାରବାର ସମ୍ପର୍କିତ ତଥ୍ୟକୁ ପ୍ରମାଣ ସ୍ୱରୂପ ପାଖରେ ରଖନ୍ତୁ ଏବଂ ଆବଶ୍ୟକ ସ୍ଥଳେ ଅଭିଯୋଗ କରନ୍ତୁ । ଆପଣଙ୍କ ଅଧିକାରର ରକ୍ଷା ପାଇଁ RBIର ନିୟମ ସଦାସର୍ବଦା ଆପଣଙ୍କ ସାଥୀରେ ଅଛି ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

## କାଳନେମି

### ବିନାଶ ହିଁ ସନ୍ୟାସର ମୁଖ୍ୟ କାରଣ

ଶ୍ରଦ୍ଧେୟ ଭକ୍ତବୃନ୍ଦ,ଏହି ବିନାଶ ଶବ୍ଦ ଶୁଣୁଶୁଣୁ ତୁମେ ଚକିତ ହୋଇଯାଇଥିବା ଜଣେ ସାଧୁର ଏକି ବାର୍ତ୍ତା,ଆରେ ଗୀତାରେ ଅଛି ପରିତ୍ରାଣାୟ ସାଧୁନାଂ–ବିନାଶାୟଚ ଦୁଷ୍କୃତଂ–ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ତେଣୁ ହେ ଭକ୍ତ,ହେ ଶିଷ୍ୟ ହେ ମାନବ ପ୍ରଥମେ ଏ ଜଗତରୁ ହେଉ କି ସମାଜରୁ ହେଉ କି ସଂସାରରୁ ହେଉ ତୁମ ଦେହ ମନ, ବାକ୍ୟକୁ କୁତ୍ସିତ ଭାବନାରୁ ବିନାଶ କର । କାମ,କ୍ରୋଧ,ଲୋଭ,ମୋହ,ମାୟାକୁ ବିନାଶ କର । ପ୍ରଥମେ ଲାଳସାକୁ ବିନାଶ କର,ପ୍ରତି ହିଂସା ପରାୟଣକୁ ବିନାଶ କର । ହିଂସାତ୍ମକ ପ୍ରବୃତ୍ତିରୁ ନିବୃତ୍ତ ରୁହ । ଭୋଗ ଲାଳସାରୁ ମୁକ୍ତି ଲାଗି ପ୍ରୟାସ କର ଯୋଗ ଦ୍ୱାରା ଜଗତରୁ ମାୟାର ପ୍ରଭାବକୁ ଦୂରୀଭୂତ କର । ପ୍ରଥମେ ସତ୍ୟ ପଥର ଯାତ୍ରୀ ହୋଇ କ୍ଷମା ଗୁଣକୁ ଧାରଣା କରି ଅହିଂସା ବ୍ରତ ଆଚରଣ କର ସେବା ମନବୃତ୍ତିକୁ ଧର । ପ୍ରଥମେ ଜଣେ ସାଧୁର ବୃତ୍ତି,ସେବା ହେଉ,ଶାନ୍ତିର ବାଣୀ ହେଉ,ଶ୍ରଦ୍ଧାର ତୁଳି ଜଳୁ,ଦୟାର ପାତ୍ର ହେଉ,କ୍ଷମାର ଗୁଣ ହେଉ,ବିଶ୍ୱାସର ଭୋକ ହେଉ,ଭକ୍ତିର ଦ୍ୱୀପ ହେଉ ଜ୍ଞ୍ୟାନର ଖାଦ୍ୟ ହେଉ,ଦେଖିବ ଏହି ବିନାଶଦ୍ୱାରା ଆପେ ଆପେ ଧର୍ମର ସଂସ୍ଥାପନ ହୋଇପାରିବ । ତୁମେ ଧର୍ମ କରିବି ଧର୍ମ କରୁଛି ବୋଲି ପ୍ରଚାର ପ୍ରସାର ନକରି ତୁମେ ତୁମକୁ ପ୍ରଥମେ ଚିହ୍ନ । ଆରମ୍ଭରେ ତୁମେ ତୁମକୁ ନ ବୁଝି ଅନ୍ୟକୁ ବୁଝାଇବାକୁ ଚେଷ୍ଟା କରିବା ହାସ୍ୟାସ୍ପଦ । ତୁମେ ତୁମର ପ୍ରକୃତିର ଅବମାନନା କରନାହିଁ । କିନ୍ତୁ ତୁମ ଇନ୍ଦ୍ରୀୟ ସମୂହକୁ ଆୟତ୍ତ କର । ପ୍ରକୃତିକୁ ଧର୍ମର ମାର୍ଗରେ ନେଇ ଅଧର୍ମକୁ ବିନାଶ କର । ନିଜର ଆତ୍ମାର ମାର୍ଗକୁ ଅନୁସରଣ କର । ନିଶ୍ଚିତ ଭାବରେ ପରିତ୍ରାଣ ମିଳିବ । ଆତ୍ମାର ପରିଚୟ ମିଳିବ ଯୁଗେ ଯୁଗେ ଧର୍ମର ଗ୍ଳାନି ନ ହୋଇ ଧର୍ମର ବିଜୟ ପତାକା ଫର ଫର ଉଡିଛି । ଏହାହିଁ ଚୈତନ୍ୟ ଧାରା, ବିଶ୍ୱନିୟନ୍ତାଙ୍କର କୃପାବାରୀ । ହେ ଜଗତ ବାସୀ ଆମେ ଏକ ଅଭିନ୍ନ, ଆମେ ସାକାର ପ୍ରଭୁ ନିରାକାର, ସୋହଂ, ସେହିଁ ଯନ୍ତ୍ରୀ, ଆମେ ସବୁ ଯନ୍ତ୍ର, ତାଙ୍କ ଯନ୍ତ୍ରକୁ ସେ ଯେମିତି ନଚାଇବେ ସେ ନାଚିବ । ଏଥିରେ କାହାର ଅଧିକାର ନାହିଁ ତେଣୁ ପ୍ରଭୁଙ୍କର ଯେଉଁଠି ଅଧିକାର ତୁମର ସେଠି ଅହଂକାର କରିବା କେତେ ଦୂର ଯଥାର୍ଥ ସୁଧୀଜନ ବିଚାର କରିବେ ହରିଓଁ । ◆◆

# ଜାତିପ୍ରଥା: ଏକ ଅଯୌକ୍ତିକ ବ୍ୟବସ୍ଥା



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦

ଜାତିପ୍ରଥା ଏକ ତର୍କସମ୍ମତ ସାମାଜିକ ବ୍ୟବସ୍ଥା ନୁହେଁ। ଏହା ମାନବିକତା ଓ ସମାନତାର ପରିପନ୍ଥୀ। ଏକ ପ୍ରଗତିଶୀଳ ସମାଜ ଗଠନରେ ପ୍ରତିବନ୍ଧକ। ଜାତି ବିଜ୍ଞାନ ଅନୁମୋଦିତ ବ୍ୟବସ୍ଥା ନୁହେଁ। ସାମାଜିକ ବିଦ୍ୱେଷ ଓ ହିଂସା ସୃଷ୍ଟିର ଏହା ଅନ୍ୟତମ କାରଣ। ଜାତିପ୍ରଥା ଧର୍ମାନୁମୋଦିତ ମଧ୍ୟ ନୁହେଁ। ବର୍ଣ୍ଣବ୍ୟବସ୍ଥା ସମାଜରେ କର୍ମ ବିଭାଜନକୁ ସୂଚୀତ କରେ। ଏହା ଆଦୌ ନୁହେଁ। ଦଳେ ଚାଲାକ ଓ ସୁବିଧାବାଦୀ ଲୋକ ଏହାକୁ ବଂଶାନୁକ୍ରମିକ ବନାଇଛନ୍ତି। ତେଣୁ ଏହାକୁ ହଟାଇ ଆଦ୍ୟ ପବିତ୍ରତାକୁ ପୁନର୍ବାର ସ୍ଥାପନ କରିବା ଅତ୍ୟନ୍ତ ଜରୁରୀ। ସମାନତା ଉପରେ ପ୍ରତିଷ୍ଠିତ ଏକ ଭେଦଭାବ ରହିତ ପ୍ରଗତିଶୀଳ ସମାଜ ଗଠନ ସମୟର ଆବଶ୍ୟକତା ଅଟେ। ଏ ଦିଗରେ ଯୋଜନାବଦ୍ଧ ପଦକ୍ଷେପ ଉଭୟ ସାମାଜିକ ଓ ସରକାରୀ ସ୍ତରରେ ନିଆ ହେଲେ ଉପାଦେୟ ହେବା ନିଶ୍ଚିତ। ଅତୀତରେ ଏବାବଦରେ ଅନେକ ସାମାଜିକ କାର୍ଯ୍ୟକ୍ରମ ବିଭିନ୍ନ ସଂଗଠନ ଓ ବ୍ୟକ୍ତିବିଶେଷଙ୍କ ପ୍ରଚେଷ୍ଟାରେ ଅନୁଷ୍ଠିତ ହୋଇଛି। ଯଦିଓ ବିଶେଷ ସଫଳତା ମିଳିନାହିଁ ତଥାପି ଏହାର ପ୍ରଭାବ ସମାଜରେ କିଛି ମାତ୍ରାରେ ପଡିଛି। ଅତୀତର ଜାତିପ୍ରଥା ବିରୋଧି ଆନ୍ଦୋଳନ ନିଶ୍ଚୟ ମାର୍ଗଦର୍ଶନ କରିବ ଆଗକୁ ବଢ଼ିବାରେ ଓ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବାରେ।

ପ୍ରଥମରେ ଜାତିପ୍ରଥା ବିରୋଧି ଆନ୍ଦୋଳନ ମନ୍ଦିରରୁ ଆରମ୍ଭ ହେବା ଜରୁରୀ। ହିନ୍ଦୁ ଜାଗରଣର ଏହା ଅଂଶବିଶେଷ ହେବା ଉଚିତ। ଏହି ଧର୍ମରେ କେଉଁଠାରେ ବି ବଂଶାନୁକ୍ରମିକ ଜାତିବାଦକୁ ସ୍ୱୀକୃତି ଦିଆଯାଇ ନାହିଁ। ଧର୍ମ ଅନୁସାରେ ଯିଏ ଯେଉଁ କାର୍ଯ୍ୟ କରିବ ତାକୁ ସେହି ଜାତିର ଅନ୍ତର୍ଗତ କରାଯାଉ। ବାପା ଯେଉଁ ଜାତିର ହେବ ପୁଅ ମଧ୍ୟ ସେହି ଜାତିର ହେବା ଧର୍ମାନୁମୋଦିତ ନୁହେଁ। କର୍ମ ଅନୁସାରେ ପିଲାମାନଙ୍କ ଜାତି ନିର୍ଣ୍ଣୟ ହେଉ। ହିନ୍ଦୁ ପଣ୍ଡିତମାନେ ବଂଶାନୁକ୍ରମିକ ଜାତିବ୍ୟବସ୍ଥାକୁ ଅସିଦ୍ଧ ଘୋଷଣା କରନ୍ତୁ। ଏହି ପଣ୍ଡିତମାନଙ୍କ ସର୍ବୋଚ୍ଚ ନିୟାମକ ସଂସ୍ଥା ରହୁ ବ୍ୟକ୍ତିର କର୍ମ ଅନୁସାରେ କିଏ କେଉଁ ଜାତିର ହେବ ତାହା ନିର୍ଣ୍ଣୟ କରିବା ପାଇଁ। ଅନ୍ୟଥା କେବଳ ପୂଜକ ଗୋଷ୍ଠୀ(ବ୍ରାହ୍ମଣ)କୁ ଛାଡି ଅନ୍ୟ ସମସ୍ତ ଜାତିର ସମାପ୍ତ କରାଯାଉ। ଯିଏ ପୂଜକ ବା ବ୍ରାହ୍ମଣ ହେବ ତାହା ଯୋଗ୍ୟତା ଭିତ୍ତିରେ ଚୟନ ହେଉ। ଯିଏ ବ୍ରାହ୍ମଣର କାର୍ଯ୍ୟ ତୁଲାଇ ପାରିବ ତାକୁ ବ୍ରାହ୍ମଣର ଆଖ୍ୟା ଦିଆଯାଉ। ବଂଶାନୁକ୍ରମିକ ଭାବେ ବ୍ରାହ୍ମଣ ହେବା ପ୍ରକ୍ରିୟାକୁ ବନ୍ଦ କରାଯାଉ। ଏହାଦ୍ୱାରା ବଂଶାନୁକ୍ରମିକ ଜାତିପ୍ରଥାକୁ ରୋକାଯାଇ ପାରିବ। ଏବେ ବର୍ଣ୍ଣ ବା ଜାତି ଅନୁସାରେ ଅଧିକାଂଶ ଲୋକ କର୍ମ କରୁ ନାହାଁନ୍ତି। ତେଣୁ ବର୍ଣ୍ଣ ବା ଜାତି ତାର ଗୁରୁତ୍ୱ ହରାଇ ବସିଛି। ଯାହାର ବାସ୍ତବ ସ୍ଥିତି ନାହିଁ ତାକୁ ବଜାଇ ରଖିବାକୁ ଚେଷ୍ଟା କରିବା ଅସମୀଚିନ। ଜାତିପ୍ରଥାର ବିଲୋପ ଧ୍ୱନି ମନ୍ଦିରରୁ ଆରମ୍ଭ ହେଲେ ଏହା ନିଶ୍ଚୟ ସଫଳ ହେବ। ଏପରି ମନ୍ଦ ପ୍ରଥାର ଲୋପ ହେଉ।

ଦ୍ୱିତୀୟରେ ସରକାରୀ ସ୍ତରରେ କିଛି ଉପାଦେୟ ପଦକ୍ଷେପ ସଫଳତା ଆଣିବ। ସରକାର ପ୍ରତ୍ୟେକଙ୍କ କେଉଁ ଜାତି ତାହା ତାଙ୍କ ଜମିର ପଟ୍ଟାରେ ସୂଚୀତ କରିଛନ୍ତି। ଏହାକୁ ହଟାଯିବା ଉଚିତ୍। ସରକାର ପ୍ରତ୍ୟେକ କ୍ଷେତ୍ରରେ ଜାତିର ବ୍ୟବହାରକୁ ନିଷିଦ୍ଧ ଘୋଷଣା କରନ୍ତୁ। ତେବେ ଏଠାରେ ଉଲ୍ଲେଖ କରିବା ସମୀଚିନ ହେବ ଯେ ଏପରି ସରକାରୀ ପଦକ୍ଷେପ ଫଳପ୍ରଦ ହେବ ନାହିଁ ଯଦି ସାମାଜିକ ସ୍ତରରେ ଏହା କାର୍ଯ୍ୟକାରୀ ନହୁଏ। ଏହା ଦ୍ୱାରା ଅନୁସୂଚିତ ଜାତି ଓ ଜନଜାତି ଏବଂ ପଛୁଆବର୍ଗମାନେ ପାଉଥିବା ସଂରକ୍ଷଣ ସୁବିଧା ସୁଯୋଗ ଆଉ ପାଇବେ ନାହିଁ। ସମାଜରେ ଯେହେତୁ ଜାତିବ୍ୟବସ୍ଥା ରହିଛି ତେଣୁ ଜାତି ଜାତି ମଧ୍ୟରେ ସମାନତା ଆଣିବାପାଇଁ ସଂରକ୍ଷଣ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଇଛି। ଯଦି ଜାତି ରହିବ ନାହିଁ ତେବେ ଜାତି ଭିତ୍ତିକ ସଂରକ୍ଷଣ କୋଉଠୁ ଆସିବ। ଏଦିଗରେ ପର୍ଯ୍ୟାୟକ୍ରମେ କାମ ହେବା ଉଚିତ। ଯେଉଁ ସଂରକ୍ଷିତ ବର୍ଗ ତଳେ ପଡ଼ିଛନ୍ତି ସେମାନଙ୍କ କ୍ଷୀପ୍ର ବିକାଶ ପାଇଁ କାମ ହେବା ଉଚିତ। ଜାତିପ୍ରଥାକୁ ଯଦି ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇ ପାରିବ ତେବେ ଏହାର ସାମାଜିକ ପ୍ରଭାବକୁ ହ୍ରାସ କରିବା ପାଇଁ ସଂରକ୍ଷିତ ବର୍ଗ ପରବର୍ତ୍ତେ ସଂରକ୍ଷିତ ପରିବାର ନିଆ ଯାଇପାରେ। ଏହି ପରିବାରଗୁଡ଼ିକର ବିକାଶ ହେଲାପରେ ଆଉ ସଂରକ୍ଷଣର ଆବଶ୍ୟକତା ପଡିବ ନାହିଁ।

ତୃତୀୟରେ ଜାତି ଜାତି ମଧ୍ୟରେ ବୈବାହିକ ସମ୍ବନ୍ଧ ସ୍ଥାପନ ଜାତିପ୍ରଥାକୁ ହଟାଇବାକୁ ଯଥେଷ୍ଟ ସହାୟକ ହେବ। ଏବେ କିଛି ମାତ୍ରାରେ ଏହା ଚାଲିଛି। ତେବେ ଏହାକୁ ଆହୁରି ବ୍ୟାପକ କରିବାକୁ ପଡିବ। ଜାତି ଜାତି ମଧ୍ୟରେ ରୋଟି ଓ ବେଟିର ସମ୍ବନ୍ଧ ଯେତେ ମଜଭୁତ ହେବ ଜାତିପ୍ରଥା ସେତେ ଦୁର୍ବଳ ହେବ। ସାଧାରଣତଃ ଦେଖାଯାଉଛି ଏହି ପ୍ରକାର ବିବାହ ପ୍ରେମ ବ୍ୟାପାର କ୍ଷେତ୍ରରେ ଅନୁଷ୍ଠିତ ହେଉଛି। କିଛି ପ୍ରଗତିଶୀଳ ପରିବାର ଏହାକୁ ଗ୍ରହଣକରି ନେଇଛନ୍ତି। ଏହିପ୍ରକାର ବିବାହ ପାଇଁ ଉଭୟ ସାମାଜିକ ଓ ସରକାରୀ ସ୍ତରରେ ପ୍ରୋତ୍ସାହନ ମିଳିବା ଉଚିତ। ଯେଉଁଦିନ ଜାତି ଜାତି ମଧ୍ୟରେ ଅନାୟାସରେ ବୈବାହିକ ସମ୍ବନ୍ଧ ସ୍ଥାପିତ ହୋଇପାରିବ ସେହିଦିନ ଜାତିପ୍ରଥା ତାର ପ୍ରାସଙ୍ଗିକତା ହରାଇ ବସିଛି ବୋଲି ଧରିବାକୁ ହେବ। ସଂଖ୍ୟାଧିକ ଲୋକ ଏହି ପ୍ରକାର ବିବାହକୁ ଗ୍ରହଣ କରିପାରି ନାହାଁନ୍ତି। ଏହାକୁ ନେଇ ଅନର କିଲିଂ ହେଉଛି। ସାମାଜିକ ସ୍ତରରେ ଗଣ୍ଡଗୋଳ ମଧ୍ୟ ହେଉଛି। ଏଦିଗରେ ବ୍ୟାପକ ଜନ ସଚେତନତା ଜରୁରୀ। ସମସ୍ତ ମନୁଷ୍ୟ ସମାନ। ଜାତିବ୍ୟବସ୍ଥା ପ୍ରାକୃତିକ ସୃଷ୍ଟି ନୁହେଁ। ଏହା କେତେକ ଲୋକଙ୍କର ଚତୁର ସୃଷ୍ଟି ବୋଲି ଲୋକଙ୍କୁ ଅବଗତ କରାଇବାକୁ ହେବ। ଯେଉଁମାନେ ଆନ୍ତଃଜାତିକ ବିବାହ କରୁଛନ୍ତି ତାଙ୍କୁ ସମାଜରେ ସମ୍ମାନ ମିଳିବା ଉଚିତ୍। ଏମାନଙ୍କୁ ଚାକିରୀ ସମେତ ବିଭିନ୍ନ କ୍ଷେତ୍ରରେ ସରକାରୀ ସଂରକ୍ଷଣ ମଧ୍ୟ ମିଳିବା ଉଚିତ୍।

ଚତୁର୍ଥରେ ଜାତିସୂଚକ ସାଙ୍ଗିଆ ବା ଟାଇଟେଲର ପରିତ୍ୟାଗ ଜାତିପ୍ରଥାର ବିଲୋପ ଦିଗରେ ଅନେକ ସହାୟକ ହେବ। ଦେଶର ସଂଖ୍ୟାଧିକ ସାଙ୍ଗିଆ ଜାତିସୂଚକ। ସାଧାରଣରେ ଜଣକର ଟାଇଟେଲରୁ ଜଣାପଡ଼େ ସେ କେଉଁ ଜାତିର ବୋଲି। ଏହା ଅନେକ ସମୟରେ ପାତର ଅନ୍ତର, ଅନୁଗ୍ରହ ଅନାଗ୍ରହ, ଉଚ୍ଚନୀଚ ପରି ଅମାନବୀୟ ଭାବନା ଜାଗ୍ରତ କରେ। ଜଣେ ଜୀବନସାରା ହୁଏତ ଜାତିଗତ ସୁବିଧା ପାଏ କିମ୍ବା ଜାତିଗତ ତାଡ଼ନାର ଶୀକାର ହୁଏ। ଜଣେ ଜାତିବାଦୀ ଲୋକ କେବେବି ଜାତିଗତ ଟାଇଟେଲ ଛାଡିପାରିବ ନାହିଁ। ଜାତିରହିତ ସମାଜ କଥା ଚିନ୍ତା କରୁଥିବା ବ୍ୟକ୍ତି ନିଜର ଜାତିସୂଚକ ଟାଇଟେଲ ଛାଡି ପାରିବ। ଏବେ ବେଶ୍ କିଛି ପିଲା ଜାତି ସୂଚକ ଟାଇଟେଲ ଛାଡି ଦେଉଥିବାର ଦେଖିବାକୁ ମିଳୁଛି। ଏହା ଉତ୍ସାହଜନକ। ଏଦିଗରେ ସାମାଜିକ ଚେତନା ଜାଗ୍ରତ କରିବା ଲାଭଦାୟକ ହେବ। ସରକାର ମଧ୍ୟ ଜାତିସୂଚକ ଟାଇଟେଲର ବ୍ୟବହାରକୁ ବାରଣ କରିବା ଉଚିତ୍। ଏହା ସହିତ ଜାତିପ୍ରଥାକୁ ବଢାଇଲା ପରି କୌଣସି ଜାତିଗତ କାର୍ଯ୍ୟକ୍ରମକୁ ସରକାର ନିଷିଦ୍ଧ କରନ୍ତୁ। ଦେହରେ ଜାତିଗତ ଚିହ୍ନ ଧାରଣ କରିବା କୌଣସି ଗୋଟିଏ ଜାତିର ପେଟେଣ୍ଟ ବା ଏକଚାଟିଆ ଅଧିକାର ନହେଉ। ନିଜକୁ ଉନ୍ନତ ବୋଲି ଦେଖାଇ ହେବାର ସାମାଜିକ କାର୍ଯ୍ୟକଳାପକୁ ମଧ୍ୟ ବାରଣ କରାଯାଉ।

ବିଶ୍ୱ ମାନବ ସମାଜ କ୍ଷୀପ୍ରଭାବେ ଆଗକୁ ବଢ଼ିଚାଲିଛି। ଚନ୍ଦ୍ରରେ ପାଦ ଥାପିସାରି ମଙ୍ଗଳ ଗ୍ରହରେ ପାଦ ଥାପିବାର ଯୋଜନା କରୁଛି। ଏପରି ପରିସ୍ଥିତିରେ କୋଉ ପୁରୁଣା ବିଚାରଧାରାକୁ ନେଇ ଆମେ ଜାତିଗତଭାବେ କିଏ ବଡ ଓ କିଏ ସାନ ତାକୁ ଧରି ଝଗଡାରେ ମାତିଛୁ। ଏବେ ସାମୁହିକ ସଂକଳ୍ପର ସମୟ ଆସିଛି। ସମସ୍ତେ ମିଳିତଭାବେ ଜାତିପ୍ରଥାର ସମାପ୍ତ କରିବା। ଆମ ପ୍ରାଚୀନ ସଭ୍ୟତାର ଚରମ ଉତ୍କର୍ଷତାକୁ ପୁନଃ ସ୍ଥାପନ କରିବା।

# ଟିକସ, ଲାଭ ଏବଂ କ୍ଷତିର ଭିତିରି କଥା !



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର,
ମୋ:୯୪୩୮୪୮୫୦୯୪

ଦେଶରେ ପେଟ୍ରୋଲ, ଡିଜେଲ ଏବଂ ରୋଷେଇ ଗ୍ୟାସର ମୂଲ୍ୟ ବୃଦ୍ଧି ଏବେ କେବଳ ଆର୍ଥୀକ ଆଲୋଚନାର ବିଷୟ ହୋଇ ରହିନାହିଁ ବରଂ ଏହା ସାଧାରଣ ଲୋକଙ୍କ ଦୈନନ୍ଦିନର ପୀଡ଼ାର ସବୁଠାରୁ ବଡ଼ କାରଣ ପାଲଟିଛି । ନିଜ କାର୍ଯ୍ୟାଳୟକୁ ଯାଉଥିବା କର୍ମଚାରୀ, ଚାଷକାର୍ଯ୍ୟ ପାଇଁ ପମ୍ପ ଚଲାଉଥିବା ଚାଷୀ, ମାଲ ପରିବହନ କରୁଥିବା ଗାଡ଼ି ଚାଳକ ହୁଅନ୍ତୁ ବା ଗ୍ୟାସରେ ରୋଷେଇ କରୁଥିବା ଗୃହିଣୀ ସମସ୍ତେ ଏଇ ବଢୁଥିବା ଦର କାରଣରୁ ତ୍ରସ୍ତ । ପ୍ରଶ୍ନ ଉଠୁଛି ଯେ ପ୍ରକୃତରେ ଏସବୁର ମୂଲ୍ୟ ବୃଦ୍ଧି ଓ ପେଟ୍ରୋଲ, ଡିଜେଲ ଉପରେ ଲଗାଯାଇଥିବା ଟିକସ ଦାୟୀ। ମୂଲ୍ୟ ବୃଦ୍ଧି କାରଣରୁ ଅତ୍ୟାବଶ୍ୟକୀୟ ଜିନିଷର ମୂଲ୍ୟ ବୃଦ୍ଧିପାଇଁ ବଜାର ଦାୟୀ ନା କେନ୍ଦ୍ର ? ରାଜ୍ୟ ସରକାରଙ୍କ ପେଟ୍ରୋଲ- ଡିଜେଲ ଦେଶର ଆବଶ୍ୟକତା ପୁରଣ ପାଇଁ ପାଖାପାଖି ୮୫ ପ୍ରତିଶତ ଅଶୋଧିତ ତୈଳ ବିଦେଶରୁ ଆମଦାନୀ କରାଯାଇଥାଏ। ଏଥିପାଇଁ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧି ହେଲେ ତାର ପ୍ରଭାବ ଭାରତ ଉପରେ ପଡିବା ସ୍ୱାଭାବିକ୍। ଋଷ-ୟୁକ୍ରେନଯୁଦ୍ଧ, ଇରାନ-ଆମେରିକା ଯୁଦ୍ଧ, ଡ଼ଲାର ତୁଳନାରେ ଟଙ୍କାର ବିନିମୟ ଦରହ୍ରାସ ଏବଂ ବିଶ୍ୱସ୍ତରରେ ଯୋଗାଣ ବ୍ୟବସ୍ଥାକୁ ନେଇ ଦେଖାଦେଇଥିବା ସଙ୍କଟ ଭଳି କାରଣ ବାବଦରେ ତୈଳ କମ୍ପାନୀ ମାନେ ଓ ସରକାର ସବୁବେଳେ କହିଥାନ୍ତି। କିନ୍ତୁ ଏହିସବୁ କାରଣ ଯୋଗୁଁ କ'ଣ ପେଟ୍ରୋଲ, ଡିଜେଲ ରୋଷେଇ ଗ୍ୟାସର ମୂଲ୍ୟ ବୃଦ୍ଧି ହେଉଛି ? ତୈଳ କମ୍ପାନୀ ଓ ସରକାର ଦର୍ଶାଉଥିବା କାରଣ ପୁରାପୁରି ସତ୍ୟ ନୁହେଁ।

ଯଦି କେବଳ ଆନ୍ତର୍ଜାତୀୟ ବଜାର କାରଣ ହୋଇଥାଏ ତେବେ ଯେତେବେଳେ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ମୂଲ୍ୟ କମିଯାଏ ସେତେବେଳେ ସେଇ ଅନୁପାତରେ ପେଟ୍ରୋଲିୟମ ପଦାର୍ଥର ମୂଲ୍ୟ କମେ ନାହିଁ କାହିଁକି ? ପେଟ୍ରୋଲ-ଡିଜେଲ ଉପରେ ଟିକସ ବୃଦ୍ଧି କରି ସରକାର କାହିଁକି ରାଜସ୍ୱ ବୃଦ୍ଧି କରୁଛନ୍ତି ? ଏହା ହେଉଛି ପେଟ୍ରୋଲ- ଡିଜେଲର ଟିକସ ରାଜନୀତି। ଭାରତ ବଜାରରେ ବିକ୍ରୀ ହେଉଥିବା ପେଟ୍ରୋଲର ଅଧିକ ଭାଗ ହେଉଛି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଟିକସ। ବିଭିନ୍ନ ରାଜ୍ୟର ସରକାରମାନେ ପେଟ୍ରୋଲ ଉପରେ ସେମାନଙ୍କ ନିଷ୍ପତ୍ତି ଅନୁସାରେ ଭାଟ (ଟିକସ) ବସାଇଥାନ୍ତି। ଡିଜେଲ ଉପରେ ମଧ୍ୟ କେନ୍ଦ୍ର ଓ ରାଜ୍ୟ ସରକାର ଟିକସ ଲଗାଇଥାନ୍ତି। ଏହାର ଅର୍ଥ ହେଉଛି ଯଦି କେହି ବ୍ୟକ୍ତି ୧୦୦ଟଙ୍କାର ପେଟ୍ରୋଲ କିଣେ ତେବେ ସେହି ୧୦୦ଟଙ୍କାର ପାଖାପାଖି ଏକ ତୃତୀୟାଂଶ ବା ତାଠାରୁ ଅଧିକ ଅର୍ଥ କେବଳ ଟିକସ ବାବଦରେ ସରକାରଙ୍କ ପାଖକୁ ଯାଇଥାଏ। ଏହି କାରଣରୁ ଅନେକ ସମୟରେ ଦାବି ଉଠୁଛି ଯେ ପେଟ୍ରୋଲ ଏବଂ ଡିଜେଲକୁ ବସ୍ତୁ ଏବଂ ସେବାକର (ଜିଏସ୍‌ଟି) ପରିସରକୁ ଅଣାଯାଉନି କାହିଁକି ? ଏହାର ଉତ୍ତର ମଧ୍ୟ ସ୍ପଷ୍ଟ। ପେଟ୍ରୋଲିୟମ ପଦାର୍ଥ କେନ୍ଦ୍ର ଏବଂ ରାଜ୍ୟ ସରକାର ଉଭୟଙ୍କ ପାଇଁ ଲାଭଜନକ ଅଟେ। ଯଦି ପେଟ୍ରୋଲ-ଡିଜେଲକୁ ଜିଏସ୍‌ଟି ଭୁକ୍ତ କରାଯାଏ ତେବେ ସରକାର ଯେଉଁ ମନଇଛା ଟିକସ ଅସୁଲ କରୁଛନ୍ତି ତାହା ସିମୀତ ହୋଇଯିବ। ବିଡ଼ମ୍ବନା ହେଉଛି ଯେତେବେଳେ ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧି ହୁଏ ସେତେବେଳେ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ବର୍ଦ୍ଧିତ ଟିକସ କାରଣରୁ ପେଟ୍ରୋଲିୟମ ପଦାର୍ଥର ମୂଲ୍ୟ ବଢୁଛି ବୋଲି କହିଥାନ୍ତି। ଅନ୍ୟ ପକ୍ଷରେ ଏସବୁର ମୂଲ୍ୟ ବୃଦ୍ଧି ପାଇଁ କେନ୍ଦ୍ର ସରକାରଙ୍କ ଉତ୍ପାଦ ଶୁଳ୍କ ବୃଦ୍ଧି ବୋଲି କହି ରାଜ୍ୟସରକାର କେନ୍ଦ୍ର ମୁଣ୍ଡରେ ଦୋଷ ଲଦି ଦିଅନ୍ତି। କିନ୍ତୁ ନା କେନ୍ଦ୍ର ଅଥବା ରାଜ୍ୟ ସରକାର କେହି ବି ଲଗାଉଥିବା ଟିକସ କେବେ ହ୍ରାସ କରନ୍ତି ନାହିଁ। କେବଳ ନିର୍ବାଚନ ସମୟରେ ପେଟ୍ରୋଲ- ଡିଜେଲର ମୂଲ୍ୟ କିଛି ଟଙ୍କା କମାଇଦେଇଥାନ୍ତି। କିନ୍ତୁ ନିର୍ବାଚନ ସରିଲେ ଯଥା ପୂର୍ବଂ ତଥା ପରଂ।

ଏବେ ତୈଳ କମ୍ପାନୀ ମାନଙ୍କ କଥା ବିଚାର କରାଯାଉ। ଇଣ୍ଡିଆନ ଅଏଲ, ଭାରତ ପେଟ୍ରୋଲିୟମ ଏବଂ ହିନ୍ଦୁସ୍ଥାନ ପେଟ୍ରୋଲିୟମ ଭଳି ସରକାରୀ ତୈଳ କମ୍ପାନୀ ମାନେ ସ୍ପଷ୍ଟିକରଣ ଦେଇଥାନ୍ତି ଯେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ମୂଲ ବୃଦ୍ଧି କାରଣରୁ ସେମାନଙ୍କୁ କ୍ଷତି ସହିବାକୁ ପଡୁଛି। କିନ୍ତୁ ଏସବୁ କମ୍ପାନୀ ମାନଙ୍କ ଆର୍ଥୀକ ହିସାବ କିତାବ କିଛି ଭିନ୍ନ କଥା ସୂଚାଇଥାଏ। ୨୦୨୪-୨୫ ଆର୍ଥୀକ ବର୍ଷରେ ଏଇ ୩ଟି ଯାକ ପ୍ରମୁଖ ତୈଳ କମ୍ପାନୀଙ୍କର ଲାଭ ପାଖାପାଖି ୭୭ ହଜାର କୋଟି ଟଙ୍କାରୁ ଅଧିକ ଥିଲା। ଇଣ୍ଡିଆନ ଅଏଲ ୩୯ ହଜାର କୋଟି ଟଙ୍କା ଲାଭ କରିଥିଲା ବେଳେ ଭାରତ ପେଟ୍ରୋଲିୟମ ଏବଂ ହିନ୍ଦୁସ୍ଥାନ ପେଟ୍ରୋଲିୟମ ମଧ୍ୟ ହଜାର ହଜାର କୋଟି ଟଙ୍କା ନିଟ୍ ଲାଭ କରିଥିଲେ। ଏପରି ସ୍ଥଳେ ଲୋକଙ୍କ ପ୍ରଶ୍ନ ହେଉଛି କମ୍ପାନୀ ମାନଙ୍କର ଏତେ ଲାଭ ହେଉଥିବା ବେଳେ କ୍ଷତି ହେଉଛି କେଉଁଠି ? ଅନେକଙ୍କ ମତରେ ତୈଳ କମ୍ପାନୀ ମାନେ ଯେଉଁ କ୍ଷତି କଥା କହୁଛନ୍ତି ତାହା ଅର୍ଦ୍ଧସତ୍ୟ କାରଣ କମ୍ପାନୀ ମାନଙ୍କ ଲାଭ, ସରକାରୀ ଲାଭାଂଶ ଏବଂ ଟିକସ ସଂଗ୍ରହର ତଥ୍ୟରୁ ସ୍ପଷ୍ଟ ଯେ ଏସବୁ ପୁରା ପ୍ରକ୍ରିୟାରେ ସାଧାରଣ ଲୋକଙ୍କ ଉପରେ ବୋଝ ବଢିଥାଏ। ମାଲ ପରିବହନ କରୁଥିବା ବାହାନର ଭଡ଼ା ବଢ଼ିଲେ ବଜାରରେ ଜିନିଷପତ୍ରର ଦର ବଢ଼ିଥାଏ। ଅର୍ଥାତ୍ ପେଟ୍ରୋଲ-ଡିଜେଲର ଦର ବଢ଼ିଲେ ତାର ପ୍ରଭାବ ସିଧାସଳଖ ସାଧାରଣ ଲୋକଙ୍କ ଉପରେ ପଡିଥାଏ, ଏହି କାରଣରୁ ତୈଳ (ପେଟ୍ରୋଲ-ଡିଜେଲ)ର ମୂଲ୍ୟ ବୃଦ୍ଧିକୁ ବାସ୍ତବରେ ଦରଦାମ ବୃଦ୍ଧିର ମୁଖ୍ୟ କାରଣ ବୋଲି କୁହାଯାଇଥାଏ। ଯଦି ସରକାର ଲୋକଙ୍କୁ ରିହାତି ଦେବା ପାଇଁ ଚାହୁଁଥାନ୍ତି ତେବେ ପେଟ୍ରୋଲ-ଡିଜେଲ ଉପରେ ଲଗାଯାଇଥିବା ଟିକସ ବ୍ୟବସ୍ଥାକୁ ପାରଦର୍ଶୀ କରିବା ଉଚିତ୍। କେନ୍ଦ୍ର ଓ ରାଜ୍ୟ ସରକାର ଲଗାଉଥିବା ଟିକସରେ ସନ୍ତୁଳନ ଜରୁରୀ। ସର୍ବୋପରି ପେଟ୍ରୋଲିୟମ ପଦାର୍ଥକୁ ବସ୍ତୁ ଏବଂ ସେବାକର (ଜିଏସ୍‌ଟି) ପରିସର ଭୁକ୍ତ କରାଯିବା ପାଇଁ ଗମ୍ଭୀର ଚର୍ଚ୍ଚା କରାଯିବା ଆବଶ୍ୟକ। ଏଥି ସହିତ ତୈଳ କମ୍ପାନୀ ମାନଙ୍କର ଲାଭ ଏବଂ ଉତ୍ପାଦନ ବ୍ୟୟ ବାବଦରେ ଲୋକେ ଜାଣିବା ଆବଶ୍ୟକ ଫଳରେ ଲୋକେ ଜାଣିପାରିବେ ଯେ କାହାପାଇଁ ସେମାନଙ୍କୁ କେତେ ଟିକସ ଦେବାକୁ ପଡୁଛି।

# ଘଡିସନ୍ଧି ମୁହୂର୍ତ୍ତରେ ଟିଏମ୍‌ସି ଦଳ ଓ ମମତା ବାନାର୍ଜୀ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ତୃଣମୂଳ କଂଗ୍ରେସ ତଥା ଟିଏମସିକୁ ଏକଦା ପଶ୍ଚିମବଙ୍ଗ ରାଜନୀତିରେ ସବୁଠାରୁ ପ୍ରଭାବଶାଳୀ ଦଳ ଭାବରେ ବିବେଚନା କରାଯାଉଥିଲା। ୨୦୧୧ ରେ ଟିଏମସି କ୍ଷମତାକୁ ଆସିଲା ଓ ବାମ ମୋର୍ଚ୍ଚାର ୩୪ ବର୍ଷର ଶାସନର ଅନ୍ତ ଘଟାଇଲା। ଏହାର ମୁଖ୍ୟ ନେତ୍ରୀ ଥିଲେ ମମତା ବାନାର୍ଜୀ ଯାହାକୁ ଜନସାଧାରଣରେ 'ଦିଦି' ଭାବରେ ଜଣାଶୁଣା। ୨୦୨୬ ବିଧାନସଭା ନିର୍ବାଚନ ପୂର୍ବରୁ ଟିଏମସି ଏକ ଗଭୀର ରାଜନୈତିକ ଏବଂ ସାଂଗଠନିକ ସଙ୍କଟର ସମ୍ମୁଖୀନ ହେଉଥିବା ପରି ମନେ ହେଉଥିଲା ଓ ନିର୍ବାଚନ ଫଳାଫଳରେ ବିଜେପିର ବିପୁଳ ବିଜୟ ଏହାକୁ ସତ୍ୟରେ ପରିଣତ କରିଦେଲା । ୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଟିଏମସି ଏକ ବଡ଼ ପରାଜୟ ବରଣ କରିଛି। ୧୫ ବର୍ଷ ଧରି କ୍ଷମତାରେ ଥିବା ଟିଏମସିକୁ ଲୋକଙ୍କ ଦ୍ୱାରା ପରିବର୍ତ୍ତନର ବାର୍ତ୍ତା ଦିଆଯାଇଛି ଏବଂ ଏହା ଏକ ବଡ଼ ପରାଜୟର ସମ୍ମୁଖୀନ ହେଉଛି। ଏହି ପରାଜୟ କେବଳ ଏକ ନିର୍ବାଚନୀ ପରାଜୟ ନୁହେଁ ବରଂ ଟିଏମସିର ଦୀର୍ଘକାଳୀନ ରାଜନୈତିକ ପ୍ରଭାବ ପାଇଁ ଏକ ବଡ଼ ଆଘାତ। ନିର୍ବାଚନୀ ପରାଜୟ ଟିଏମସି ଭିତରେ ଅସନ୍ତୋଷକୁ ବଢ଼ାଇ ଦଳକୁ ବିଭାଜନ ମଧ୍ୟ କରାଇଛି । ଅନେକ ବିଧାୟକ ଏବଂ ନେତା ଦଳୀୟ ନେତୃତ୍ୱକୁ ପ୍ରଶ୍ନ ଉଠାଇ ଦଳ ଛାଡିଛନ୍ତି । କିଛି ବିଦ୍ରୋହୀ ବିଧାୟକ ଏକ ପୃଥକ ଗୋଷ୍ଠୀ ଗଠନ କରିଛନ୍ତି ଏବଂ ଦଳ ଭିତରେ ନୂତନ ନେତୃତ୍ୱ ଦାବି କରି ନେତୃତ୍ୱ ନେଇଛନ୍ତି । କିଛି ରିପୋର୍ଟ ଅନୁଯାୟୀ ୭୦ ଜଣ ବିଧାୟକ ବିଦ୍ରୋହୀ ଶିବିରକୁ ସମର୍ଥନ କରି ଟିଏମ୍‌ସି ଓ ତାର ସୁପ୍ରିମୋ ମମତା ବାନାର୍ଜୀଙ୍କୁ ଶକ୍ତ ଧକ୍କା ଦେଇଛି, ଯାହା ଟିଏମସିର ଇତିହାସରେ ଏକ ବଡ଼ ଘଟଣା ଭାବରେ ଦେଖାଯାଉଛି।

ବର୍ତ୍ତମାନ ଟିଏମସି ସାମ୍ନାରେ ଥିବା ସବୁଠାରୁ ବଡ଼ ସମସ୍ୟା ହେଉଛି ଦଳୀୟ ଏକତା। ବିଭିନ୍ନ ରିପୋର୍ଟ ଅନୁଯାୟୀ, ଦଳ ଭିତରେ ଦୁଇଟି ଶକ୍ତି କେନ୍ଦ୍ର ଦେଖାଦେଇଛି ଗୋଟିଏ ହେଉଛି ମମତା ବାନାର୍ଜୀଙ୍କ ଗୋଷ୍ଠୀ ଏବଂ ଅନ୍ୟଟି ହେଉଛି ବିଦ୍ରୋହୀ ବିଧାୟକ ଗୋଷ୍ଠୀ ଯାହା ମମତା ଙ୍କ ଠାରୁ ଅଲଗା ମଧ୍ୟ ହୋଇଯାଇଛନ୍ତି। ଏହି ବିଭାଜନ ଟିଏମସିର ଭବିଷ୍ୟତ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ପରିସ୍ଥିତିକୁ ପରିଚାଳନା କରିବା ପାଇଁ, ମମତା ବାନାର୍ଜୀ ଦଳ ଭିତରେ ବଡ଼ ସାଂଗଠନିକ ପରିବର୍ତ୍ତନ କରିଛନ୍ତି। ନୂତନ ଦାୟିତ୍ୱ ବଣ୍ଟନ ଏବଂ ଅଭିଜ୍ଞ ନେତାମାନଙ୍କୁ ସାମ୍ନାକୁ ଆଣିବା ପାଇଁ ପ୍ରୟାସ କରାଯାଉଛି। ଏହା ଦଳକୁ ପୁନର୍ଜୀବିତ କରିବା ଏବଂ ଏହାର କର୍ମୀଙ୍କ ମନୋବଳ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଗତ କିଛି ବର୍ଷ ଧରି, ଟିଏମସି ବିଭିନ୍ନ ଦୁର୍ନୀତି ଏବଂ ବିବାଦରେ ଫସି ରହିଛି। ଶିକ୍ଷକ ନିଯୁକ୍ତି ଦୁର୍ନୀତି, କୋଇଲା ଚୋରା ଚାଲାଣ, ଗୋରୁ ଚୋରା ଚାଲାଣ ଏବଂ ଅନ୍ୟାନ୍ୟ ମାମଲାରେ କିଛି ଦଳୀୟ ନେତା ଜଡିତ ଅଛନ୍ତି। ବିଶ୍ଳେଷକମାନେ କହିଛନ୍ତି ଯେ ଏହି ଅଭିଯୋଗଗୁଡ଼ିକ ଦଳର ଭାବମୂର୍ତ୍ତିକୁ କ୍ଷତି ପହଞ୍ଚାଇଛି ଓ ଯାହା ବିଗତ ନିର୍ବାଚନର ଫଳାଫଳ। ସାମ୍ପ୍ରତିକ ଆଇନ ଶୃଙ୍ଖଳା ଘଟଣା ମଧ୍ୟ ଟିଏମସି ପାଇଁ ସମସ୍ୟା ସୃଷ୍ଟି କରିଛି। ମମତା ବାନାର୍ଜୀଙ୍କ ଭଣଜା ଅଭିଷେକ ବାନାର୍ଜୀ ଟିଏମସିର ଜଣେ ପ୍ରମୁଖ ଚେହେରା ଭାବରେ ଉଭା ହୋଇଥିଲେ ମଧ୍ୟ ଦଳୀୟ କିଛି ନେତା ଏହାକୁ ପସନ୍ଦ ନ କରି ବିରୋଧ କରି ଦଳ ଛାଡିଛନ୍ତି । ପଶ୍ଚିମବଙ୍ଗରେ ଟିଏମସିର ୧୫ ବର୍ଷର ଶାସନ କାଳରେ ମୁସଲମାନମାନଙ୍କ ପ୍ରତି ଅତିରିକ୍ତ ପ୍ରୀତି, ହିନ୍ଦୁ ସମ୍ପ୍ରଦାୟକୁ ଅବହେଳା ଏବଂ କିଛି ସ୍ଥାନରେ ରାଜନୈତିକ ହିଂସା, ବଳାତ୍କାର ଏବଂ ଗୁଣ୍ଡାଗିରିର ବାରମ୍ବାର ଅଭିଯୋଗ ୨୦୨୬ ନିର୍ବାଚନରେ ଦଳ ପାଇଁ ସମସ୍ୟା ପାଲଟିଛି ଏବଂ ସାଧାରଣ ଜନତା ଟିଏମସିକୁ କ୍ଷମତାରୁ ବାହାର କରିଛନ୍ତି। ଟିଏମସି ବିରୋଧୀମାନେ ଅଭିଯୋଗ କରିଛନ୍ତି ଯେ ଦଳ ଭୋଟ ବ୍ୟାଙ୍କ ରାଜନୀତି ପାଇଁ ମୁସଲମାନ ସମ୍ପ୍ରଦାୟକୁ ପ୍ରାଥମିକତା ଦେଉଛି। ସେମାନେ କହିଛନ୍ତି ଯେ ବିଭିନ୍ନ ସରକାରୀ ଯୋଜନା, ଭତ୍ତା ଏବଂ ସୁବିଧାରେ ସଂଖ୍ୟାଲଘୁ ସମ୍ପ୍ରଦାୟକୁ ଅଧିକ ପ୍ରାଥମିକତା ଦିଆଯାଏ। ଏହି କାରଣରୁ, ହିନ୍ଦୁ ସମାଜର ଏକ ଅଂଶ ଅବହେଳିତ ଅନୁଭବ କରୁଛନ୍ତି। ପ୍ରଶାସନର ଭୂମିକା ପ୍ରଶ୍ନବାଚୀ ହୋଇଛି, ବିଶେଷକରି କିଛି ଧାର୍ମିକ ପର୍ବ, ଶୋଭାଯାତ୍ରା ଏବଂ ସାମାଜିକ କାର୍ଯ୍ୟକ୍ରମରେ। ଅନ୍ୟପକ୍ଷରେ, ଟିଏମସି ଏବଂ ଏହାର ସମର୍ଥକମାନେ କହିଛନ୍ତି ଯେ ସରକାର ସମସ୍ତ ସମ୍ପ୍ରଦାୟର ବିକାଶ ପାଇଁ କାମ କରୁଛି। ହିନ୍ଦୁମାନଙ୍କୁ ଅବହେଳା କରିବାର ଅଭିଯୋଗ ମଧ୍ୟ ଏକ ପ୍ରମୁଖ ରାଜନୈତିକ ପ୍ରସଙ୍ଗ ପାଲଟିଛି। ଟିଏମସି ଶାସନ ସମୟରେ ରାଜନୈତିକ ହିଂସା ଏବଂ ଗୁଣ୍ଡାଗିରିର ଅନେକ ଅଭିଯୋଗ ମଧ୍ୟ ଟିଏମ୍‌ସି କୁ ଆଜି ଖଣ୍ଡ ବିଖଣ୍ଡିତ କରିଛି। ନିର୍ବାଚନ ସମୟରେ ଦଳୀୟ କର୍ମୀଙ୍କ ମଧ୍ୟରେ ସଂଘର୍ଷ, ବିରୋଧୀ ଦଳର କର୍ମୀଙ୍କ ଉପରେ ଆକ୍ରମଣ ଏବଂ ସ୍ଥାନୀୟ ସ୍ତରରେ ଭୟର ବାତାବରଣ ମଧ୍ୟ ଦଳ ପାଇଁ କାଳ ହେଲା । ତେବେ ଟିଏମସି ସରକାରଙ୍କ ସମୟରେ କିଛି ଭଲ କାମ ମଧ୍ୟ ଉଲ୍ଲେଖନୀୟ। ସେତେବେଳର ସରକାର ମହିଳା କଲ୍ୟାଣ, ଛାତ୍ର ସମର୍ଥନ, ଗ୍ରାମୀଣ ବିକାଶ ଏବଂ ସାମାଜିକ ସୁରକ୍ଷା ଯୋଜନା ପାଇଁ ପଦକ୍ଷେପ ନେଇଥିଲା। ଏ ସବୁ ସତ୍ତ୍ୱେ ଟିଏମସିର କିଛି ଗୁଣ୍ଡା ନେତା ଏବଂ ଗୁଣ୍ଡା କର୍ମୀଙ୍କ ଗୁଣ୍ଡାଗିରି, ଚାନ୍ଦା ଆଦାୟ, ବଳାତ୍କାର, ଜମି ହଡ଼ପ ଏବଂ ଭୁଲ ନୀତି ଆଦି ଚଳିତ ବର୍ଷ ବିଧାନସଭା ନିର୍ବାଚନ ରେ ଅପମାନଜନକ ପରାଜୟ ଦେବା ସହିତ ଏବଂ ଦଳ ଭିତରେ ବିଭାଜନ କରାଇଦେଲା।

ତଥାପି ଏହି ଚ୍ୟାଲେଞ୍ଜ ଗୁଡିକ ସତ୍ତ୍ୱେ ମମତା ବାନାର୍ଜୀ ପଶ୍ଚିମବଙ୍ଗରେ ଜଣେ ପ୍ରମୁଖ ନେତା ଭାବରେ ଏବେ ରହିଛନ୍ତି। ତାଙ୍କର ବ୍ୟାପକ ରାଜନୈତିକ ଅଭିଜ୍ଞତା, ସାଂଗଠନିକ ପ୍ରଭାବ ଏବଂ ବ୍ୟକ୍ତିଗତ ସମର୍ଥନକୁ ଅଣଦେଖା କରାଯାଇପାରିବ ନାହିଁ। ତେଣୁ ଟିଏମସିର ଭବିଷ୍ୟତ ମୁଖ୍ୟତଃ ତାଙ୍କ ପରବର୍ତ୍ତୀ ପଦକ୍ଷେପ ଉପରେ ନିର୍ଭର କରେ। ବର୍ତ୍ତମାନ ଟିଏମସି ଏବଂ ମମତା ବାନାର୍ଜୀ ଏକ କଷ୍ଟକର ରାଜନୈତିକ ପରୀକ୍ଷାର ସମ୍ମୁଖୀନ ଦେଇ ଗତି କରୁଛନ୍ତି । ନିର୍ବାଚନୀ ପରାଜୟ, ଦଳ ଭିତରେ ବିଦ୍ରୋହ, ସାଂଗଠନିକ ଦୁର୍ବଳତା ଏବଂ ବିଭିନ୍ନ ଦ୍ୱନ୍ଦ୍ୱ ଦଳର ପରିସ୍ଥିତିକୁ କଷ୍ଟକର କରିଦେଇଛି। ତଥାପି ଟିଏମସି ଏକ ପ୍ରମୁଖ ଦଳ, ତେଣୁ ଏହାର ରାଜନୈତିକ ଭବିଷ୍ୟତ ସମ୍ପୂର୍ଣ୍ଣ ଭାବରେ ଶେଷ ହୋଇପାରିବ ନାହିଁ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଆଗାମୀ ଦିନରେ ମମତା ବାନାର୍ଜୀ ଦଳକୁ ପୁନର୍ଗଠିତ କରିପାରିବେ କି ନାହିଁ, ବିଦ୍ରୋହୀ ଗୋଷ୍ଠୀକୁ ଏକାଠି ରଖିପାରିବେ କି ନାହିଁ ଏବଂ ଜନସାଧାରଣଙ୍କ ବିଶ୍ୱାସ ଫେରି ପାଇପାରିବେ କି ନାହିଁ ତାହା ଟିଏମସିର ଭବିଷ୍ୟତ ନିର୍ଣ୍ଣୟ କରିବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ



## ଏଇ ରଜରେ

*ଦେବୀଲତା ଶତପଥୀ*

ଭିଜାମାଟିର ବାସ୍ନାରେ
ହାଲକେଇ ଭିଜୁଛି ରଜ
ପାହାଚ ପରେ ପାହାଚ ଡେଇଁ
ଆସ୍ତେ ଆସ୍ତେ ସେ ଆସୁଛି
ଖୁସିର ଜୁଆର ଆଣି
ତୁମକୁ ନେଇ -
ତମେ ତ ମୋର ଆଦ୍ୟ ବରଷାର
ପହିଲି ଧାରା
ମାଟିର ସୁଗନ୍ଧଭରା ମହକ
ଶବ୍ଦସମ୍ଭାରର ନିଶିଗନ୍ଧା ତୁମେ
ଭୁଲି ଯାଇଚି ମୋ ନିଜର ଠିକଣା -
ମୋ ସୀମାର ସରହଦରେ
ନୀରବ ରାତି ବି ଅନେକ କଥା କହେ
ବହଳିଆ ନିଦରେ ଦୁଃଖ ସବୁ
ଅଭିମାନର ଜୁଆର ହେଇ ବହିଯାଏ
ଲୁହର ଜମାନ ବନ୍ଦୀରେ
ଉତ୍ତର ବି ବନ୍ଧା ପଡ଼ିଯାଏ -
ତମେ ମୋର ମଧୁର ସ୍ପନ୍ଦନ
ମୋ ସମୀରର ସୁରଭି
ମୋ ଡ଼ାଏରୀର ଅସ୍ପଷ୍ଟ ଲେଖାଟିଏ
ସେମିତି ରହିଥିବ ସବୁଦିନ
ଅଲିଭା ପ୍ରଶ୍ନ ଚିହ୍ନ ହୋଇ
ଭାରି ଡର ଲାଗେ
ସପନର ନଈଟା ସୁଖୀଯିବକି ?
ଜହ୍ନ କଣ ମଉଳା ଦିଶିବ କି ?
ମୁହୂର୍ତ୍ତ ଗୁଡାକ ଭାରି ଲାଗିବ କି ?
ସେମିତି ହେବ କି ?
ନାଁ, ଜମାରୁ ନୁହଁ
ତମେ ଆସିବ, ନିଶବ୍ଦରେ
ପ୍ରୀତିର ମାଦକତାରେ,
ଖୁସିର ମାହୋଲରେ
'ଏଇ ରଜରେ' ।

*'ପଦ୍ମାଲୋକ', କେ-୪, କଳିଙ୍ଗ ବିହାର, ଭୁବନେଶ୍ୱର*

## ମନେ ପଡେ ରଜ ସ୍ମୃତି...

*ରାମଚନ୍ଦ୍ର ବେହେରା*



ଜୈଷ୍ଠମାସ ଅନ୍ତେ ଆସିଅଛି ରଜ
ହସୁଛି ଉତ୍କଳ ଭୂଇଁ
ପହିଲି ରଜର ପୋଡପିଠା ବାସ
ମନକୁ କରଇ ବାଇ
କାହିଁ ସେ ମାଟି ପଲମ
ଚୂଲି ନିଆଁପୋଡା ନାଲି ଟହଟହ
ପୋଡାପିଠା ଅନୁପମ ।
ତୋଟାମାନେ ଆଉ ଦିଶୁନାହିଁ ଗଛ
ଦିଶୁନି ବାଉଁଶ ଦୋଳି
ଗାଆଁ ଯୁବକଙ୍କ ବାଗୁଡି ଖେଳର
ଶୁଭୁନାହିଁ ଖୁସି ତାଳି
ନଦିଶେ ପିଲାଙ୍କ ମେଳି
ଦୂର ସହରରୁ ଫେରିଥିବା ଜନେ
ନହୁଅନ୍ତି କୋଳାକୋଳି ।
ତାଆସ ଓ ଲୁଡୁ ନଖେଳନ୍ତି କେହି
ଗାଆଁ ବରଗଛ ମୂଳେ
ଚନ୍ଦନର ଚିତା ନଶୋଭଇ ଆଜି
କୁଆଁରୀଙ୍କ ମଥା ପରେ
ନାହିଁ ସେ ଦୋଳି ସଙ୍ଗୀତ
ବରିଷ୍ଠଙ୍କୁ ଭକ୍ତି ସାନକୁ ଆଦର
ନାହିଁ ସ୍ନେହ ଶ୍ରଦ୍ଧା ଚିତ୍ତ ।
ଭାଇଚାରା ଭାବ ମଧୁର ସ୍ୱଭାବ
ନଦିଶେ ଆଉ ରଜରେ
ରଜପାନ ଆଜି ସପନ ହୋଇଛି
ନବାଣ୍ଣେ କେହି ଶ୍ରଦ୍ଧାରେ
ନାହିଁ ସେ ରଜ ସଂସ୍କୃତି
ଭୁଲୁଅଛୁ ଆମେ ଆମ ପରମ୍ପରା
ପୂର୍ବ ଉତ୍କଳୀୟ ରୀତି ।
ଆସ ମିଳିମିଶି ରଜ ମନାଇବା
ପର ଆପଣାର ଭୁଲି
ହିଂସା ରାଗ ଦ୍ୱେଷ ପରାଣୁ ଦୂରେଇ
ସର୍ବେ ହେବା କୋଳାକୋଳି
ସଂସ୍କୃତି ଆମ ମହାନ
ଆମ ପରମ୍ପରା ଆମେ ବଞ୍ଚାଇବା
ବିଶ୍ୱରେ ପାଇବା ମାନ ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*



**ସୁନିତା କର**

## ବାଉଁଶ ଦୋଳି



ବଉଳ ଲୋ !

ରଜ ଆସିଲେ ତୋ କଥା ବହୁତ ମନେପଡେ । ଭଲ ଲାଗେନି । ଇଚ୍ଛା ହୁଏ ଚୁପ୍ ଚାପ୍ ଶୋଇବା ଘରର କବାଟ ବନ୍ଦକରି ଅନ୍ଧାର ଘରେ ଖଟଟା ଉପରେ ଶୋଇରହି ତତେ ଦେଖିବାକୁ, ମୋ ମାନସ ଚକ୍ଷୁରେ । ବହୁତ ଆନନ୍ଦ ମିଳେ ମତେ ସେଥିରେ । ଲାଗେ, ଯେମିତି ତୁ ମୋ ମୁଣ୍ଡ ପାଖରେ ବସିଛୁ । ଗପିବାକୁ ଇଚ୍ଛାହୁଏ ତୋ ସହ । କାଗଜ କଲମ ଧରି ଲେଖିବସେ ତୋ ପାଖକୁ ଚିଠି । ଅନ୍ତରର ସମସ୍ତ ଅବ୍ୟକ୍ତକୁ ଚିଠିରେ ଉତାରିବା ପରେ ଟିକିଏ ଭଲ ଲାଗେ । ସେ ଚିଠିକୁ ମୁଁ ରେଜିଷ୍ଟ୍ରି ପୋଷ୍ଟ ବି କରେ ଗାଁ ଠିକଣାରେ । ମୋର ପ୍ରତ୍ୟେକଟି ଚିଠିକୁ ମାଉସୀ ସାଇତି ରଖିଥାଆନ୍ତି ତାଙ୍କର ଏକ ଖୁବ୍ ସୁନ୍ଦର କୁଟିକମକରା କାଠ ବାକ୍ସରେ । ସେଥିରେ କିଛି କର୍ପୁର ବି ପକେଇଥାନ୍ତି ପୋକ ଲାଗିବେନି ବୋଲି । ସେ ବାକ୍ସରେ ତୋର ସେଦିନ ରଜର ନାଲି ଜରିପକା ଶାଢ଼ିଟି ବି ଅଛି ଲୋ ବଉଳ । ଖୁବ୍ ଯତ୍ନରେ ରଖିଛନ୍ତି ମାଉସୀ । ଛୋଟ ତାଲାଟିଏ ପଡିଥାଏ ସେଥିରେ ।

ମଉସା କହୁଥିଲେ, ପ୍ରତିବର୍ଷ ରଜ ପରେ ମୋ ଚିଠି ପାଇ ମାଉସୀ କୁଆଡ଼େ ତାକୁ ଦି' ତିନି ଥର ପଢନ୍ତି, ବହେ କାନ୍ଦନ୍ତି, ତାପରେ କାନ୍ଥରେ ଟଙ୍ଗା ହୋଇଥିବା ତୋର ଫୋଟୋକୁ ଦେଖାଇ କହନ୍ତି - ନେ, ଦେଖିଦେ ତୋ ବଉଳର ଚିଠି । ରଖୁଛି ଏଠି, ପଢିବୁ । ହେଲା !

ବର୍ଷକୁ ଥରେ ମୁଁ ଗାଁକୁ ଯାଉଥିଲି ଆଗରୁ । ଗାଁକୁ ଗଲେ ମାଉସୀଙ୍କ ହାତରନ୍ଧା ଦି' ତିନି ଥର ନଖାଇଲେ ମତେ ଶାନ୍ତି ଲାଗେନି । ଆଉ ଗୋଟେ ଆକର୍ଷଣ ଥାଏ ତୋର ଶୋଇବା ଘରେ ଟଙ୍ଗା ହୋଇଥିବା ସେ ବଡ ଫଟୋ ଆଉ ମାଉସୀଙ୍କ କାଠ ବାକ୍ସ । ଫଟୋରେ ତୋ ଓଠରେ ସେ ନିଛକ ହସ, କଳା ମଚମଚ ମୋଟା ବେଣୀ, ତାସହ ମଲ୍ଲୀ ଫୁଲର ମାଳ, ଖୁବ୍ ସୁନ୍ଦର । ତୋର ସେ ନାଲି ଜରିଲଗା ଶାଢିଟିକୁ ଧରି ବହେ କାନ୍ଦେ, ତାପରେ ବହୁତ ହାଲ୍‌କା ଲାଗେ ମୋତେ । ଏବେବି ତୋ ରୁମ୍‌ର ଟେବୁଲ୍ ଉପରେ ତୋ ବହିପତ୍ର, ଫୁଲଦାନୀ ସବୁ ସେମିତି ସୁନ୍ଦର ଭାବରେ ସଜେଇ ହେଇକି ଅଛି ଲୋ । ମାଉସୀ ସେ ଘରେ ଶୁଅନ୍ତି, କାହାକୁ କେଉଁଥିରେ ହାତ ଲଗେଇ ଦିଅନ୍ତିନି, ତୋର ପ୍ରତ୍ୟେକଟି ସ୍ମୃତିକୁ ସେ ଜୀବନ୍ତ ଭାବରେ ସଜେଇ ରଖିଛନ୍ତି ।

ଗତ ବର୍ଷ ଯେତେବେଳେ ବୋଉ ପାଖକୁ ଗଲି, ତୁମ ଘରକୁ ବି ଯାଇଥିଲି ଲୋ ବଉଳ । ଅବଶ୍ୟ ଏଥର ବ୍ୟବଧାନଟା ଟିକେ ଅଧିକା ଥିଲା । ପାଞ୍ଚ ବର୍ଷ ପରେ ଗାଁ ମାଟି ଛୁଇଁଥିଲି ମୁଁ । ଦିବର୍ଷ ତଳେ ଆସିଥିଲି ଭୁବନେଶ୍ୱର, ସାନ ପିଉସୀଙ୍କ ଝିଅ ରୁବିର ବାହାଘର ଲାଗି । ସେଥର କିନ୍ତୁ ହାତରେ କମ୍ ସମୟ ଥିଲା, ତେଣୁ ବାପା ବୋଉ ଆସିଯାଇଥିଲେ ଭୁବନେଶ୍ୱର ।

ମନେପଡୁଛି ନା ବଉଳ ତୋ'ର ! ସେତେବେଳେ ମୋ ସାନ ପିଉସୀ ଆମ ଘରେ ରହୁଥିଲେ । ତାଙ୍କର ନଅ ମାସ ପୁରିଯାଇଥିଲା । ପ୍ରତିଦିନ ତାଙ୍କୁ ଦେଖି ତୋର ମୋର ତର୍କ ଆରମ୍ଭ ହେଇଯାଏ, ମୁଁ କହେ ଝିଅ ହେବ ଆଉ ତୁ କହୁ – ନା ପୁଅ । ସେଦିନ ପହଲି ରଜର ଗହଳିରେ ବି ଏ ତର୍କ କିଛି ସମୟ ପାଇଁ ଥିଲା ଆମ ଦି ଜଣଙ୍କର କାର୍ଯ୍ୟକ୍ରମରେ । ସବୁ ସାଙ୍ଗସାଥି ଆମକୁ ଦେଖି ମଜା ନେଉଥିଲେ, ଆଉ ପିଉସୀ କହୁଥିଲେ ହଉ ଯାଅ, ପୁଅ ଝିଅ ଯାଆଁଳା ହେବେ, ଗୋଟେ ତୋର ଆଉ ଗୋଟେ ତାର । ଆମ ଦି ଜଣଙ୍କ ଭିତରେ ଥିବା କ୍ଷୀର ନୀର ସମ୍ପର୍କଟା ହିଁ ଗାଁ ଭିତରେ ସେତେବେଳେ ଗୋଟେ ଚର୍ଚ୍ଚାର ବିଷୟ ଥିଲା । ଜୀବନଟା କେତେ ସୁନ୍ଦର ସାବଲୀଳ ଥିଲା ନା ବଉଳ !

ସେ ବର୍ଷର ରଜ ମଲାଯାଏ ଭୁଲିପାରିବିନି ଲୋ । ମ୍ୟାଟ୍ରିକ୍ ପରୀକ୍ଷା ସରିଯାଇଥାଏ ଆମର, ଚିନ୍ତାଶୂନ୍ୟ ଏକରକମ । ତାପରେ କଣ କରିବା ମୁଣ୍ଡରେ ନଥାଏ । ହଁ, ଘରଲୋକେ ବେଳେବେଳେ କଥା ହେବାର ଶୁଣୁଥିଲୁ ଯେ, କଲେଜ ପଢିବା ପାଇଁ ଭୁବନେଶ୍ୱର ଯିବ, ହଷ୍ଟେଲରେ ରହିବ । ଆମର କିନ୍ତୁ ସର୍ତ୍ତ ଥିଲା- ଯେଉଁଠି ପଢିବୁ ଏକାଠି । ସେଥିରେ ବି ଘରେ ସମସ୍ତେ ରାଜିଥିଲେ । ଘର ଛାଡି ବାହାରକୁ ଯିବା, ସେଥିଲାଗି ବୋଧହୁଏ ସେ ବର୍ଷ ଭଲ ଶାଢି ଆମ ପାଇଁ ହେଇଥିଲା । ତୋର ରକ୍ତନାଳିର ଆଉ ମୋର ମୟୂରକଣ୍ଠୀ ନୀଳରଙ୍ଗର ଜରିଲଗା ଉଲି ଶାଢି । ତୁ ଯିବା ପରେ ମୋର ସେ ଶାଢିଟିକୁ ଏ ପର୍ଯ୍ୟନ୍ତ ବି ସାଇତିକି ରଖିଛି ଲୋ ବଉଳ । ମଝିରେ ମଝିରେ ଖାଲି ଖୋଲିକି ଚଉତେ । ଓଲଟେଇ ଦିଏ, ଫାଟିଯିବା ଆଶଙ୍କାରେ ।

ପିଠା ଖାଇ ସବୁ ଗାଁ ଝିଅ ଦୋଳି ଖେଳିବାକୁ ଗଲେ ଆମ୍ବ ତୋଟାକୁ । ଆମ୍ବ ତୋଟା ପାଖ ବରଗଛରେ ଝୁଲା ହେଇଥାଏ ପାଞ୍ଚ ଛଅଟା ଦୋଳି । ତାସହ ଥାଏ ଦି'ଟା ବାଉଁଶ ଦୋଳି । ପାଳି ପାଳି କରି ସମସ୍ତେ ଖେଳୁଥାଆନ୍ତି । ସମସ୍ତେ ଆଗେ ଆଗେ ଚାଲିଲେ । ତୋ'ର ମୋର କିନ୍ତୁ ଟିକେ ପଛରେ ରହିଲେ । ପିଉସୀ ନାନୀଙ୍କ ସହ ହସ ଗମାତ ହେଉ ହେଉ ହଠାତ୍ ତାଙ୍କର ପେଟ କାଟିବା ଆରମ୍ଭ ହେଲା । ତରବର ହୋଇ ବାପା ଚାଲିଗଲେ ଡାକ୍ତର କି ନର୍ସ ଡାକିବାକୁ । ବୋଉ ଧାଇଁଯାଇ ପାଖଘର ସୁଲିଖୁଡିଙ୍କୁ ଡାକି ଆଣିଲା । ଚାହୁଁ ଚାହୁଁ ଗାଁର କିଛି ସ୍ତ୍ରୀଲୋକ ରୁଣ୍ଡ ହେଇଗଲେ । ବୋଉ ଆମକୁ କହିଲା- ଅଡିଆଡୀ ଝିଅଗୁଡାକ, ତୁମର ଏଠି କାମ କଣ ? ଯାଅ ଦୋଳି ଖେଳିବ ।

ନୂଆ ନୂଆ ସେଇଥର ଆମେ ଶାଢି ପିନ୍ଧିଥିଲେ । ଶାଢି ପିନ୍ଧି ଠିକ୍‌ରେ ଗାଁ ଦାଣ୍ଡରେ ଚାଲି ବି ପାରୁନଥିଲେ । ପଣତକୁ ଅଣ୍ଟାରେ ଭିଡି ଶାଢିକୁ ପେଣ୍ଡା ଯାଏଁ ଟେକି ଟେକି ପହଞ୍ଚିଲେ ଆମ୍ବ ତୋଟା । ଥକ୍କା ମାରି ସେଇ ମାଟିଟାରେ ହିଁ ଗୋଡ ଲମ୍ବେଇ କିଛି ଶୁଖିଲା ଆମ୍ବପତ୍ରକୁ ପାରି ବସିଗଲେ । ମନେପଡୁଛି ନା ?

ଟିକେ ଥକ୍କା ମାରିଛେ ନା ନାହିଁ, ଆମକୁ ସବୁ ଭିଡ଼ିନେଲେ ବରଗଛ ମୂଳକୁ । ରଜ ଗୀତ, ତା ସାଙ୍ଗକୁ ବେତାଳିଆ ନାଚ, ବହୁତ ମଜା ହେଉଥିଲା । ସେଥିରେ ତୋର କଳା ମଚମଚ, ଆଣ୍ଠୁ ଯାଏଁ ଲମ୍ବିଯାଇଥିବା ଗହବା ବେଣୀର ମଲ୍ଲୀମାଳଟା ଖୁବ୍ ସୁନ୍ଦର ଦିଶୁଥାଏ । ତା ସାଙ୍ଗକୁ ନୂଆ ଗଢା ସୁନାର ନାଗରମ ଆଉ ସେବତୀ ଫୁଲ ଚିକ୍ ଚିକ୍ କରୁଥାଏ ଗଭାରେ ତୋର । ରକ୍ତନାଳିର ଶାଢିରେ ତୁ ତ ଦେବୀଟିଏ ଭଳି ଦେଖାଯାଉଥିଲୁ ଲୋ । କେତେ ଟାହି ଟାପରା କରିଛୁ ସେଦିନ ଆମେ, ବୋଧହୁଏ ଚାଲିଯିବୁ ବୋଲି । ଲାଗୁଛି, ଯେମିତି ସାରା ଜୀବନର ଖୁସି ସେଇ ଗୋଟିଏ ଦିନରେ ସାଉଁଟିବାକୁ ଚେଷ୍ଟା କରୁଥିଲି ମୁଁ, ମୋର ଅଜାଣତରେ ।

ଦୋଳିଖେଳ ଚାଲିଥାଏ, କେହି ବସିକି ତ କେହି ଠିଆପେଙ୍ଗା ମାରି ଖେଳୁଥାଆନ୍ତି । ଶୂନ୍ୟରେ ଦୋଳି ଝୁଲୁଥାଏ ଏପଟରୁ ସେପଟ । କେହିକେହି ପୁଚିରେ ମାତିଥାଆନ୍ତି, ଠିଆପୁଚି ନାରଙ୍ଗ ... ଗୀତ । ଆମେ ବି ଢେର୍ ସମୟ ଯାଏଁ ପୁଚି ଦେଖୁଥିଲେ, ନାଚୁଥିଲେ ଦଳରେ ମିଶି । ବାଉଁଶ ଦୋଳି ଖାଲିହେବା ଦେଖି ଆମେ ଦି' ଜଣ ଚାଲିଲେ ସେପଟେ । ଆଗ ମୁଁ ବସିଲି । ଦି ଚାରିଥର ଝୁଲିଲା ପରେ ମୁଁ ଓହ୍ଲେଇଗଲି, ତାପରେ ତୁ ବସିଲୁ ।

ଆମ ଦି'ଜଣଙ୍କର କେତେ ଗପ ସେଦିନ । ତା ଆରବର୍ଷ ହଷ୍ଟେଲରେ ଥିବା, ରଜରେ ଗାଁକୁ ଆସିବା, ଏମିତି କେତେ ସ୍ୱପ୍ନମିଶା ଗପ ଆମର । ବାଉଁଶ ଦୋଳିଟା ଖୁବ୍ ଲମ୍ବା, ବହୁତ ଉପରକୁ ଉଠେ । ଶାଢି ପିନ୍ଧିବା ଆମର ଅଭ୍ୟାସ ନଥିଲା, ତା ଉପରେ ସେ ଖସଡା ଉଲି ଶାଢି । ସେଇଟାହିଁ କାଳ ହେଲା ଆମକୁ । ତୁ ତ ଦୋଳି ଖେଳିବାରେ ଓସ୍ତାଦ । ହୋ ହୋ ହୋଇ ସମସ୍ତେ ତତେ ଆହୁରି ଉସକୋଉ ଥାଆନ୍ତି– ରୁନି ଅପା ଜୋର୍‌ରେ ଜୋର୍‌ରେ ... । ତୁ ବି ହସିହସି ରଜପାନଖିଆ ପାଟିରୁ ନାଲି ଛେପ ଢୋକି ଜୋର୍‌ରେ ପେଙ୍ଗା ମାରୁଥିଲୁ । ଗୀତର ସୁର ମେଳିଥିଲୁ – ବନସ୍ତେ ଡାକିଲା ଗଜ ... । ଦୋଳିର ଗତି ସହ ମୋ ଛାତି ବି ଉଠୁଥାଏ ପଡୁଥାଏ । ସ୍ୱଭାବ ବଶତଃ ମୁଁ ଟିକେ ଡରୁଆ ଥିଲି । ତଳେ ଠିଆହୋଇ ମୁଁ ଖାଲି ପାଟି କରୁଥାଏ- ରୁନି ଧୀରେ, ଧୀରେ.. ।

ହଠାତ୍ ଆଖି ଆଗରେ ... ଧଡାସ୍ ... । ଦୋଳିରୁ ଛିଟକି ତୁ ପଡ଼ିଥିଲୁ ବେଶ୍ ଖଣ୍ଡେ ଦୂରରେ । ସମସ୍ତେ ହାଁ ହାଁ ହୋଇ ଘେରିଯାଇଥିଲେ ତତେ । ସେତେବେଳେ କୁଆଡ଼େ ମୁଁ ବି ସଂଜ୍ଞାହୀନ ହୋଇପଡ଼ିଥିଲି ତୁ ପଡିବା ଦେଖି । ପାଣି ଛିଞ୍ଚିବାପରେ ମୋର ଚେତା ଆସିଥିଲା, ତୁ କିନ୍ତୁ ଶୋଇଗଲୁ ଲୋ ବଉଳ ସବୁଦିନପାଇଁ ।

ଯେଉଁ ପହିଲି ରଜ ଦିନ ତୁ ଗଲୁ, ଠିକ୍ ସେଇଦିନ ସାନ ପିଉସୀଙ୍କର ଝିଅଟିଏ ହେଲା । ତୋ ଭଳି ଖୁବ୍ ସୁନ୍ଦରୀ ସେ । ତୋ ନାଁ କୁ ମିଶେଇ ତାର ନାଁ ରଖିଲି ମୁଁ ରୁବି । ଗାଁ ଲୋକେ କୁହାକୁହି ହେଲେ- ରୁନି ତା ବଉଳକୁ ଛାଡି ଯାଇପାରିବନି, ଦେଖ ପୁଣି ତାଙ୍କ ଘରକୁ ଆସିଗଲା । ସେଇ ରୁବିର ବାହାଘରକୁ ଗତବର୍ଷ ଯାଇଥିଲି । ସମୟ ଅଭାବରୁ ଗାଁକୁ ଯାଇପାରିଲିନି କି ମାଉସୀଙ୍କୁ ଦେଖାକରିପାରିଲିନି ।

ତୁ ଯିବାପରେ ମୋର ରଜ ଆଉ ପର୍ବ ହୋଇ ରହିଲାନି, ସ୍ମୃତି ଦିବସ ହୋଇ ରହିଗଲା ଲୋ । ସବୁ ପହିଲି ରଜରେ ମୁଁ ତୋ ପାଖକୁ ଚିଠି ଲେଖେ ଆଉ ପଠାଏ ତୋରି ଠିକଣାରେ ଗାଁକୁ । ଲାଗେ, ମାଉସୀ ଅପେକ୍ଷା କରିଥିବେ ମୋ ଚିଠିକୁ ତତେ ପଢେଇବା ପାଇଁ ।

ଝିଅଟି ମୋର ଦଶବର୍ଷର ହେଲାଣି । ଯେଉଁଠି ରହିଲେବି ପରମ୍ପରା ଅନୁସାରେ ରଜକୁ ପୋଡପିଠାଟିଏ କରେ ମୁଁ ତା ଲାଗି । କିନ୍ତୁ ଘରେ ଦୋଳି ଲଗେଇବାକୁ ଆଉ ସାହସ ହୁଏନି ଲୋ ବଉଳ । ଆଜିକାଲିର ପିଲା ବି ଦୋଳି ଭୁଲିଗଲେଣି, ହେଲେ ମୁଁ ଭୁଲିପାରୁନି; ଆମର ସେ କାଳ- ବାଉଁଶ ଦୋଳି । ଆଖି ବନ୍ଦକଲେ ଦେଖୁଛି, ସେ ଦୋଳିରେ ତୁ ଝୁଲୁଛୁ- ନାଲିପରୀ, ସୁହାସିନୀ, ସୁନ୍ଦରୀ । ପ୍ରତିଧ୍ୱନିତ ହେଉଛି ତୋର ସୁର- ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ ... । ହାତଠାରି ଡାକୁଛୁ- ଆ ବଉଳ ଆ ।

*ମୋ-୯୯୩୭୦୩୯୭୮୫*

## ଆସୁଅଛି ରଜ

*ଦୀପକ କୁମାର ନାୟକ*

କେତେ ଖୁସିନେଇ ଆସୁଅଛି ରଜ
ଆଉବା କେତେଯେ ଦିନ
କିପରି ପାଳିବେ ଝିଅ ବୋହୂମାନେ
ଦେଖୁଛନ୍ତି ସବୁ ସ୍ୱପ୍ନ ।।
ଗାଆଁଠୁ ସହର ଚାରିଦିନ ଧରି
ରଜ ପରବକୁ ପାଳି
ଝିଅ ବୋହୂ ଯେତେ ଖୁସି ଆନନ୍ଦରେ
ହୋଇବେ ଯେ କୋଳାକୋଳି ।।
କୁଆଁରୀ ଯେତେକ ପାଳିବାକୁ ରଜ
ପାଦ ତଳେ ଲାଗୁନାହିଁ
କେମିତି ପାଳିବେ ନଈ ତୁଠରେ ସେ
ଆଲୋଚନା କରୁଥାଇ ।।
ବିଦେଶରେ ଥିବା ସ୍ୱାମୀକୁ ନିଇତି
ଡାକେ ଭାରି ଶରଧାରେ
ଚାରିଦିନଯାକ କେମିତି ପାଳିବେ
ପଡ଼ିଛନ୍ତି ଭାବନାରେ ।।

*ଯୁବ ସାମ୍ବାଦିକ, ଗଣ୍ଡାନାଳୀ, ହିନ୍ଦୋଳ, ଢେଙ୍କାନାଳ*
*ମୋ-୮୬୩୭୨୬୧୮୨୮*

## ରଜ ରୂପକଳ୍ପ

*ଆଶୁତୋଷ ପାତ୍ର*



ନୂତନ ସମ୍ଭାବନାର
ବଂଶୀସ୍ୱନ ତୋଳିବା ପାଇଁ
ପ୍ରସ୍ତୁତ ଋତୁସ୍ନାତା ବସୁଧା

ସବୁଜିମାର ଅଙ୍କୁରୋଦ୍‌ଗମ୍‌ରେ
ମାଟି ମା'ର ନିଷ୍କପଟ ହୃଦୟରେ
ଚହଟି ଉଠେ ଭବିଷ୍ୟତର ହସ ।

ହସକାନ୍ଦର ଅଗଣାରେ
ଧୈର୍ଯ୍ୟର ମୁରୁଜରେ ରଙ୍ଗାହୁଏ
ଅତୀତର ମଲାଟ ।

ସ୍ୱପ୍ନର ଅଲକ୍ତକ ନାଇ
ଖୁସିର ହରିଦ୍ରା ମାଖି
ମଉଜର ନାଳିନୀଳ ପାଟ ପିନ୍ଧି

ସୁଖସ୍ମୃତିର ଖିଲିପାନଟେ କଳରେ ଜାକି
ରାଜକୁମାରୀ ପାଲଟନ୍ତି
ଅଳସ ଭାଙ୍ଗୁଥିବା କଅଁଳ ମନ ।

ଭରସାର ଆମ୍ବତୋଟାରେ
ସମୟର ଗଛଡାଳରେ
ବିଶ୍ୱାସର ଦଉଡି ବାନ୍ଧି
ଦୋଳି ଝୁଲୁଥାନ୍ତି ଆଶା ଓ ପ୍ରତ୍ୟାଶା ।

ଲୁହଲହୁର ସମୀକରଣକୁ
ବେଖାତିର କରି
ଧୂଳି ଉଡାଇବାରେ ବ୍ୟସ୍ତ
ସ୍ନେହ ବନ୍ଧନର ପୁଚିଖେଳ ।

ସମ୍ପର୍କର ପୋଡପିଠା ଖଣ୍ଡିକର
ମଧୁର ଆସ୍ୱାଦନ ଭିତରେ
ଦିଆନିଆ ଚାଲେ
ଭଲପାଇବାର ସ୍ୱାଦ ।

ଭୋକ ସହ ଭିକର
ସଂପର୍କ ଯୋଡିବାକୁ
ଶେଷଥର ପାଇଁ ଥକ୍କା ମେଣ୍ଟାଏ
ଗଳଦ୍‌ଘର୍ମ ଅନ୍ନଦାତାର ନିଷ୍କାମ ଚରିତ୍ର ।

*ରାୟଗଡା*
*ମୋ-୯୪୩୭୯୦୮୦୭୦*

## ମୋର ଚିର ବିଦାୟରେ

*ଅଖିଳ କୁମାର ମିଶ୍ର*

କେବେ ନା କେବେ,
ସମୟ ଥମିଯିବ,
ଆଉ ମୁଁ ଚାଲିଯିବି ଏହି ସଂସାର ଛାଡ଼ି ।

ଏହି ସୁନ୍ଦର ପୃଥିବୀରୁ
ଯେବେ ମୋର ଅବସାନ ହେବ,
ଉପସ୍ଥିତ ଲୋକଙ୍କ ଆଖିର ଲୁହ
ଓ ମୁହଁର ବିଷାଦ ଥିବ ।

'କେଉଁ ମାସ, କେଉଁ ବର୍ଷ-
ତାହା କିଏ ବା ଜାଣେ !'
ଜାନୁଆରୀରୁ ଡିସେମ୍ବର ମଧ୍ୟରେ
ଯେକୌଣସି ଏକ ଦିନ
ମୋର ଶେଷ ଯାତ୍ରାର ଦିନ ହୋଇପାରେ ।

ମୋର ମୃତ୍ୟୁ ପରେ,
ଲୋକେ ଆସିବେ ପୁଷ୍ପାଞ୍ଜଳି ଅର୍ପଣ
କରିବାକୁ,
ଆଲୋଚନା କରିବେ-
ଜୀବନରେ ମୁଁ କ'ଣ କରିପାରିଲି,
ଆଉ କ'ଣ କରିବାକୁ ବାକି ରହିଗଲା ।

ମୁଁ ତେବେ ଚିରନିଦ୍ରାରେ ଲୀନ ହୋଇଥିବି,
ତୁମେ ଆସିଥିଲ କି ନାହିଁ,
ତାହା ଜାଣିବାର ସାଧ ମୋର ମଧ୍ୟ ନଥିବ ।

ତଥାପି ମୋର ନୀରବ ଆଖି
ଖୋଜୁଥିବ ତୁମର ଛବି-
ବନ୍ଧୁ ଓ ଆତ୍ମୀୟଙ୍କ ଭିଡ଼ ଭିତରେ
କାହାରି ମୁହଁରେ ଯଦି ତୁମର ଆଭାସ ମିଳେ,
ସେପରି କଳ୍ପନାଜଳ୍ପନାର ଜମାଟ ବାନ୍ଧୁଥିବ ।

ହେ ପ୍ରିୟତମା,
ମୁଁ ଏବେ ମୃତ୍ୟୁର ଚିରନ୍ତନ ପଥର ଯାତ୍ରୀ,
ଯେପରି ଦୀପଶିଖାର ଆକର୍ଷଣରେ
ପତଙ୍ଗଟିଏ ଉଡ଼ିଯାଏ ନିଜର ଶେଷ
ଆଲିଙ୍ଗନ ପାଇଁ ସେପରି...
ତୁମ ପ୍ରେମରୁ
ମୁଁ ଆଲୋକବର୍ଷ ଦୂରେ ଆସିଯାଇଛି ।

ତଥାପି କଳ୍ପନା କରେ-
ମୋର ଅନ୍ତିମ ଶଯ୍ୟା ପାଶେ
ତୁମେ ଆସି ଠିଆ ହେବ,
କେବଳ କିଛି ମୁହୂର୍ତ୍ତ ପାଇଁ,
ଆଉ ନିରବ ନୟନରେ
ମୋତେ ଚାହିଁ ରହିବ ।
ସେହି ନୀରବ ଦୃଷ୍ଟି ହିଁ ହେବ
ମୋର ଶେଷ ଆଲିଙ୍ଗନ,

ସେହି ନୀରବ ଦୃଷ୍ଟି ହିଁ ହେବ
ମୋର ଅନ୍ତିମ ଆଲିଙ୍ଗନ,
ମୋର ଚିରବିଦାୟର ମଧୁର ମୁହୂର୍ତ୍ତ ।

*ଅତିରିକ୍ତ ମହାନିର୍ଦ୍ଦେଶକ, ପତ୍ର ସୂଚନା କାର୍ଯ୍ୟାଳୟ, ଭାରତ ସରକାର, ଭୁବନେଶ୍ୱର*



## ମାଟି ମା' ପର୍ବ ରଜ

**ଅରୁଣ କୁମାର ଦାସ**

ଉତ୍କଳୀୟ ସଂସ୍କୃତି, ଐତିହ୍ୟ, ପରମ୍ପରାରେ ଭରପୁର ଉତ୍କଳର ମାଟି । ବିଭିନ୍ନ ପର୍ବପର୍ବାଣି ଏହାର ମହିମାକୁ ଆହୁରି ଗୌରବ ମଣ୍ଡିତ କରିପାରିଛି । ବାର ମାସରେ ତେର ପର୍ବ ପାଳନ ସହିତ ବିଭିନ୍ନ ମେଳା, ଉତ୍ସବ ଯାନି ଯାତ୍ରା, ମିଳନ, ଧର୍ମାନୁଷ୍ଠାନ ଏହାର ପରିବେଶକୁ ଆହୁରି ଋଦ୍ଧିମନ୍ତ କରିପାରିଛି ।

ସେଥିମଧ୍ୟରୁ କୃଷି ଭିତ୍ତିକ ପର୍ବ ରଜ ଅନ୍ୟତମ । ଏହା ମୁଖ୍ୟତଃ ତିନିଦିନ ଧରି ପାଳନ କରାଯାଉଥିଲେ ମଧ୍ୟ ଏହି ପର୍ବର ପ୍ରସ୍ତୁତି ଅନ୍ୟ ଏକ ବୈଶିଷ୍ଟ୍ୟ ବହନ କରେ ।

ବିଶେଷ କରି ଗାଁ ଗହଳିରେ ଏକ ସପ୍ତାହ ଆଗରୁ ଆୟୋଜନ କରାଯାଇଥାଏ । ବନ୍ଧୁ ଘରକୁ ଆମ୍ବ, ପଣସ, କଦଳୀ, ମିଠା, ପିଠା, ଆଦି ନେଇ ଯିବାର ଏକ ପରମ୍ପରା ରହିଛି । ପୋଡ଼ ପିଠା ପ୍ରସ୍ତୁତି ପାଇଁ ଚାଉଳ, ବିରି, ଯଥେଷ୍ଟ ସମୟ ପୂର୍ବରୁ ଯୋଗାଡ଼ ହୋଇଥାଏ । ପଳାସ ପତ୍ର ସଂଗ୍ରହ ହୋଇଥାଏ । ପିଠାର ପୂର ପାଇଁ ଛେନା, ନଡ଼ିଆ, କାଜୁ, କିସ୍ ମିସ୍, ଚିନାବାଦାମ, ପାନମଧୁରୀ, ଗୁଜୁରାତି, ଅଳେଇଚ ଆଦି ଯୋଗାଡ଼ ହୋଇଥାଏ । ନୂତନ ପୋଷାକ ପିନ୍ଧି ନବ ଯୁବା, ଯୁବତୀ ଆକର୍ଷଣୀୟ ପରିପାଟୀରେ ସଜ୍ଜିତ ହୋଇଥାନ୍ତି । ରଜ ଦୋଳି, ରଜ ପାନ, କବାଡି ଖେଳ, ତାସ ଖେଳ ଏହି ପର୍ବର ମୁଖ୍ୟ ଆକର୍ଷଣ ।

ଓଡ଼ିଶାର କୃଷକ ଭାଇ ଚାଷ ଜମିରେ ଚାଷ କାମ ସମ୍ପନ୍ନ କରିଦେଇ ଭବିଷ୍ୟତ ଚିନ୍ତା ପାଇଁ ଥାଏ । ଭଲ ଫସଲ ଅମଳ ଆଶାରେ ଆକାଶକୁ ଚାହିଁଥାଏ । ଧଳା ମେଘ ଖଣ୍ଡ ଭାବନାରେ ଆହୁରି ଉତ୍ ପ୍ରେରକ ଯୋଗାଇଥାଏ । କଡାଣ, ଦୋପର, ଖତ ପ୍ରୟୋଗ ଓ ବିହନ ବୁଣିବା କାର୍ଯ୍ୟ ସମ୍ପାଦନ କରିଥାଏ ।

ଏସନ ନିଅଣ୍ଟିଆ ବର୍ଷା ଅମଳ ଆଶାରେ ପ୍ରତିବନ୍ଧକ ସାଜିପାରେ । ତଥାପି ଆଶା ଅସୁମାରୀ । ପ୍ରଚଣ୍ଡ ରୌଦ୍ରତାପ, ମୋବାଇଲ୍ ଫୋନ୍, ରାଜନୈତିକ ବାତାବରଣ, ଆଧୁନିକତାର ସ୍ପର୍ଶ, ରଜ ପର୍ବର ଆକର୍ଷଣ ହରାଇ ବସିଲାଣି । କେବଳ ନାମକୁ ମାତ୍ର କନା ପଡି ରହିଛି ନ୍ୟାୟରେ ଗାଁ ଗହଳିରେ ଏହାର ଝଲକ୍ ବାରି ହୋଇପଡୁଛି ।

ସେଲ୍ଫି ନେଇ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍‌ରେ ଅପ୍‌ଲୋଡ଼ ପାଇଁ ଦୋଳି ତିଆରି ହୋଇଥାଏ । ରଜ ପାଳନ ପରମ୍ପରାରେ ସୀମିତ ହୋଇଯାଇଛି । ପୋଡ଼ ପିଠା ବଦଳରେ ପିଜା, ବର୍ଗର ସ୍ଥାନ ନେବାକୁ ବସିଲାଣି । ଧର୍ମ ପୀଠ ମାନଙ୍କରେ ଜନ ଗହଳି ପରିଲକ୍ଷିତ ହୋଇଥାଏ । ଧର୍ମ ପୀଠ ନାମକୁ ମାତ୍ର ପ୍ରେମ ପାଇଁ ଉଦ୍ଦିଷ୍ଟ ହୋଇଯାଇଛି । ମଦ୍ୟ ପାନ ଏକ ରକମର ଫେସନ୍ ଏହି ପର୍ବରେ ହୋଇଯାଇଛି । ମଦ୍ୟ ପାନ କରି ତୀବ୍ର ଗତିରେ ଗାଡି ଚାଳନା ବିପଦ ସଙ୍କୁଳ ହୋଇଥାଏ ।

ତଥାପି ଠାଏ ଠାଏ ଏହି ପରମ୍ପରା ବଜାୟ ରହିଛି । ଏହା ଆମ ଉତ୍କଳୀୟ ପରମ୍ପରାର ମୂକ ସାକ୍ଷୀ ହୋଇ ରହୁ, ଏହାହିଁ କାମନା ।

*ଠାକୁରା, ପୁରୁଣା ବଉଳମାଳ, ଧର୍ମଶାଳା, ଯାଜପୁର*
*ମୋ-୯୯୩୮୭୩୩୦୭୫*

## ଆଗକୁ ଆସୁଛି ରଜ

*ବସନ୍ତ କୁମାର ପ୍ରଧାନ*



ଆଗକୁ ଆସୁଛି ରଜ
ଝିଅ ବୋହୂ ସଜବାଜ
ନୂଆ ବସ୍ତ୍ର ପିନ୍ଧି ହୋଇଣ ସଜେଇ
କରିବେ ରଜ ମଉଜ ।

ଗାଇ ରଜ ଦୋଳି ଗୀତ
ମନ ପ୍ରାଣ ଉଲ୍ଲସିତ
ଖିଲି ପାନ ଖାଇ ଓଠକୁ ରଙ୍ଗାଇ
କାମରୁ ନେବେ ବିରତ ।

ତିନି ଦିନ ଯେ ପାଳନ
ଆନନ୍ଦେ ବିତିବ ଦିନ
ପୋଡ଼ ପିଠା ମିଠା ଖିଲି ପାନ ଖାଇ
ସବୁରି ହରଷ ମନ ।

ଝିଅ ବୋହୂ ହୋଇ ମେଳ
ଖେଳିଥାନ୍ତି ପୁଚି ଖେଳ
ପୁଅ ମାନଙ୍କର ମନୋରଞ୍ଜନ
ହୁଏ ଲୁଡୁ ତାସ ଖେଳ ।

ରଜ ଶ୍ରେଷ୍ଠ ଗଣ ପର୍ବ
ଆମରି ଗର୍ବ ଗୌରବ
ତିନି ଦିନ ଧରି କାମଧନ୍ଦା ଛାଡ଼ି
ପାଳନ କରନ୍ତି ସର୍ବ ।

ଆଣି ମୈତ୍ରୀ ଭାତୃ ଭାବ
ଆସଇ ରଜ ପରବ
ଆମରି ସଂସ୍କୃତି ପରମ୍ପରାର
ଅଟଇ ମୁଖ୍ୟ ବିଭବ ।

*ହରିହରପୁର, ଛେଣ୍ଡିପଦା, ଅନୁଗୋଳ*
*ମୋ-୭୭୩୫୬୧୧୪୮୪*

## ରଜ ପରବ

*ପ୍ରଣୀତା ମିଶ୍ର*



ରଜ ଆଉ ହେଉନାହିଁ ଆଗଭଳି
ମୋ ଗାଆଁରେ
ପାହାନ୍ତି ପହରୁ ବୁଢୀମା' ଡାକୁ ନାହିଁ
ରଡି କରି କରି
ନଈ ତୁଠେ ଆଉ ନାହିଁଟି ଗହଳି
ଭୁଆସୁଣୀ ମାଜୁନାହିଁ ଦେହ
ହଳଦୀ ଓ ତେଲ ମାଖି କରି ।
ନାହିଁ ଆଉ ବଟାକୁଟା
ରଜ ସଜବାଜ
ପୋଡ ପିଠାର ମହକ
ପିଜା ବର୍ଗର ଚାଉମିନରେ
ମେଣ୍ଟୁଛି ସଉକ
ପିଠାର ପସରା ମେଲେ
ଦୋକାନ ବଜାରେ
ଖାଇଦେଲେ କିଣିନେଇ
ଝାମେଲାଟା ସରେ ।
ଛକରେ ବି ଜମୁନାହିଁ
ତାସ୍ ଲୁଡୁ ଖେଳ
ଦୋଳି ବାନ୍ଧି ଦେବା ପାଇଁ
ନାହିଁ ବରଗଛର ଓହଳ ।
ମୋବାଇଲ ହାତେ ଥିଲେ
ସମୟ ଅଣ୍ଟେନି
ଘରେ ଘରେ ନାହିଁ ଆଉ
ବନ୍ଧୁ ବାନ୍ଧବ ମେଳଣି
ଯିଏ ଯାହା ସ୍ୱାର୍ଥେ ବ୍ୟସ୍ତ
ବିଦେଶ ମାଟିରେ ଥୋକେ ପକାନ୍ତି
ସଂସ୍କୃତି ଚହଳ ।
ମାଟି ମା'ର ମୂଲ୍ୟ ଅବା
ବୁଝୁଛି କି କିଏ !
ମାଗଣା ଚାଉଳରେ ତ
ପେଟ ପୂରିଯାଏ
କର୍ଷଣ ବପନ ଶବ୍ଦ
ଅବୁଝା ବି ରହେ
ମାଟି ମା' ରଜସ୍ୱଳା ବିଶ୍ୱାସଟା
କହିବି ନ ହୁଏ ।
ହଜିଲାଣି ଧୀରେ ଧୀରେ
ଓଡ଼ିଆ ସଂସ୍କୃତି
ଭୟ ଲାଗେ ଯିବ ହଜି
ହୋଇଯିବ ଇତି
ସମୟଟା ଥାଉଁ ଥାଉଁ
କରିବା ସୁରକ୍ଷା
ଆମ ପର୍ବପର୍ବାଣୀ ଓ ଚଳଣିରେ
ହୋଇବା ଗର୍ବିତା ।



*ଭୁବନେଶ୍ୱର*

# ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ୟାସ ଘୋଷଣା କଲେ କେନ୍ ୱିଲିୟମସନ୍

**ନୂଆଦିଲ୍ଲୀ**



ନ୍ୟୁଜିଲାଣ୍ଡ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ତଥା ବିଶ୍ୱର ଜଣାଶୁଣା ବ୍ୟାଟ୍ସମ୍ୟାନ କେନ୍ ୱିଲିୟମସନ୍ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ୧୬ ବର୍ଷ ଧରି ନ୍ୟୁଜିଲାଣ୍ଡ ପାଇଁ ଅନେକ ଗୌରବ ଆଣିଥିବା ୱିଲିୟମସନ ହଠାତ ଅବସର ଘୋଷଣା କରି ସମସ୍ତ କ୍ରିକେଟପ୍ରେମୀଙ୍କୁ ଚକିତ କରି ଦେଇଛନ୍ତି। ତାଙ୍କର ଏହି ନିଷ୍ପତ୍ତି ନ୍ୟୁଜିଲାଣ୍ଡ କ୍ରିକେଟରେ ଏକ ସୁବର୍ଣ୍ଣ ଯୁଗର ଅନ୍ତ ଘଟିଛି। ତେବେ ଏହି ମହାନ ଖେଳାଳିଙ୍କ ବିରାଟଙ୍କ ସହ ରହିଛି ଭଲ ବନ୍ଧୁତ୍ୱ। ୩୫ ବର୍ଷୀୟ କେନ୍ ୱିଲିୟମସନ ନ୍ୟୁଜିଲାଣ୍ଡ କ୍ରିକେଟର ସର୍ବାଧିକ ରନ୍ ସ୍କୋରର ଅଟନ୍ତି। ସେ ୩୭୮ଟି ଅନ୍ତର୍ଜାତୀୟ ମୁକାବିଲା ଖେଳିଥିବାବେଳେ ୧୯,୩୪୬ ରନ୍ କରିଛନ୍ତି। ସେ ୪୮ଟି ଶତକ ହାସଲ କରିଛନ୍ତି। ୨୦୧୦ ମସିହାରେ ଅନ୍ତର୍ଜାତୀୟ କ୍ରିକେଟରେ ଡେବ୍ୟୁ କରିଥିଲେ। ୧୯ ବର୍ଷରୁ କମ୍ ବିଶ୍ୱକପ ଦଳରେ ଦମ୍‌ଦାର ପ୍ରଦର୍ଶନ ପରେ ନ୍ୟୁଜିଲାଣ୍ଡ ଦଳରେ ସୁଯୋଗ ପାଇଥିଲେ। ତେବେ ସେ ନିଜର ଆକ୍ରମଣାତ୍ମକ ବ୍ୟାଟିଂ ସାଙ୍ଗକୁ ବଡ଼ ସ୍କୋର ପାଇଁ ଶୀଘ୍ର ସାରା ବିଶ୍ୱର କ୍ରିକେଟରଙ୍କ ମଧ୍ୟରେ ସ୍ଥାନ ପାଇଥିଲେ।

ଜଣେ ଅଧିନାୟକ ଭାବରେ ୱିଲିୟମସନ ମଧ୍ୟ ବଡ଼ ଉପଲବ୍ଧି ପାଇଛନ୍ତି। ତାଙ୍କ ଅଧିନାୟକତ୍ୱରେ ନ୍ୟୁଜିଲାଣ୍ଡ ୨୦୧୯ ଦିନିକିଆ ବିଶ୍ୱକପରେ ଫାଇନାଲ ଖେଳିଥିଲା। ଯଦିଓ ଇଂଲଣ୍ଡଠାରୁ ହାରି ଉପବିଜେତା ହୋଇଥିଲା ତଥାପି ୱିଲିୟମସନଙ୍କ ଅଧିନାୟକତ୍ୱକୁ ପ୍ରଶଂସା କରାଯାଇଥିଲା। ଏହାସହ ୨୦୨୧ ମସିହାରେ ବଡ଼ ସଫଳତା ଅଧିନାୟକ ଭାବେ ପାଇଥିଲେ ୱିଲିୟମସନ୍। ତାଙ୍କ ଅଧିନାୟକତ୍ୱରେ ନ୍ୟୁଜିଲାଣ୍ଡ ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ ଜିତିଥିଲା।

ୱିଲିୟମସନ କେବଳ ନିଜର ପ୍ରଦର୍ଶନ କିମ୍ବା ରେକର୍ଡ ପାଇଁ ଯେତିକି ଚର୍ଚ୍ଚିତ ନଥିଲେ ତାଙ୍କର ବ୍ୟବହାର ପାଇଁ ସମସ୍ତଙ୍କ ପ୍ରିୟ ପାତ୍ର ପାଲଟିଥିଲେ। ନିଜର ଆଚରଣ ଏବଂ ଖେଳୁଆଡ଼ ମନୋଭାବ ତାଙ୍କୁ ଅଧିକ ପରିଚୟ ଦେଇଛି।

# ଚୀନ୍ ଖେଳାଳିଙ୍କୁ ପରାସ୍ତ କରି ଅଷ୍ଟ୍ରେଲିଆନ୍ ଓପନ୍ ସେମିରେ ପିଭି ସିନ୍ଧୁ

**ନୂଆଦିଲ୍ଲୀ**

ଭାରତର ଷ୍ଟାର୍ ସଟଲର୍ ପିଭି ସିନ୍ଧୁ ଅଷ୍ଟ୍ରେଲିଆନ୍ ଓପନ୍ ସୁପର ୫୦୦ ଟୁର୍ଣ୍ଣାମେଣ୍ଟରେ ଧମାକାଦାର ପ୍ରଦର୍ଶନ କରି ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଜୁନ୍ ୧୨ରେ ଖେଳାଯାଇଥିବା କ୍ୱାର୍ଟର ଫାଇନାଲ୍ ମୁକାବିଲାରେ ସିନ୍ଧୁ ଚୀନ୍‌ର ଚେନ୍ ସୁ ୟୁ'ଙ୍କୁ ସମ୍ପୂର୍ଣ୍ଣ ଏକତରଫା ମ୍ୟାଚ୍‌ରେ ୨୧-୬, ୨୧-୯ ପଏଣ୍ଟରେ ମାତ୍ ଦେଇଛନ୍ତି। ଏହି ମୁକାବିଲାକୁ ନିଜ ନାମରେ କରିବା ଏବଂ ଫାଇନାଲ୍ ଚାରିରେ ସ୍ଥାନ ପକ୍କା କରିବା ପାଇଁ ସିନ୍ଧୁ ମାତ୍ର ୩୧ ମିନିଟ୍ ସମୟ ନେଇଥିଲେ। ଏହି ଚମତ୍କାର ବିଜୟ ସହ ସିନ୍ଧୁଙ୍କର ଚଳିତ ବର୍ଷର ପ୍ରଥମ ଟାଇଟଲ୍ ଜିତିବାର ଆଶା ଏବେ ବହୁତ ମଜବୁତ ହୋଇଯାଇଛି।

ଭାରତୀୟ ବ୍ୟାଡମିଣ୍ଟନ ଷ୍ଟାର୍ ପିଭି ସିନ୍ଧୁଙ୍କ ପାଇଁ ଅଷ୍ଟ୍ରେଲିଆନ୍ ଓପନ୍ ସୁପର ୫୦୦ ଟୁର୍ଣ୍ଣାମେଣ୍ଟରୁ ଏକ ବଡ଼ ଆଶ୍ୱସ୍ତି ଜନକ ଖବର ଆସିଛି। ଚଳିତ ସିଜନ୍‌ର ଆଠଟି ବିଡବ୍ଲ୍ୟୁଏଫ୍ (ବ୍ୟାଡ୍‌ମିଣ୍ଟନ ୱାର୍ଲଡ ଫେଡେରେସନ) ଟୁର୍ଣ୍ଣାମେଣ୍ଟ ମଧ୍ୟରେ




ଏହା ମାତ୍ର ଦ୍ୱିତୀୟ ସୁଯୋଗ, ଯେତେବେଳେ ସିନ୍ଧୁ ସେମି ଫାଇନାଲ୍‌ରେ ପହଞ୍ଚିବାରେ ସଫଳ ହୋଇଛନ୍ତି। ଏହି ସମ୍ପୂର୍ଣ୍ଣ ସିଜନ୍‌ରେ ତାଙ୍କ ପ୍ରଦର୍ଶନରେ ଅନେକ ଉତ୍ଥାନ-ପତନ ଦେଖିବାକୁ ମିଳିଥିଲା। କିନ୍ତୁ ସିଡନୀରେ ସିନ୍ଧୁ ନିଜର ପୁରୁଣା ଫର୍ମକୁ ଫେରୁଥିବା ନଜର ଆସୁଛନ୍ତି। ଏହାପୂର୍ବରୁ ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ସିନ୍ଧୁ ଭାରତର ଉଦୀୟମାନ ଖେଳାଳି ଇଶାରାଣୀ ବରୁଆଙ୍କୁ ୪୨ ମିନିଟ୍ ଧରି ଚାଲିଥିବା ମୁକାବିଲାରେ ୨୨-୨୦, ୨୧-୧୨ ପଏଣ୍ଟରେ ପରାସ୍ତ କରିଥିଲେ।

କ୍ୱାର୍ଟର ଫାଇନାଲ୍‌ରେ ଚୀନ୍ ଖେଳାଳି ଚେନ୍ ସୁ ୟୁ'ଙ୍କ ବିପକ୍ଷରେ ସିନ୍ଧୁ ନିଜର ଅଭିଜ୍ଞତା ଓ ଆକ୍ରମଣାତ୍ମକ ଖେଳର ଏଭଳି ଜାଲ ବିଛାଇଥିଲେ ଯେ ବିପକ୍ଷ ଖେଳାଳିଙ୍କୁ ସମ୍ଭାଳିବାକୁ ସୁଯୋଗ ସୁଦ୍ଧା ମିଳିନଥିଲା। ପ୍ରଥମ ସେଟ୍‌କୁ ୨୧-୬ ପଏଣ୍ଟରେ ଏକତରଫା ଜିତିବା ପରେ, ସିନ୍ଧୁ ଦ୍ୱିତୀୟ ସେଟ୍‌ରେ ମଧ୍ୟ ନିଜର ଦବଦବା ବଜାୟ ରଖିଥିଲେ ଏବଂ ୨୧-୯ରେ ଗେମ୍ ଓ ମ୍ୟାଚ୍ ଉଭୟ ନିଜ ନାମରେ କରିନେଇଥିଲେ। ଏହି କୋର୍ଟରେ ଚଳିତ ସିଜନ୍‌ର ଏହା ତାଙ୍କର ସବୁଠାରୁ ଶ୍ରେଷ୍ଠ ପ୍ରଦର୍ଶନ ବୋଲି କୁହାଯାଉଛି।

### ଇତିହାସ ରଚିଲେ ୧୭ ବର୍ଷୀୟା ତନ୍ୱୀ ଶର୍ମା :

ଅନ୍ୟପଟେ ମହିଳା ସିଙ୍ଗଲ୍ସରେ ଭାରତର ଆଶା ସେତେବେଳେ ଆହୁରି ବଢ଼ିଯାଇଥିଲା, ଯେତେବେଳେ ୧୭ ବର୍ଷୀୟା ଯୁବ ସେନସେସନ୍ ତନ୍ୱୀ ଶର୍ମା କ୍ୱାର୍ଟର-ଫାଇନାଲ୍‌ରେ ପ୍ରବେଶ କରିଥିଲେ। ତନ୍ୱୀ ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ନିଜ ଦେଶର ହିଁ ସିନିୟର ଖେଳାଳି ମାଳଭିକା ବାନସୋଡ୍‌ଙ୍କୁ ସିଧାସଳଖ ଗେମ୍‌ରେ ୨୧-୧୩, ୨୧-୧୫ ପଏଣ୍ଟରେ ହରାଇ ଏକ ବଡ଼ ଓଲଟପାଲଟ କରିଥିଲେ। ତନ୍ୱୀ ଏହି ଟୁର୍ଣ୍ଣାମେଣ୍ଟରେ କ୍ରମାଗତ ଭାବେ ଚମତ୍କାର ଫର୍ମରେ ଅଛନ୍ତି। ଏହାପୂର୍ବ ରାଉଣ୍ଡରେ ସେ ତାଇୱାନର ପଞ୍ଚମ ପ୍ରାଧାନ୍ୟ ପ୍ରାପ୍ତ ଖେଳାଳି ଚିଉ ପିନ୍-ଚିୟନ୍‌ଙ୍କୁ ହରାଇ ଚର୍ଚ୍ଚାକୁ ଆସିଥିଲେ ଏବଂ ଏବେ ମାଳଭିକାଙ୍କ ବିପକ୍ଷରେ ମଧ୍ୟ ନିଜର ଏହି ଲୟ ବଜାୟ ରଖିଛନ୍ତି।

# ବୃନ୍ଦାବନ ଚନ୍ଦ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲରେ ଗୋକର୍ଣ୍ଣପୁର, ଝଗଡ଼ା ପଲ୍ଲୀ ଟିମ୍

**ଦିଗପହଣ୍ଡି**

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ଖମାରିଗାଁ ପଞ୍ଚାୟତ ଗୋଲଣ୍ଡା ଗ୍ରାମ ଖେଳପଡ଼ିଆରେ ବୃନ୍ଦାବନ ଚନ୍ଦ୍ର ସ୍ପୋର୍ଟିଙ୍ଗ କ୍ଲବ୍ ପକ୍ଷରୁ ସ୍ୱର୍ଗତ କୃଷ୍ଣଚନ୍ଦ୍ର ଏବଂ ସାନ୍ତୁନୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝଗଡ଼ପଲ୍ଲୀ ଇଲେଭେନ କ୍ରିକେଟ ଟିମ୍ ବିପକ୍ଷ ଦିଗପହଣ୍ଡି ଟିମ୍ କୁ ୨୭ ରନରେ ପରାଜିତ କରି ଫାଇନାଲରେ ପ୍ରବେଶ କରିଛି। ରବିବାର ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଗୋକର୍ଣ୍ଣପୁର ଓ ଝଗଡପଲ୍ଲୀ କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଝଗଡ଼ପଲ୍ଲୀ ୧୬୧ ରନ୍ କରିଥିବା ବେଳେ ଦିଗପହଣ୍ଡି ୧୩୪ କରିବାରେ ସମର୍ଥ ହୋଇଥିଲା। ମ୍ୟାଚ ପ୍ରାରମ୍ଭରେ ସାମାଜିକ କର୍ମୀ ରଞ୍ଜନ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଏବଂ ଶିବ କୁମାର ଗୌଡ଼ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ବିଜେତା ଟିମ୍‌ର ତିତିଲି କୁମାର ୨୪ ବଲରେ ବିସ୍ଫୋରକ ୬୪ ରନ୍ କରି ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ଼, ଦୁର୍ଗାପ୍ରସାଦ ଗୌଡ଼ ସମେତ ସୁମନ ସାହୁ, ବାଙ୍କନିଧି ସାହୁ, ସୀମାଞ୍ଚଳ ଗୌଡ ପରିଚାଳନା କରିଥିବା ବେଳେ ଲୋକନାଥ କର, ଭୈରବ ଚନ୍ଦ୍ର କର, ଭଗବାନ ମହାପାତ୍ର, ରାଜାରାଓ ଆଚାରୀ, ବୃନ୍ଦାବନ ଗୌଡ଼, ପଞ୍ଚାନନ ସାହୁ , ଶିବାନନ୍ଦ ପାଣିଗ୍ରାହୀ, ଜୟସେନ ପାଣିଗ୍ରାହୀ, ପିଣ୍ଟୁ ଆଚାରୀ, ଆୟୋଜକ କମିଟି ଉପଦେଷ୍ଟା ସନ୍ତୋଷ କୁମାର ସାହୁ, ସମ୍ପାଦକ ତୋଫାନ ଆଚାରୀ ଓ କୋଷାଧ୍ୟକ୍ଷ ରାଜେଶ ଗୌଡ଼, ବଳରାମ ଗୌଡ଼ ଓ କ୍ଲବ୍‌ର ସମସ୍ତ ସଦସ୍ୟ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ଗୁରୁବାର ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଗୋକର୍ଣ୍ଣପୁର ଗ୍ରାମ କ୍ରିକେଟ ଟିମ୍ ବିପକ୍ଷ ସୁନାଥର ଗ୍ରାମ କ୍ରିକେଟ ଟିମ୍‌କୁ ମାତ୍ର ୫ ରନ ବ୍ୟବଧାନରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଗୋକର୍ଣ୍ଣପୁର ଟିମ୍ ନିର୍ଦ୍ଧାରିତ ୧୨ ଓଭରରେ ୧୨୮ ରନ୍ ହାସଲ କରହାସଲ କରିଥିଲା। ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ସୁନାଥର ଗ୍ରାମ କ୍ରିକେଟ ଟିମ୍ ମ୍ୟାଚ୍ ଶେଷ ପର୍ଯ୍ୟନ୍ତ ସଂଘର୍ଷ କରି ସମସ୍ତ ୱିକେଟ ହରାଇ ୧୨୩ ରନ କରି ପରାଜିତ ହୋଇଥିଲା। ସାମାଜିକ କର୍ମୀ ପ୍ରଶାନ୍ତ ଗୌଡ଼ ଏବଂ ଅରୁଣ ପାଣିଗ୍ରାହୀ ଅତିଥି ଭାବେ ଯୋଗ ଦେଇ ଗୋକର୍ଣ୍ଣପୁର ଟିମ୍ ପକ୍ଷରୁ ଧୂଆଁଧାର ବ୍ୟାଟିଂ ଓ ବୋଲିଂ କରିଥିବା ଖେଳାଳି ବ୍ରଜ କୁମାରଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରିଥିଲେ।

# କମ୍ ବୟସରେ ଟଳିପଡ଼ିଲେ ଭାରତର ପ୍ରସିଦ୍ଧ ଶୁଟର : ଜିତିଥିଲେ ସ୍ୱର୍ଣ୍ଣପଦକ

**ନୂଆଦିଲ୍ଲୀ**

ପ୍ରସିଦ୍ଧ ଶୁଟର ତଥା ଭାରତୀୟ ଅଲିମ୍ପିକ ଷ୍ଟାର ମନୁ ଭାକରଙ୍କ କୋଚ୍ ଜସପାଲ ରାଣାଙ୍କ ଦେହାନ୍ତ ହୋଇଛି। ମ୍ୟୁନିଚ୍‌ରେ ଅନୁଷ୍ଠିତ ଶୁଟିଂ ବିଶ୍ୱକପ ପରେ ଭାରତ ଫେରିବା ସମୟରେ ସେ ଅସୁସ୍ଥ ହୋଇପଡ଼ିଥିଲେ। ଭାରତ ଫେରିବା ପରେ, ତାଙ୍କୁ ଦିଲ୍ଲୀର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହସ୍ପିଟାଲରେ କିଛି ଦିନ ରହିବା ପରେ ଗୁରୁବାର ୪୯ ବର୍ଷ ବୟସରେ ଜସପାଲଙ୍କ ଦେହାନ୍ତ ହୋଇଛି। ରାଣା ଭାରତୀୟ ପିସ୍ତଲ ସୁଟରମାନଙ୍କ ପାଇଁ ଉଚ୍ଚ-ପ୍ରଦର୍ଶିତ କୋଚ୍ ଭାବରେ କାର୍ଯ୍ୟ କରିଥିଲେ।

ଜସପାଲଙ୍କ ପରଲୋକ ଯୋଗୁ ଭାରତୀୟ କ୍ରୀଡ଼ା ଜଗତରେ ଦୁଃଖର ଛାୟା ଖେଳିଯାଇଛି। ତାଙ୍କର ବିଦାୟ ଶୁଟିଂ କ୍ରୀଡ଼ା ପାଇଁ ଏକ ବଡ଼ ଝଟ୍‌କା। କାରଣ ସେ ତାଙ୍କ ଜୀବନର ଶେଷ ତିନି ଦଶନ୍ଧି ଶୃଙ୍ଖଳା ପାଇଁ ଉତ୍ସର୍ଗ କରିଥିଲେ। ପ୍ରଥମେ ଜଣେ ପ୍ରତିଯୋଗୀ ଭାବରେ ଏବଂ ପରେ ଜଣେ କୋଚ ଭାବରେ।

ସେ ୧୯୯୦ ଦଶକରେ ଏହି କ୍ରୀଡ଼ାରେ ପ୍ରସିଦ୍ଧି ହାସଲ କରିଥିଲେ। ଚାରିଥର ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜେତା, ସେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ୯ଟି ସ୍ୱର୍ଣ୍ଣ ପଦକ ମଧ୍ୟ ହାସଲ କରିଥିଲେ। ଏହା ସହିତ ସେ ଏସୀୟ ଚାମ୍ପିଅନସିପ ଟାଇଟଲ ଜିତିଥିଲେ ଏବଂ ୧୯୯୪ ମସିହାରେ ୨୫ ମିଟର ପିସ୍ତଲ ଇଭେଣ୍ଟରେ ଜୁନିଅର ବିଶ୍ୱ ଚାମ୍ପିଅନ ହୋଇଥିଲେ।

### ଶୁଟିଂ ପ୍ରଶିକ୍ଷକ ଯଶପାଲ ରାଣାଙ୍କ ବିୟୋଗରେ ପ୍ରଧାନମନ୍ତ୍ରୀଙ୍କ ଶୋକ

ପୂର୍ବତନ ବନ୍ଧୁକଚାଳକ ତଥା ପ୍ରଶିକ୍ଷକ ଯଶପାଲ ରାଣାଙ୍କର



ଶୁକ୍ରବାର ଦିଲ୍ଲୀର ଏକ ଡାକ୍ତରଖାନାରେ ଦେହାନ୍ତ ହୋଇଛି। ତାଙ୍କୁ ୪୯ ବର୍ଷ ବୟସ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯଶପାଲ ରାଣାଙ୍କ ବିୟୋଗରେ ଶୋକ ବ୍ୟକ୍ତ କରି କହିଛନ୍ତି ଯେ, ତାଙ୍କ ବିୟୋଗ ଭାରତୀୟ କ୍ରୀଡ଼ା ପାଇଁ ଏକ ଅପୂରଣୀୟ କ୍ଷତି।

ପ୍ରଧାନମନ୍ତ୍ରୀ ମୋଦୀ ଏକ୍ସରେ କହିଛନ୍ତି, 'ଯଶପାଲ ରାଣାଙ୍କ ବିୟୋଗରେ ଆମେ ଅତ୍ୟନ୍ତ ଦୁଃଖିତ। ତାଙ୍କର ଦେହାନ୍ତ ଭାରତୀୟ କ୍ରୀଡ଼ା ପାଇଁ ଏକ ଗଭୀର ଦୁଃଖଦାୟକ ଅନୁଭୂତି। ସେ ବନ୍ଧୁକଚାଳନାରେ ନିଜର ଅସାଧାରଣ ସଫଳତା ଦ୍ୱାରା ଦେଶକୁ ଅପାର ଗୌରବ ପ୍ରଦାନ କରିଥିଲେ। ଜଣେ ପରାମର୍ଶଦାତା ଭାବରେ ତାଙ୍କର ଅବଦାନ ସମାନ ଭାବରେ ଉଲ୍ଲେଖନୀୟ ଥିଲା, ଅତ୍ୟନ୍ତ ଉତ୍ସର୍ଗୀକୃତ ଭାବରେ ଯୁବ ଖେଳାଳିମାନଙ୍କୁ ଗଠନ ଏବଂ ମାର୍ଗଦର୍ଶନ କରିବା। କ୍ରୀଡ଼ା ଜଗତ ପ୍ରତି ତାଙ୍କର ଉତ୍କର୍ଷତା, ଶୃଙ୍ଖଳା ଏବଂ ଅତୁଟ ପ୍ରତିବଦ୍ଧତା ତାଙ୍କୁ ଅପାର ପ୍ରଶଂସା ଆଣିଦେଇଥିଲା।

ସେହିପରି ଜସପାଲ ରାଣାଙ୍କ ବିୟୋଗରେ ଓଡ଼ିଶା ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ବଢ଼ିଲା ୱିମ୍ବିଲଡନ୍ ପୁରସ୍କାର ରାଶି

**ଲଣ୍ଡନ**



ଗ୍ରାଣ୍ଡସ୍ଲାମ୍ ପ୍ରତିଯୋଗିତା ୱିମ୍ବିଲଡନ୍ ଲାଗି ପୁରସ୍କାର ରାଶି ବୃଦ୍ଧି କରିଛନ୍ତି ଆୟୋଜକ। ଏଥର ୬୪.୨ ନିୟୁତ ପାଉଣ୍ଡ ବା ଭାରତୀୟ ମୁଦ୍ରାରେ ପ୍ରାୟ ୮୨୧ କୋଟି ଟଙ୍କାର ପୁରସ୍କାର ରାଶି ରଖାଯାଇଛି, ଯାହାକି ଗତ ବର୍ଷଠାରୁ ୨୦% ଅଧିକ। ଏକକ ବିଜେତା ମାନେ ପ୍ରାୟ ୩.୬ ନିୟୁତ ପାଉଣ୍ଡ ବା ୪୬ କୋଟି ଟଙ୍କାର ପୁରସ୍କାର ରାଶି ପାଇବେ, ଯାହାକି ଗତବର୍ଷ ୩ ନିୟୁତ ପାଉଣ୍ଡ ବା ୩୮ କୋଟି ଟଙ୍କା ଥିଲା। ପୁରସ୍କାର ରାଶି ବୃଦ୍ଧି କରିବାକୁ ବିଗତ କିଛି ବର୍ଷ ହେଲା ଖେଳାଳିମାନେ ଦାବି କରିଆସୁଥିଲେ। ଏହାକୁ ଦୃଷ୍ଟିରେ ରଖି ଏହି ବୃଦ୍ଧି କରାଯାଇଛି। ଖେଳାଳିମାନେ ଅଭିଯୋଗ କରୁଛନ୍ତି ଯେ ଚାରି ଗ୍ରାଣ୍ଡସ୍ଲାମ୍ ପକ୍ଷରୁ ନିଜ ରାଜସ୍ୱର ଏକ ସ୍ୱଳ୍ପ ଭାଗ ଖେଳାଳିମାନଙ୍କୁ ଦିଆଯାଉଛି। ଏପରିକି କେତେକ ଖେଳାଳି ଏପରି ପ୍ରତିଯୋଗିତାକୁ ବର୍ଜନ କରିବାକୁ ଧମକ ଦେଇଥିଲେ।

# ବିଶ୍ୱର ସର୍ବବୃହତ୍ ଷ୍ଟାଡିୟମର ପାର୍କିଂ ଏବେ ଡମ୍ପିଂୟାର୍ଡ୍ : ପାହାଡ଼ ସଦୃଶ ଅଳିଆଗଦା

**ରାଉରକେଲା**

ବିଶ୍ୱର ସର୍ବବୃହତ ଆସନ ବିଶିଷ୍ଟ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡସ୍‌ରେ ସ୍ଥାନ ପାଇଥିଲା। ଏହା ରାଉରକେଲା ପାଇଁ ଏକ ନୂଆ ପରିଚୟ ଆଣିଥିଲା। ତେବେ ଏହି ଅନ୍ତର୍ଜାତୀୟ ହକି ଷ୍ଟାଡିୟମର ପାର୍କିଂ ସ୍ଥଳ ଏବେ ବଡ଼ ଡମ୍ପିଂୟାର୍ଡ୍‌ରେ ପରିଣତ ହୋଇଛି। ସ୍ଥାନୀୟ ବାସିନ୍ଦାଙ୍କ ସମେତ ଖୋଦ୍ ରାଉରକେଲା ମହାନଗର ନିଗମ ଏଠାରେ ଖୋଲାରେ ଅଳିଆଆବର୍ଜନା ପକାଉଛି। ୨୦୨୩ ହକିବିଶ୍ୱକପ୍ ସମୟରେ ଦର୍ଶକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ବିଭିନ୍ନ ସ୍ଥାନରେ ପ୍ରାୟ ୭ଟି ସମର୍ପିତ ପାର୍କିଂସ୍ଥଳ ନିର୍ମାଣ କରାଯାଇଥିଲା। ବିଶ୍ୱକପବେଳେ ଏହା ବ୍ୟବହୃତ ହୋଇଥିଲା। କିନ୍ତୁ ଏହାପରଠାରୁ ଆଜିପର୍ଯ୍ୟନ୍ତ, ପାର୍କିଂସ୍ଥଳଗୁଡ଼ିକ ଅବ୍ୟବହୃତ ହୋଇପଡ଼ିରହିଛି। ଏମିତିକି ରାଉରକେଲା ମହାନଗର ନିଗମ ପକ୍ଷରୁ ସଫେଇ କିମ୍ବା ରକ୍ଷଣାବେକ୍ଷଣ କରାଯାଉନି।



ଫଳରେ ସମସ୍ତ ପାର୍କିଂସ୍ଥଳରେ ଏବେ ଅଳିଆ ଗଦାରେ ରୂପାନ୍ତରିତ ହେଲାଣି। ଷ୍ଟାଡିୟମ୍ ଗେଟ୍ ନଂ ୬ ପାଖରେ ଥିବା ପାର୍କିଂସ୍ଥଳ ହେଉ ଅବା ବିମାନବନ୍ଦର ସମ୍ମୁଖସ୍ଥ ପାର୍କିଂସ୍ଥଳ, ସବୁଠାରେ ସମାନ ସ୍ଥିତି। ତେବେ ପ୍ରଧାନପାଲି ପାଖରେ ଥିବା ୭ ନମ୍ବର ପାର୍କିଂସ୍ଥଳ ଏବେ ଡମ୍ପିୟାର୍ଡ୍ ପାଲଟିଲାଣି। ପାହାଡ଼ ସଦୃଶ ଅଳିଆ ଗଦା ହୋଇଥିବାବେଳେ ବିଭିନ୍ନ ସ୍ଥାନରେ ପାଣି ଜମି କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି କରୁଛି।

ଏହି ଅଞ୍ଚଳକୁ ନିୟମିତଭାବେ ସଫା କରାଯାଉନଥିବାରୁ ଅଞ୍ଚଳରେ ଅସହ୍ୟ ଦୁର୍ଗନ୍ଧ ସହ ମଶାମାଛିଙ୍କ ପ୍ରାଦୁର୍ଭାବ ଆଶାତୀତ ବୃଦ୍ଧିପାଇଛି, ଯାହାକି ସ୍ୱାସ୍ଥ୍ୟ ପ୍ରତି ବଡ଼ ବିପଦ ସୃଷ୍ଟି କରିଛି। ଆରଏମ୍‌ସି ପକ୍ଷରୁ ଏହି ସ୍ଥାନକୁ ଆବର୍ଜନାମୁକ୍ତ କରିବା ପାଇଁ ତୁରନ୍ତ ଦୃଢ଼ ପଦକ୍ଷେପ ନିଆଯାଉନି। ଉଲ୍ଲେଖଯୋଗ୍ୟ, ଆରଏମ୍‌ସି ବର୍ତ୍ତମାନ ଜାତୀୟ 'ସ୍ୱଚ୍ଛ ସର୍ବେକ୍ଷଣ' ପ୍ରତିଯୋଗିତାରେ ଭାଗ ନେବାସହ ନିଜର ଜାତୀୟ ସ୍ୱଚ୍ଛତା ମାନ୍ୟତାକୁ ଉନ୍ନତ କରିବାକୁ ପ୍ରୟାସ କରୁଛି। ତେବେ ଏସବୁ, କେବଳ କାଗଜପତ୍ରରେ ଓ ସାମାଜିକ ଗଣମାଧ୍ୟମରେ ସୀମିତ ରହିଛି। ସହର ଭିତରେ ବର୍ଷବର୍ଷ ଧରି ପଡ଼ିରହିଥିବା ଅଳିଆଗଦାକୁ ସଫା କରିବାରେ ପ୍ରଶାସନ ଏକପ୍ରକାର ବିଫଳ ହୋଇଛି। ଷ୍ଟାଡିୟମର ପାର୍କିଂ ସ୍ଥଳ ଭଳି ହାଇ-ପ୍ରୋଫାଇଲ୍ ଯାତାୟାତ ସ୍ଥାନଗୁଡ଼ିକରେ ଏଭଳି ଅଳିଆ ଆବର୍ଜନା ଜମି ରହିବା, ସହରରେ ଚାଲିଥିବା ସୌନ୍ଦର୍ଯ୍ୟକରଣ ପ୍ରୟାସର ସମ୍ପୂର୍ଣ୍ଣ ଓଲଟା ଚିତ୍ର ପ୍ରଦର୍ଶନ କରୁଛି।

# ଅକ୍ଟୋବରରୁ ଦିନିକିଆ ବିଶ୍ୱକପ : ୪୬ ଦିନ ଯାଏ ଜମିବ କ୍ରିକେଟ୍ ମହାକୁମ୍ଭ

**ନୂଆଦିଲ୍ଲୀ**

ଆସନ୍ତା ବର୍ଷ ଅନୁଷ୍ଠିତ ହେବ ଦିନିକିଆ ବିଶ୍ୱକପ୍। ଟୁର୍ଣ୍ଣାମେଣ୍ଟ ଅକ୍ଟୋବରରୁ ନଭେମ୍ବର ପର୍ଯ୍ୟନ୍ତ ଖେଳାଯିବ, କିନ୍ତୁ ଏବେ ଏହାର ତାରିଖ ସାମ୍ନାକୁ ଆସିଛି। ଯଦିଓ ଆଇସିସି ଏପର୍ଯ୍ୟନ୍ତ ଏହା ଘୋଷଣା କରିନାହିଁ, ତଥାପି ଖବର ଆସୁଛି କି, ଏହାର ଆନୁଷ୍ଠାନିକ କାର୍ଯ୍ୟସୂଚୀ ଖୁବ୍ ଶୀଘ୍ର ପ୍ରକାଶ ପାଇବ। ଆଇସିସି ଜୁଲାଇରେ ଏକ ଏଜିଏମ୍ ଆୟୋଜନ କରୁଛି, ଯେଉଁଠାରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଘୋଷଣା ହୋଇପାରେ।

ଆସନ୍ତା ବର୍ଷ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଏବଂ ନାମ୍ବିବିଆରେ ଏକଦିବସୀୟ ବିଶ୍ୱକପ୍ ଖେଳାଯିବ। ଦଳଗୁଡ଼ିକ ସେମାନଙ୍କର ପ୍ରସ୍ତୁତି ଆରମ୍ଭ କରିସାରିଛନ୍ତି। ଏହି ସମୟରେ, ଏହି ଆଇସିସି ଟୁର୍ଣ୍ଣାମେଣ୍ଟ ଅକ୍ଟୋବର ୪ରୁ ନଭେମ୍ବର ୨୧ ପର୍ଯ୍ୟନ୍ତ ଚାଲିପାରେ ଖବର ଆସୁଛି। ରିପୋର୍ଟ ଅନୁଯାୟୀ, ମେ' ମାସରେ ଅହମ୍ମଦାବାଦରେ ଅନୁଷ୍ଠିତ ଆଇସିସି ବୈଠକରେ ତାରିଖ ଉପରେ ସହମତି ହୋଇଥିଲା। ଏବେ ଖବର ଆସୁଛି କି, ଯଦିଓ ଟୁର୍ଣ୍ଣାମେଣ୍ଟରେ ତିନୋଟି ଆୟୋଜକ ରହିବ, ତଥାପି ଅଧିକାଂଶ ମ୍ୟାଚ୍ ଦକ୍ଷିଣ ଆଫ୍ରିକାର ୮ଟି ସ୍ଥାନରେ ଅନୁଷ୍ଠିତ ହୋଇପାରେ।

ଆଇସିସି ଓଡିଆଇ ବିଶ୍ୱକପ୍ ୨୦୨୭ରେ ୫୪ଟି ମ୍ୟାଚ୍ ଖେଳାଯିବ-୨୦୨୭ ମସିହାରେ ହେବାକୁ ଥିବା ଆଇସିସି ଦିନିକିଆ ବିଶ୍ୱକପ୍‌ରେ






ମୋଟ ୫୪ଟି ମ୍ୟାଚ୍ ଖେଳାଯିବ। ଏଥିମଧ୍ୟରୁ ୪୧ଟି ମ୍ୟାଚ୍ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ହେବାର ଆଶା କରାଯାଉଛି। ଜିମ୍ବାୱେକୁ ୮ରୁ ୧୦ଟି ଏବଂ ନାମ୍ବିବିଆକୁ ତିନୋଟି ମ୍ୟାଚ୍ ବଣ୍ଟନ କରାଯିବା ପାଇଁ ବିଚାର କରାଯାଉଛି। ଜିମ୍ବାୱେର ୩ଟି ସ୍ଥାନରେ ମ୍ୟାଚ୍ ଅନୁଷ୍ଠିତ ହୋଇପାରେ। ୨୦୦୩ ପରେ ଏହା ପ୍ରଥମ ଥର ହେବ ଯେ ଆଇସିସି ବିଶ୍ୱକପ୍ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ହେଉଛି।

ଚଳିତ ବର୍ଷର ବିଶ୍ୱକପର ବିଶେଷ କଥା ହେଉଛି ଏଥିରେ ମୋଟ ୧୪ଟି ଦଳ ଅଂଶଗ୍ରହଣ କରିବେ। ୨୦୨୩ ବିଶ୍ୱକପ ଭାରତରେ ଖେଳାଯାଇଥିଲା। ୧୦ଟି ଦଳ ଏଥିରେ ଅଂଶଗ୍ରହଣ କରିଥିଲେ। ଏଥରେ ସମସ୍ତ ୧୪ ଦଳକୁ ୭ଟି ଲେଖାଏଁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ଏହା ପରେ, ସେମାନେ ନିଜ ନିଜ ମଧ୍ୟରେ ମ୍ୟାଚ୍ ଖେଳିବେ। ୨୦୦୩ ପରେ ସୁପର ସିକ୍ସ ମଧ୍ୟ ପ୍ରତ୍ୟାବର୍ତ୍ତନ କରୁଛି। ଦକ୍ଷିଣ ଆଫ୍ରିକା ଏବଂ ଜିମ୍ବାୱେ ଆୟୋଜକ ଭାବରେ ଏହି ଟୁର୍ଣ୍ଣାମେଣ୍ଟ ପାଇଁ ସେମାନଙ୍କର ସ୍ଥାନ ନିଶ୍ଚିତ କରିସାରିଛନ୍ତି, କିନ୍ତୁ ନାମ୍ବିଆକୁ ଯୋଗ୍ୟତା ପର୍ଯ୍ୟାୟ ଖେଳିବାକୁ ପଡ଼ିବ କାରଣ ଏହା ଆଇସିସିର ପୂର୍ଣ୍ଣ ସଦସ୍ୟ ନୁହେଁ।

# ଭଣ୍ଡାରେ ବୈତରଣୀ କପ୍ : ଖେଳ ପଡ଼ିଆର ଉନ୍ନତିକରଣ ପାଇଁ ପ୍ରତିଶ୍ରୁତି ଦେଲେ ମୁଖ୍ୟ ଅତିଥି

**ଚମ୍ପୁଆ, ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା ଗ୍ରାମର ଖେଳ ପଡ଼ିଆରେ ଆୟୋଜିତ ହେଉଥିବା 'ବୈତରଣୀ କପ୍' କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ ଅତ୍ୟନ୍ତ ଉତ୍ସାହର ସହ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତିନିଧି ତଥା ଜିଲ୍ଲା ବିଜେପି ଉପସଭାପତି ସିଦ୍ଧାର୍ଥ ସିଂ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ସିଂ କ୍ରିକେଟ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଖେଳର ମହତ୍ତ୍ୱ ଉପରେ ଆଲୋକ ପାତ କରିଥିଲେ। ତେବେ ଖେଳ ପଡ଼ିଆର ବର୍ତ୍ତମାନର ସ୍ଥିତିକୁ ଦେଖି ସେ ଗଭୀର ଚିନ୍ତା ପ୍ରକଟ କରିଥିଲେ। ପଡ଼ିଆର ଉନ୍ନତିକରଣ କାର୍ଯ୍ୟ ଅଧୁରା ଥିବାରୁ ଏହା ଖେଳାଳିଙ୍କ ପାଇଁ ଅସୁବିଧା ସୃଷ୍ଟି କରୁଛି ବୋଲି ସେ କହିଥିଲେ। ଏହି ସମସ୍ୟାର ସମାଧାନ ପାଇଁ ଚମ୍ପୁଆ ବ୍ଲକ ପ୍ରଶାସନ ସହ ଆଲୋଚନା କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହିତ, ପଡ଼ିଆର ବିକାଶ ନିମନ୍ତେ ସାଂସଦଙ୍କୁ ମଧ୍ୟ ବିଷୟଟି ଅବଗତ କରାଇବେ ବୋଲି ସେ ମଞ୍ଚରେ ଘୋଷଣା କରିଥିଲେ। ସ୍ଥାନୀୟ କ୍ରୀଡ଼ାପ୍ରେମୀମାନେ ଶ୍ରୀ ସିଂଙ୍କ ଏହି ପ୍ରତିଶ୍ରୁତିକୁ ସ୍ୱାଗତ କରିଛନ୍ତି।

# କରାଟେ ଅର୍ଗାନାଇଜେସନ ଓ ଟାଇକଣ୍ଡୋ ସଂଘର ସମର କ୍ୟାମ୍ପ ଉଦ୍‌ଯାପିତ

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା କରାଟେ ଅର୍ଗାନାଇଜେସନ ଏବଂ ବଲାଙ୍ଗୀର ଜିଲ୍ଲା ଟାଇକଣ୍ଡୋ ସଂଘର ମିଳିତ ଆନୁକୂଲ୍ୟରେ ଟାଉନ୍ ବାଳିକା ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର ସଫଳତାର ସହ ଉଦ୍‌ଯାପିତ ହୋଇଯାଇଛି। ଅନ୍ତର୍ଜାତୀୟ ସ୍ୱର୍ଣ୍ଣ ପଦକ ବିଜେତା କରାଟେ ତଥା ଟାଇକଣ୍ଡୋ କୋଚ ଅସୀମ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ତରଣି ସୁନା, ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର ଓ ପୂର୍ବତନ ପ୍ରଧାନ ଶିକ୍ଷକ ନରେନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ନିଜ ବକ୍ତବ୍ୟରେ ମୁଖ୍ୟ ଅତିଥି ଶ୍ରୀ ସୁନା କହିଥିଲେ ଯେ, ପିଲାମାନଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ କରାଟେ ଏବଂ ଟାଇକଣ୍ଡୋ ଭଳି ସମର କଳା ଅତ୍ୟନ୍ତ ଜରୁରୀ। ବିଶେଷ କରି ଆଜିର ସମୟରେ ଆତ୍ମରକ୍ଷାର ଶିକ୍ଷା ପ୍ରତ୍ୟେକ ପିଲା, ବିଶେଷ କରି ଛାତ୍ରୀମାନଙ୍କ ପାଇଁ ଅପରିହାର୍ଯ୍ୟ ହୋଇପଡ଼ିଛି। ସମ୍ମାନିତ ଅତିଥି ଡିପିଓ ମଧ୍ୟ ଆୟୋଜକମାନଙ୍କର ଏହି ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଶିବିରରେ ସଫଳତା ସହ ପ୍ରଶିକ୍ଷଣ ଶେଷ କରିଥିବା ଶିକ୍ଷାର୍ଥୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ଓ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଘର କର୍ମକର୍ତ୍ତା, କୋଚ ଏବଂ ବହୁ ସଂଖ୍ୟାରେ ଅଭିଭାବକ ଉପସ୍ଥିତ ଥିଲେ।

# ଭଦ୍ରକ ନେହେରୁ ଷ୍ଟାଡିୟମ୍‌ର ଉନ୍ନତିକରଣ ପ୍ରକଳ୍ପର ଶିଳାନ୍ୟାସ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ସହରର ପ୍ରମୁଖ କ୍ରୀଡ଼ା କେନ୍ଦ୍ର ନେହେରୁ ଷ୍ଟାଡିୟମ୍‌ର ବହୁ ପ୍ରତୀକ୍ଷିତ ଉନ୍ନତିକରଣ ଓ ବିକାଶ ପ୍ରକଳ୍ପର ଶିଳାନ୍ୟାସ ଉତ୍ସବ ଆଡ଼ମ୍ବରପୂର୍ଣ୍ଣ ଓ ଉତ୍ସାହପୂର୍ଣ୍ଣ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ପ୍ରାୟ ୨୩ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ଷ୍ଟାଡିୟମ୍‌ର ସମଗ୍ର ଉନ୍ନତିକରଣ କରାଯିବାକୁ ଥିବାବେଳେ ଏହାକୁ ଜିଲ୍ଲାର କ୍ରୀଡ଼ା ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଏକ ଐତିହାସିକ ପଦକ୍ଷେପ ବୋଲି କୁହାଯାଇଛି। ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବ ସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ଭଦ୍ରକ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର, ଭଦ୍ରକ ଲୋକସଭା ସାଂସଦ ଅଭିମନ୍ୟୁ ସେଠୀ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଦେବବ୍ରତ ମହାପାତ୍ର ଓ ଏଚଏସସିଏଲ୍‌ର ବରିଷ୍ଠ ଯନ୍ତ୍ରୀ ଯତୀନ୍ଦ୍ର ବେହେରାଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ, କ୍ରୀଡ଼ାବିତ୍ ଓ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ। ମନ୍ତ୍ରୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଆଧୁନିକ ଖେଳ ସୁବିଧା, ଉନ୍ନତ ଭିତ୍ତିଭୂମି ଓ ଖେଳାଳିମାନଙ୍କ ପାଇଁ ସମସ୍ତ ଆବଶ୍ୟକୀୟ ସୁବିଧା ସହ ନେହେରୁ ଷ୍ଟାଡିୟମ୍‌କୁ ଏକ ଆଦର୍ଶ କ୍ରୀଡ଼ା କେନ୍ଦ୍ରରେ ପରିଣତ କରାଯିବ। ରାଜ୍ୟ ସରକାର କ୍ରୀଡ଼ା କ୍ଷେତ୍ରର ବିକାଶକୁ ସର୍ବାଧିକ ପ୍ରାଥମିକତା ଦେଉଥିବାବେଳେ ଭଦ୍ରକ ସମେତ ପ୍ରତ୍ୟେକ ଜିଲ୍ଲା ଓ ବ୍ଲକ୍‌ରେ କ୍ରୀଡ଼ା ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ସେ କହିଥିଲେ। ଲୋକସଭା ସାଂସଦ ଅଭିମନ୍ୟୁ ସେଠୀ ଜିଲ୍ଲାର କ୍ରୀଡ଼ା କ୍ଷେତ୍ରର ସାମଗ୍ରିକ ବିକାଶ ପାଇଁ ସମସ୍ତଙ୍କ ସହଯୋଗ ଓ ସମନ୍ୱୟର ଆହ୍ୱାନ ଜଣାଇଥିଲେ। ଭଦ୍ରକ ବିଧାୟକ ଓ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୀତାଂଶୁ ଶେଖର ମହାପାତ୍ର ଏହି ପ୍ରକଳ୍ପକୁ ଭଦ୍ରକର କ୍ରୀଡ଼ା ଇତିହାସରେ ଏକ ମାଇଲଖୁଂଟ ବୋଲି ଅଭିହିତ କରିଥିଲେ। ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ଜିଲ୍ଲାର ଯୁବ ଖେଳାଳିମାନେ ଉନ୍ନତ ପ୍ରଶିକ୍ଷଣ ଓ ପ୍ରତିଯୋଗିତା ସୁବିଧା ପାଇବା ସହ ଭଦ୍ରକ ଏକ ପ୍ରମୁଖ କ୍ରୀଡ଼ା କେନ୍ଦ୍ର ଭାବେ ପରିଚିତ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଦେବବ୍ରତ ମହାପାତ୍ର ପ୍ରସ୍ତାବିତ ଉନ୍ନତିକରଣ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ ପ୍ରକଳ୍ପ ମାଧ୍ୟମରେ ଷ୍ଟାଡିୟମ୍‌ରେ ଆଧୁନିକ କ୍ରୀଡ଼ା ଭିତ୍ତିଭୂମି ସୃଷ୍ଟି, ଖେଳ ପଡ଼ିଆର ଉନ୍ନତି ଏବଂ ଖେଳାଳିମାନଙ୍କ ପାଇଁ ଉନ୍ନତ ପ୍ରଶିକ୍ଷଣ ସୁବିଧା ଯୋଗାଇ ଦିଆଯିବ। ଏହା ଜିଲ୍ଲାରେ କ୍ରୀଡ଼ା ପ୍ରତିଭାର ବିକାଶ ଓ ରାଜ୍ୟ ତଥା ଜାତୀୟ ସ୍ତରୀୟ ପ୍ରତିଯୋଗିତା ଆୟୋଜନର ସୁଯୋଗ ସୃଷ୍ଟି କରିବ ବୋଲି ସେ କହିଥିଲେ। ଆରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିବାବେଳେ, ଏଚଏସସିଏଲ୍‌ର ବରିଷ୍ଠ ଯନ୍ତ୍ରୀ ଯତୀନ୍ଦ୍ର ବେହେରା ପ୍ରକଳ୍ପର ବୈଷୟିକ ଦିଗ ଓ ଉନ୍ନତିକରଣ ଯୋଜନା ଉପସ୍ଥାପନ କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ। କାଦମ୍ବରୀ କର ଶର୍ମା ସମଗ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନେହେରୁ ଷ୍ଟାଡିୟମ୍‌ର ଏହି ଉନ୍ନତିକରଣ ପ୍ରକଳ୍ପ ଭଦ୍ରକ ଜିଲ୍ଲାର କ୍ରୀଡ଼ା କ୍ଷେତ୍ରକୁ ନୂତନ ଗତି ପ୍ରଦାନ କରିବା ସହ ଯୁବ ଖେଳାଳିମାନଙ୍କ ପାଇଁ ଉନ୍ନତ ପ୍ରଶିକ୍ଷଣ ଓ ପ୍ରତିଯୋଗିତାର ନୂଆ ସୁଯୋଗ ସୃଷ୍ଟି କରିବ ବୋଲି ଉପସ୍ଥିତ କ୍ରୀଡ଼ାପ୍ରେମୀମାନେ ମତ ପ୍ରକାଶ କରିଥିଲେ।

# ୧୯୬୪ ପରେ ପ୍ରଥମ ଥର : ଅଷ୍ଟ୍ରେଲିଆ ପାଇଁ ଖେଳିବେ ଭାରତରେ ଜନ୍ମିତ

**ନୂଆଦିଲ୍ଲୀ**

ବାଂଲାଦେଶ ବିପକ୍ଷରେ ହେବାକୁ ଥିବା ଟି-୨୦ ସିରିଜ୍ ପାଇଁ ଅଷ୍ଟ୍ରେଲିଆ ଦଳରେ ଜଣେ ସ୍ୱତନ୍ତ୍ର ଖେଳାଳି ପ୍ରବେଶ କରିଛନ୍ତି। ଦିଲ୍ଲୀରେ ଜନ୍ମିତ ନିଖିଲ ଚୌଧୁରୀଙ୍କୁ କ୍ରିକେଟ୍ ଅଷ୍ଟ୍ରେଲିଆ ନିଜ ସ୍କ୍ୱାଡ୍‌ରେ ସାମିଲ କରିଛି। ଯଦି ନିଖିଲଙ୍କୁ ପ୍ଲେଇଂ ଇଲେଭେନ୍‌ରେ ସୁଯୋଗ ମିଳେ, ତେବେ ସେ ବିଗତ ୬୦ ବର୍ଷରୁ ଅଧିକ ସମୟ ମଧ୍ୟରେ ଅଷ୍ଟ୍ରେଲିଆ ପାଇଁ ଖେଳୁଥିବା ଭାରତରେ ଜନ୍ମିତ ପ୍ରଥମ ପୁରୁଷ କ୍ରିକେଟର ହେବେ।

ହୋବାର୍ଟ ହରିକେନ୍ସର ଅଲରାଉଣ୍ଡର ନିଖିଲ ଚୌଧୁରୀ ବର୍ତ୍ତମାନ ୬୦ ବର୍ଷରୁ ଅଧିକ ସମୟ ମଧ୍ୟରେ ଅଷ୍ଟ୍ରେଲିଆ ପାଇଁ ଖେଳିବାକୁ ଯାଉଥିବା ଭାରତରେ ଜନ୍ମିତ ପ୍ରଥମ ପୁରୁଷ ଖେଳାଳି ହୋଇପାରନ୍ତି। ଅଷ୍ଟ୍ରେଲିଆ ପକ୍ଷରୁ ଭାରତୀୟ ମୂଳର ଅନେକ ଖେଳାଳି ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିଛନ୍ତି। ଯେଉଁମାନଙ୍କ ମଧ୍ୟରେ ଗୁରିନ୍ଦର ସନ୍ଧୁ ଏବଂ ତନଭୀର ସଙ୍ଘା ସାମିଲ ଅଛନ୍ତି। କିନ୍ତୁ ୧୯୬୦ ଦଶକ ପରଠାରୁ ଭାରତରେ ଜନ୍ମିତ କୌଣସି ପୁରୁଷ ଖେଳାଳି ଜାତୀୟ ଦଳ ପାଇଁ ଖେଳିନାହାନ୍ତି। ଶେଷ ଥର ପାଇଁ ପ୍ରାୟ ୬୨ ବର୍ଷ ପୂର୍ବେ ଏମିତି ଦେଖିବାକୁ ମିଳିଥିଲା, ଯେତେବେଳେ ଗୁଜରାଟରେ ଜନ୍ମିତ ଲେଗ୍-ସ୍ପିନର ରେକ୍ସ ସେଲର୍ସ ୧୯୬୪ ମସିହାର କଲିକତା ଟେଷ୍ଟରେ ଭାଗ ନେଇଥିଲେ। ପୁଣେରେ ଜନ୍ମିତ ଏବଂ ଅଷ୍ଟ୍ରେଲୀୟ ପିତାମାତାଙ୍କ ଦ୍ୱାରା ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରାଯାଇଥିବା ଲିସା ସ୍ଥାଲେକର ୨୦୦୦ ଦଶକରେ ଅଷ୍ଟ୍ରେଲିଆ ମହିଳା ଦଳର ଷ୍ଟାର୍ ଖେଳାଳି ଥିଲେ।

କରୋନା ମହାମାରୀ ସମୟରେ କୁଇନ୍ସଲାଣ୍ଡରେ ଫସି ରହିଥିବା ନିଖିଲ ଚୌଧୁରୀ ପରିସ୍ଥିତି ଆଗରେ ମୁଣ୍ଡ ନ ନୁଆଁଇ ଅଷ୍ଟ୍ରେଲିଆରେ ହିଁ ନିଜର କ୍ରିକେଟ୍ ଯାତ୍ରା ଆରମ୍ଭ କରିଥିଲେ। ଏହି ସମୟରେ ପୂର୍ବତନ ଅନ୍ତର୍ଜାତୀୟ ଅଲରାଉଣ୍ଡର ଜେମ୍ସ ହୋପ୍ସଙ୍କ ନଜର ତାଙ୍କ ପ୍ରତିଭା ପଡ଼ିଥିଲା। ହୋପ୍ସଙ୍କ ସୁପାରିଶ କ୍ରମେ ତାଙ୍କୁ ହୋବାର୍ଟ ହରିକେନ୍ସର ବିଗ୍ ବ୍ୟାଶ୍ ଲିଗ୍ ସ୍କ୍ୱାଡ୍‌ରେ ସ୍ଥାନ ମିଳିଥିଲା। ନିଖିଲ ଗତ ସମର ସିଜନ୍‌ରେ ୧୫୩ର ଧୂଆଁଧାର ଷ୍ଟ୍ରାଇକ୍-ରେଟ୍



ଏବଂ ୩୦.୭୦ ହାରରେ ୩୦୭ ରନ୍ ଚେଚି ହୋବାର୍ଟକୁ ବିବିଏଲ ୧୪ର ଚାମ୍ପିଅନ ବନାଇ ଦେଇଥିଲେ। ବିଗ୍ ବ୍ୟାଶ୍‌ର ଏହି ଦମଦାର ପ୍ରଦର୍ଶନ ବର୍ତ୍ତମାନ ତାଙ୍କୁ ଅଷ୍ଟ୍ରେଲିଆର ଜାତୀୟ ଜର୍ସି ଦେବାକୁ ଯାଉଛି।

ନିଖିଲ ଚୌଧୁରୀ ବର୍ତ୍ତମାନ ବେଲଜିୟମ୍‌ରେ ଇୟୁଟି୨୦ ଟୁର୍ଣ୍ଣାମେଣ୍ଟରେ ଜେବି ବ୍ରୁଜେସ୍ ପାଇଁ ଖେଳନ୍ତି ଏବଂ ନିକଟରେ ଆଇପିଏଲ୍ ୨୦୨୬ରେ ଦିଲ୍ଲୀ କ୍ୟାପିଟାଲ୍ସ ସହିତ ଜଡ଼ିତ ଥିଲେ। ଅଷ୍ଟ୍ରେଲିଆ ଦଳରୁ ଡାକରା ପାଇବା ପରେ ନିଖିଲ ଜୁନ୍ ୧୨ ତାରିଖରେ ଢାକାଠାରେ ହ୍ୱାଇଟ୍-ବଲ୍ ଦଳ ସହିତ ଯୋଡ଼ିହେବେ। ଏହି ଲେଗ୍-ସ୍ପିନିଂ ଅଲରାଉଣ୍ଡର ମଧ୍ୟକ୍ରମରେ ସ୍ଥାନ ପାଇବା ପାଇଁ ଜୋଏଲ୍ ଡେଭିସ୍ ଏବଂ ଏରନ୍ ହାର୍ଡିଙ୍କ ଭଳି ଖେଳାଳିଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ। ଯେଉଁମାନେ ଟି-୨୦ ସ୍କ୍ୱାଡ୍‌ରେ ସାମିଲ ଅଛନ୍ତି।

ବାଂଲାଦେଶ ଗସ୍ତରେ ଥିବା ଅଷ୍ଟ୍ରେଲିଆ ଦଳ ଷ୍ଟାର୍ ଖେଳାଳିମାନଙ୍କ ଅନୁପସ୍ଥିତି ସମସ୍ୟା ଦେଇ ଗତି କରୁଛି। ଟ୍ରାଭିସ୍ ହେଡ୍ ବ୍ୟକ୍ତିଗତ କାରଣରୁ ଦଳ ସହିତ ନାହାନ୍ତି। ଅନ୍ୟପଟେ ଅଧିନାୟକ ମିଚେଲ୍ ମାର୍ଶ ଦିନିକିଆ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। କିନ୍ତୁ ସେ ଆଶା ରଖିଛନ୍ତି ଯେ ଗୋଡ଼ର ଆଘାତରୁ ସୁସ୍ଥ ହୋଇ ସେ ଟି-୨୦ ଦଳର ଅଧିନାୟକତ୍ୱ କରିପାରିବେ।

ନିଖିଲ ଚୌଧୁରୀ ଅଷ୍ଟ୍ରେଲିଆର ନାଗରିକ ନୁହନ୍ତି, କିନ୍ତୁ ସେ ସେଠାରେ ସ୍ଥାୟୀ ବାସିନ୍ଦା ଏବଂ ଅଷ୍ଟ୍ରେଲିଆ ପାଇଁ ଖେଳିବାକୁ ଆଇସିସିର ଯୋଗ୍ୟତା ସର୍ତ୍ତାବଳୀ ପୂରଣ କରୁଛନ୍ତି। ଦିଲ୍ଲୀରେ ଜନ୍ମିତ ଚୌଧୁରୀ ପଞ୍ଜାବ ଦଳ ପାଇଁ ହରଭଜନ ସିଂ, ଶୁବମନ ଗିଲ୍ ଏବଂ ଅଭିଷେକ ଶର୍ମାଙ୍କ ଭଳି ଖେଳାଳିଙ୍କ ସହ ୧୪ଟି ସୀମିତ ଓଭର ମ୍ୟାଚ୍ ଖେଳିଛନ୍ତି ଏବଂ ଆଇପିଏଲ୍ ଦଳ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଟ୍ରାଏଲ୍ ମଧ୍ୟ ଦେଇଛନ୍ତି।

**ଭୁବନେଶ୍ୱର, ୧୩ ଜୁନ୍, ଶନିବାର, ୨୦୨୬**

RNI Regd. No. : 52640/94
Postal Regd. No. : BN/60/25-27

# ତିନି ରଥର ଭୂଇଁ କାର୍ଯ୍ୟ ଶେଷ, ଆଗକୁ ବଡ଼ ପୋଟଳ ଉଠିବ

**ପୁରୀ, ୧୨।୬:ନ୍ୟୁଜ୍‌ବ୍ୟୁରୋ**

ତିନି ରଥର ଭୂଇଁ କାର୍ଯ୍ୟ ଶେଷ ହୋଇଛି। ତିନି ରଥରେ ତୃତୀୟ ଭୂଇଁ ଟୁଙ୍ଗୁରା ଯାଇଛି। ବିଶ୍ୱକର୍ମାଙ୍କ ନିର୍ଦ୍ଦେଶରେ ଭୋଇ ସେବକମାନେ କାଠ ସବୁକୁ ରଥ ଉପରକୁ ବୋହି ନେଇ ଖଞ୍ଜିଥିଲେ। ବିଶ୍ୱକର୍ମାମାନେ ମାପଚୁପ କରି କଣ୍ଟା ପିଟିଥିଲେ। ଏହିପରି ତିନି ରଥ ନିର୍ମାଣରେ ସମନ୍ୱୟ ରଖାଯାଇ ତୃତୀୟ ଭୂଇଁ ଉଠିବା କାର୍ଯ୍ୟ ସମ୍ପନ୍ନ ହୋଇଛି।

ପୂର୍ବରୁ ରଥରେ ପ୍ରଥମ ଓ ଦ୍ୱିତୀୟ ଭୂଇଁ ଉଠିଥିଲା। ରଥକୁ ସୁରକ୍ଷା ପାଇଁ ଚାରିନାହାକାରେ ଲାଗିଥିଲା ଧମକ। ରଥ ଖଳାରେ ତୃତୀୟ ଭୂଇଁ ଫ୍ରେମ୍ ପ୍ରସ୍ତୁତ ହୋଇ ମାପଚୁପ ହୋଇ ଖୋଲାଗଲା। ଏହାପରେ ରଥ ଉପରକୁ ଉଠିଥିଲା ତୃତୀୟ ଭୂଇଁ। ଭୂଇଁ ଟୁଙ୍ଗୁରାରେ ଅକାତ, ମାଛପାତିଆ, ଛିଆଣ, ଭୂଇଁ ନାହାକା ଓ ଖଦିଓରା ଆଦି ଲାଗିଲା। ଖଦିଓରା ବିନ୍ଧରେ ଭୂଇଁ ନାହାକା ସାଲ ହୋଇ ଭର୍ତ୍ତି ହୋଇଥିଲା। ପାଖୁଡ଼ା ଉପରେ ଅକାତ ଓ ମାଛପାତିଆ ଲଗାଯାଇଥିଲା। ଭୂଇଁ ଶେଣୀ ଉପରେ ଛିଆଣ ପଡ଼ିଥିଲା। ଏହାପରେ କଣ୍ଟା ବାଡ଼ିଆ ଯାଇଥିଲା। ଏହାପରେ ପୋଟଳ ଖମ୍ବି ଉଠି ପୋଟଳ ଓରା ଓ ପୋଟଳ ପାରେଣୀ ଲାଗିଥିଲା।



ଏଣିକି ରଥ ଉପରେ ବଡ଼ ପୋଟଳ ଉଠା ଯିବ। ରଥରେ ମୋଟ ୧୩ ପରସ୍ତ ପୋଟଳ ସ୍ଥାପନ କରାଯାଏ। ରୂପକାର, କରତି ଓ ଓଝା ସେବକମାନେ ରଥ ନିର୍ମାଣରେ ନିଜ ନିଜ କାର୍ଯ୍ୟ ଜାରି ରଖିଛନ୍ତି। ରଥରେ ଲାଗିବାକୁ ଥିବା ପାର୍ଶ୍ୱ ଦେବଦେବୀ, ଶୁଆ ଆଦି ମୂର୍ତ୍ତିମାନ ରଙ୍ଗ ହେବାକୁ ବାହାରିଛି। ରଥରେ ପଡ଼ିବା ପାଇଁ ଶୁକ୍ରବାର ରଥ ଖଳାରେ ପଟା ପହଞ୍ଚିଛି।



ଭୁବନେଶ୍ୱର : ଜୟଦେବ ବିହାର ଠାରୁ ନନ୍ଦନକାନନ ରାସ୍ତା ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନିକଟରେ ଉପସ୍ଥିତ ଅଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଏକାମ୍ର ବିଧାୟକ ବାବୁ ସିଂ ପ୍ରମୁଖ। (ଫଟୋ:ସମ୍ବାଦ କଳିକା)

### ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍‌ସରଙ୍କ ସହ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ

# ଇନଫ୍ଲୁଏନ୍ସରମାନେ ହେଉଛନ୍ତି ସମୃଦ୍ଧ ଓଡ଼ିଶାର ଶକ୍ତିଶାଳୀ ଡିଜିଟାଲ୍ ଆମ୍ବାସଡର

**ଭୁବନେଶ୍ୱର, ୧୨।୬**
**ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଲୋକସେବା ଭବନ କନ୍‌ଭେନ୍‌ସନ୍ ସେଣ୍ଟରରେ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍‌ସର ଏବଂ ଡିଜିଟାଲ୍ କ୍ରିଏଟରମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଡିଜିଟାଲ୍ କ୍ରିଏଟରମାନଙ୍କୁ ବିକଶିତ ଭାରତ ଓ ସମୃଦ୍ଧ ଓଡ଼ିଶାର ସବୁଠାରୁ ଶକ୍ତିଶାଳୀ 'ଡିଜିଟାଲ୍ ଆମ୍ବାସଡରସ୍' ଏବଂ ଭବିଷ୍ୟତର 'ଓପିନିଅନ ଲିଡରସ୍' ବୋଲି କହିଛନ୍ତି।

ଡିଜିଟାଲ କ୍ରିଏଟର ମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଯିଏ ଯେଉଁ ଚିନ୍ତାଧାରାର ସମର୍ଥକ



ହୁଅନ୍ତୁ ନା କାହିଁକି, ସମସ୍ତଙ୍କ ପାଇଁ 'ରାଷ୍ଟ୍ର ସର୍ବୋପରି' ହେବା ଉଚିତ। 'ଦେଶ' ଏବଂ 'ସରକାର' ମଧ୍ୟରେ ପାର୍ଥକ୍ୟ ଦର୍ଶାଇ ସେ କହିଥିଲେ, ଆପଣ ସରକାରଙ୍କୁ ସମାଲୋଚନା କରି ପାରିବେ, କିନ୍ତୁ ସରକାରଙ୍କୁ ସମାଲୋଚନା କରିବା ଆଳରେ 'ଦେଶକୁ' ଅସମ୍ମାନ କରିବା କେବେ ବି ଗ୍ରହଣୀୟ ନୁହେଁ। ସୋସିଆଲ ମିଡିଆରେ ଆପତ୍ତିଜନକ ପୋଷ୍ଟିଂ ଯୋଗୁଁ ଯୁବପିଢ଼ି ଯେଉଳି ବିବାଦରେ ଛନ୍ଦି ହୋଇ ନିଜ ଭବିଷ୍ୟତ ନଷ୍ଟ ନକରନ୍ତି, ସେଥିପ୍ରତି ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ସତର୍କ କରାଇ ଦେଇଥିଲେ। ଏଥି ସହିତ ମୁଖ୍ୟମନ୍ତ୍ରୀ ସରକାରଙ୍କ ବିଭିନ୍ନ ଲୋକକଲ୍ୟାଣ କାର୍ଯ୍ୟକ୍ରମଗୁଡ଼ିକୁ କଣ୍ଟେଣ୍ଟ ମାଧ୍ୟମରେ ଲୋକମାନଙ୍କ ନିକଟରେ ପହଞ୍ଚାଇବା ଆବଶ୍ୟକ ବୋଲି କହିଥିଲେ।ସେ ଆହୁରି କହିଥିଲେ, ଆପଣମାନଙ୍କ କଣ୍ଟେଣ୍ଟର ଉଦ୍ଦେଶ୍ୟ କେବଳ 'ଭିଉଜ୍' ବଢ଼ାଇବା କିମ୍ବା କିଛି ସେକେଣ୍ଡର ମନୋରଞ୍ଜନ ମଧ୍ୟରେ ସୀମିତ ନରହି, ସମାଜ ପାଇଁ ଏକ ସୁସ୍ଥ ବାର୍ତ୍ତା ବହନ କରିବା ଆବଶ୍ୟକ। 'କ୍ଲିକ୍ ବେଟ୍' ଏବଂ ଶସ୍ତା ପ୍ରସିଦ୍ଧିର ମୋହରୁ ଦୂରେଇ ରଖି 'ପରପୋଜ୍ ଡ୍ରିଭେନ୍ କଣ୍ଟେଣ୍ଟ' ବା ମହତ ଉଦ୍ଦେଶ୍ୟ ଭିତ୍ତିକ ସୃଜନଶୀଳତା ଆଡ଼କୁ ଆକର୍ଷିତ କରିବାକୁ ସେ କଣ୍ଟେଣ୍ଟ କ୍ରିଏଟରମାନଙ୍କୁ ପରାମର୍ଶ ଦେଇଥିଲେ।

# ଯଥେଷ୍ଟ କାରଣ ବିନା ଏନବିଡବ୍ଲ୍ୟୁ ଜାରି କରାଯାଇପାରିବନି

**କଟକ, ୧୨।୬**
**ନ୍ୟୁଜ୍‌ବ୍ୟୁରୋ**

ନାଗରିକଙ୍କ ବ୍ୟକ୍ତିଗତ ସ୍ୱାଧୀନତାକୁ ନେଇ ଓଡ଼ିଶା ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, କୌଣସି ଅଭିଯୁକ୍ତ ଏକ ନିର୍ଦ୍ଧାରିତ ଦିନ ଅଦାଲତରେ ଉପସ୍ଥିତ ନ ହେଲେ, ବିନା କୌଣସି ଠୋସ୍ କାରଣରେ ସିଧାସଳଖ ଜାମିନବିହୀନ ଗିରଫ ପରୱାନା (ଏନବିଡବ୍ଲ୍ୟୁ) ଜାରି କରାଯାଇପାରିବ ନାହିଁ। ଏହି ଆଧାରରେ ହାଇକୋର୍ଟ ନିମ୍ନ ଅଦାଲତ (ଲଖନପୁର ଜେଏମ୍‌ଏଫ୍‌ସି)ଙ୍କ ଦ୍ୱାରା ଆବେଦନକାରୀ ତ୍ରିନାଥ ଗୁରୁଙ୍କ ବିରୋଧରେ ଜାରି ହୋଇଥିବା ଏନବିଡବ୍ଲ୍ୟୁ ଆଦେଶକୁ ରଦ୍ଦ କରିଛନ୍ତି। ଅବକାଶକାଳୀନ ବିଚାରପତି ଗୌରୀଶଙ୍କର ଶତପଥୀ ମାମଲାର ଚୂଡ଼ାନ୍ତ ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଗତ ୨୦୨୬ ମେ' ୬ ତାରିଖ ଦିନ ନିମ୍ନ ଅଦାଲତରେ ମାମଲାର ଶୁଣାଣି ସମୟରେ ଆବେଦନକାରୀଙ୍କ ସହ ଅନ୍ୟ ଅଭିଯୁକ୍ତ ଅନୁପସ୍ଥିତ ଥିଲେ। ଏହାକୁ ଆଧାର କରି ଲଖନପୁର ଜେଏମଏଫସି ସେହିଦିନ ହିଁ ସିଧାସଳଖ ଅଭିଯୁକ୍ତ ତ୍ରିନାଥ ଗୁରୁଙ୍କ ବିରୋଧରେ ଏନବିଡବ୍ଲ୍ୟୁ ଜାରି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନିମ୍ନ ଅଦାଲତଙ୍କ ଏହି କାର୍ଯ୍ୟାନୁଷ୍ଠାନକୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟରେ ଶୁଣାଣି ବେଳେ ଆବେଦନକାରୀଙ୍କ ଓକିଲ ଦର୍ଶାଇଥିଲେ ଯେ, ଅଭିଯୁକ୍ତ ପୂର୍ବରୁ ୨୦୨୫ ଡିସେମ୍ବର ୨୩ରେ ଏହି ମାମଲାରେ ଜାମିନ ପାଇସାରିଥିଲେ ଏବଂ ସେ ଜାମିନ ସର୍ତ୍ତ ମଧ୍ୟ ପାଳନ କରୁଥିଲେ। ଆଇନ ଅନୁଯାୟୀ, ଥରେ ଜାମିନ ମିଳିବା ପରେ ତାହା ରଦ୍ଦ ନ ହେବା ପର୍ଯ୍ୟନ୍ତ କାଏମ ରହେ; ତେଣୁ କେବଳ ଗୋଟିଏ ଦିନ ଅନୁପସ୍ଥିତ ରହିବା ଯୋଗୁଁ କୌଣସି ସ୍ପଷ୍ଟ ସୂଚନା ବା



କାରଣ ନ ଦର୍ଶାଇ ସିଧାସଳଖ ଏନବିଡବ୍ଲ୍ୟୁ ଜାରି କରିବା ଆଇନଗତ ଭାବେ ତ୍ରୁଟିପୂର୍ଣ୍ଣ। ହାଇକୋର୍ଟ ନିମ୍ନ ଅଦାଲତଙ୍କ ଆଦେଶକୁ ସମୀକ୍ଷା କରି କହିଛନ୍ତି ଯେ, ବିଏନଏସଏସର ଧାରା ୩୫୫ ଅନୁସାରେ ଅଦାଲତଙ୍କ ପାଖରେ ଅଭିଯୁକ୍ତଙ୍କ ବ୍ୟକ୍ତିଗତ ଉପସ୍ଥିତିକୁ କୋହଳ କରିବାର ଯଥେଷ୍ଟ କ୍ଷମତା ରହିଛି। ଯଦି ଜଣେ ଅଭିଯୁକ୍ତ କୋର୍ଟରେ ହାଜର ହେଉନାହାନ୍ତି, ତେବେ ମାଜିଷ୍ଟ୍ରେଟ୍ ସିଧାସଳଖ ଏନବିଡବ୍ଲ୍ୟୁ ଜାରି ନ କରି, ପ୍ରଥମେ ଜାମିନଦାର (ବେଲର୍ସ)ଙ୍କୁ ନୋଟିସ୍ ଜାରି କରିବା ଉଚିତ୍। ଅଦାଲତ ଆହୁରି କହିଛନ୍ତି ଯେ ଆଇନସମ୍ମତ ଏବଂ ଠିକ୍ ପ୍ରକ୍ରିୟା ବିନା କୌଣସି ବ୍ୟକ୍ତିର ବ୍ୟକ୍ତିଗତ ସ୍ୱାଧୀନତାକୁ ଛଡ଼ାଇ ନିଆଯାଇପାରିବ ନାହିଁ। କାରଣ ଗିରଫଦାରୀ ବା ଜେଲ୍ ହାଜତକୁ ଯିବା ଦ୍ୱାରା ସମ୍ପୃକ୍ତ ବ୍ୟକ୍ତି ଅନେକ ହଇରାଣ ଓ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି; ତେଣୁ ଏନବିଡବ୍ଲ୍ୟୁ ଭଳି କଠୋର ପଦକ୍ଷେପ ଗ୍ରହଣ କରିବା ପୂର୍ବରୁ ଅଦାଲତଙ୍କ ନିକଟରେ ଠୋସ୍ କାରଣ ରହିବା ଆବଶ୍ୟକ, ଯାହା ନିମ୍ନ ଅଦାଲତଙ୍କ ଆଦେଶରେ ନଥିଲା। ଏହି ସମସ୍ତ ଦିଗକୁ ବିଚାରକୁ ନେଇ ହାଇକୋର୍ଟ ନିମ୍ନ ଅଦାଲତଙ୍କ ଏନବିଡବ୍ଲ୍ୟୁ ଆଦେଶକୁ ରଦ୍ଦ କରିବା ସହ ତ୍ରିନାଥ ଗୁରୁଙ୍କ ପୂର୍ବ ଜାମିନକୁ ବଳବତ୍ତର ରଖିଛନ୍ତି। ତେବେ ମାମଲାର ଆଇନଗତ ପ୍ରକ୍ରିୟାକୁ ନିୟମିତ କରିବା ପାଇଁ ଆସନ୍ତା ନିର୍ଦ୍ଧାରିତ ତାରିଖରେ ନିମ୍ନ ଅଦାଲତରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ହାଇକୋର୍ଟ ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ କମିଲ୍ ରସିଦ୍ ମାମଲା ପରିଚାଳନା କରୁଥିଲେ।

## ୧୧.୮୨ କୋଟିର ମାରିଜୁଆନା ସହ ଧରାପଡ଼ିଲେ ମଡେଲ

**ଭୁବନେଶ୍ୱର, ୧୨।୬:ନ୍ୟୁଜ୍‌ବ୍ୟୁରୋ**

ବିମାନରୁ ମୁମ୍ବାଇ ଏୟାରପୋର୍ଟରେ ଓହ୍ଲାଇଥିବା ଜଣେ ୨୮ ବର୍ଷୀୟ ମଡେଲ ସିଧା ଜେଲ ଯାଇଛନ୍ତି। କାରଣ ଏହି ମେଡଲ ଜଣଙ୍କ ବିଦେଶରୁ ଆଣିଥିଲେ ୧୧ କେଜି ଓଜନର ଉଚ୍ଚ ଗୁଣବତ୍ତାର ହାଇଡ୍ରୋପୋନିକ ମାରିଜୁଆନା ବା ଅତ୍ୟନ୍ତ ନିଶା କରାଉଥିବା ଗଞ୍ଜେଇ। ଏୟାରପୋର୍ଟରେ ହିଁ ମଡେଲଙ୍କୁ ଅଧିକାରୀମାନେ ରଙ୍ଗେ ହାତ ଧରିଥିଲେ। ଏହାପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି।

### ନିର୍ବାଚନ ଆୟୋଗଙ୍କ ଗଣମାଧ୍ୟମ ଏବଂ ଯୋଗାଯୋଗ ସମ୍ପର୍କିତ ସମ୍ମିଳନୀ

# ଓଡ଼ିଶାର ୧୪ ଜଣ ଜିଲ୍ଲା ଓ ଲୋକସମ୍ପର୍କ ଅଧିକାରୀଙ୍କ ଯୋଗଦାନ

**ଭୁବନେଶ୍ୱର, ୧୨।୬**
**ନ୍ୟୁଜ୍‌ବ୍ୟୁରୋ**

ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ସମସ୍ତ ଯୋଗ୍ୟ ଭୋଟରଙ୍କ ନାମ ତାଲିକା ଉପଲବ୍ଧ ହେବ। କେବଳ ଅନୁପସ୍ଥିତ, ସ୍ଥାନାନ୍ତରିତ, ମୃତ, ନକଲି ଏବଂ ବିଦେଶୀ ନଗରିକଙ୍କ ନାମ ଭୋଟର ତାଲିକାରୁ ବାଦ୍ ଦିଆଯିବ। ଏ ଦିଗରେ ସମସ୍ତେ ଯତ୍ନବାନ ହେବା ଉଚିତ। ଲୋକଙ୍କୁ ଏ ନେଇ ସଚେତନ କରାଇବାରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ନୂଆଦିଲ୍ଲୀସ୍ଥିତ 'ଇଣ୍ଡିଆ ଇଣ୍ଟରନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଡେମୋକ୍ରାସି ଆଣ୍ଡ ଇଲେକସନ ମ୍ୟାନେଜମେଣ୍ଟ ପରିସରରେ ଭାରତୀୟ ନିର୍ବାଚନ କମିଶନଙ୍କ ଦ୍ୱାରା ଗଣମାଧ୍ୟମ ଏବଂ ଯୋଗାଯୋଗ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀକୁ ସମ୍ବୋଧିତ କରି ମୁଖ୍ୟ ନିର୍ବାଚନ ଅଧିକାରୀ ଜ୍ଞାନେଶ କୁମାର ଏହା କହିଛନ୍ତି। ଆଗାମୀ ନିର୍ବାଚନ ଏବଂ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

ଏହି ଅବସରରେ ଦେଶର ୧୯ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସମେତ ଆଗାମୀ ଦିନରେ ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକର ମିଡିଆ ନୋଡାଲ ଅଫିସର ଏବଂ ଜିଲ୍ଲା ମିଡିଆ ନୋଡାଲ ଅଫିସରମାନଙ୍କ ପାଇଁ ଏକ ଦିନିକିଆ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ପରିଚାଳିତ ହୋଇଥିଲା। ଓଡ଼ିଶାର ଡେପୁଟି ସିଇଓ ତଥା ମିଡ଼ିଆ ନୋଡ଼ାଲ ଅଫିସର ଡ. ଲକ୍ଷ୍ମୀ ପ୍ରସାଦ ସାହୁଙ୍କ ନେତୃତ୍ୱରେ ମୋଟ ୧୪ ଜଣ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏଥିରେ ଯୋଗ ଦେଇଥିଲେ।

ଆଗାମୀ ନିର୍ବାଚନ ସମୟରେ ଗଣମାଧ୍ୟମ ସହ ସମନ୍ୱୟ ରକ୍ଷା କରି ସଠିକ୍ ତଥ୍ୟ ଲୋକମାନଙ୍କ ପାଖରେ ପହଞ୍ଚାଇବା ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିସହ ଭୋଟରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଦିଗରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ମତପ୍ରକାଶ ପାଇଛି। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ଏବଂ ଗଣମାଧ୍ୟମ ମାଧ୍ୟମରେ ସ୍ୱଚ୍ଛ ସୂଚନା ପ୍ରଦାନ କରିବା ନେଇ ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି।

ଓଡ଼ିଶାରୁ ଉପ ନିର୍ଦ୍ଦେଶକ ତଥା ପୁରୀ ଡିଆଇପିଆରଓ ସନ୍ତୋଷ କୁମାର ସେଠୀ, ବିଏମ୍‌ସି ଆସିଷ୍ଟାଣ୍ଟ କମିଶନର ସ୍ମୃତି ସ୍ୱାଇଁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ବିଦ୍ୟାପତି ପଣ୍ଡା, ନନ୍ଦିନୀ ମୁଣ୍ଡାରୀ, ସଂଯୁକ୍ତା କୁଲୁ, ପ୍ରହଲ୍ଲାଦ କଶଲା, ସାର୍ଥକ ଅଭିନନ୍ଦନ ରାୟ, ପ୍ରତିଚୀ ତନୟା ମହାନ୍ତି, ସ୍ୱାଗତିକା ବେହେରା, ସୌରଭ ପ୍ରଧାନ, ମଧୁସ୍ମିତା ମହାପାତ୍ର, ବୁଦ୍ଧାନ ହେମ୍ବ୍ରମ ଓ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଲୋକସମ୍ପର୍କ ଅଧିକାରୀ ବିଜୟାନନ୍ଦ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

### ଏସଟିଏଫ ପଞ୍ଝାରେ ଆନ୍ତଃରାଜ୍ୟ ଗଞ୍ଜେଇ ମାଫିଆ

# ୫୦ ଲକ୍ଷର ଗଞ୍ଜେଇ ଜବତ : ୨ ଗିରଫ

**ଭୁବନେଶ୍ୱର, ୧୨।୬**
**ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ଚୋରା ନିଶା କାରବାର ବିରୋଧରେ କ୍ରାଇମବ୍ରାଞ୍ଚର ଏସଟିଏଫ୍‌କୁ ଆଉ ଏକ ବଡ଼ ସଫଳତା ମିଳିଛି। ଓଡ଼ିଶାରୁ ବାହାର ରାଜ୍ୟକୁ ଚାଲାଣ ହେଉଥିବା ଏକ ବଡ଼ ଆନ୍ତଃରାଜ୍ୟ ଚୋରା ଗଞ୍ଜେଇ ଚାଲାଣ ଗ୍ୟାଙ୍ଗର ପର୍ଦ୍ଦାଫାଶ କରିଛି ଏସଟିଏଫ। ଏହି ମାମଲାରେ ସଂପୃକ୍ତ ଥିବା ଦୁଇଜଣ ସକ୍ରିୟ ଚୋରା ବେପାରୀଙ୍କୁ ଗିରଫ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରାଯାଇଛି। ଏସଟିଏଫ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ବିଶେଷ ସୂତ୍ରରୁ ଖବର ପାଇ ଟିମ୍ ପକ୍ଷରୁ ଚଢ଼ଉ କରାଯାଇଥିଲା। ଏହି ଚଢ଼ଉ ସମୟରେ ଦୁଇ ଅଭିଯୁକ୍ତଙ୍କୁ କାବୁ କରାଯିବା ସହ ସେମାନଙ୍କ ନିକଟରୁ ବେଆଇନ ଭାବେ ଚାଲାଣ ହେଉଥିବା ପ୍ରାୟ ୫୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ କରାଯାଇଛି। ଜବତ ହୋଇଥିବା ଗଞ୍ଜେଇକୁ ବାହାର ରାଜ୍ୟକୁ ପଠାଇବା ପାଇଁ ଯୋଜନା ଚାଲିଥିଲା।

ଏହି ବେଆଇନ ନେଟୱର୍କର ମୁଖ୍ୟ କାର୍ଯ୍ୟଦାର ବା 'କିଙ୍ଗପିନ' ଚଢ଼ଉ ସମୟରେ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ତେବେ ତାକୁ ଗିରଫ କରିବା ପାଇଁ ଏସଟିଏଫ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବାହାର ରାଜ୍ୟକୁ ପଠାଯାଇଛି। ଅଭିଯୁକ୍ତମାନଙ୍କୁ ପ୍ରାଥମିକ ଜେରା କରିବା ପରେ ଏସଟିଏଫ୍ ହାତରେ କିଛି ଚାଞ୍ଚଲ୍ୟକର ତଥ୍ୟ ଲାଗିଛି। ମିଳିଥିବା ସୂଚନା ମୁତାବକ, ଏହି ଆନ୍ତଃରାଜ୍ୟ ଗ୍ୟାଙ୍ଗଟି ଗତ ଗୋଟିଏ ବର୍ଷ ମଧ୍ୟରେ ପ୍ରାୟ ୨୦ କୋଟି ଟଙ୍କାର ଗଞ୍ଜେଇ ଓଡ଼ିଶାରୁ ବାହାର ରାଜ୍ୟକୁ ଚୋରା ଚାଲାଣ କରିସାରିଛି। ଓଡ଼ିଶାର ବିଭିନ୍ନ ଆଞ୍ଚଳିକ ସ୍ଥାନରୁ ଗଞ୍ଜେଇ ସଂଗ୍ରହ କରାଯାଇ ପଡ଼ୋଶୀ ଏବଂ ଦୂରବର୍ତ୍ତୀ ରାଜ୍ୟଗୁଡ଼ିକୁ ସପ୍ଲାଏ କରାଯାଉଥିଲା। ଏସଟିଏଫ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଧରାପଡ଼ିଥିବା ଦୁଇ ଅଭିଯୁକ୍ତଙ୍କୁ ବର୍ତ୍ତମାନ ମାରାଥନ ଜେରା କରାଯାଉଛି। ଏହି ପୂରା ନେଟୱର୍କର ଚେର କେଉଁ ପର୍ଯ୍ୟନ୍ତ ଲମ୍ବିଛି, ତାହାର ଖୋଳତାଡ଼ ଜାରି ରହିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୨/୦୬/୨୦୨୬
୧୨,୬୫,୭୬୯/- ଟଙ୍କା
ସୁନା:- ୦୩ ଗ୍ରାମ୍ ୦୯୦ ମିଲିଗ୍ରାମ
ରୂପା:- ୬୮ ଗ୍ରାମ୍ ୦୦୦ ମିଲିଗ୍ରାମ




ସମ୍ପାଦକୀୟ
ପୃଷ୍ଠା-୪
ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
RNI Regd. No. : ODIODI/2016/67976
Email : utkaldeepika2016@gmail.com
Vol-10 • Issue-49 • June 2026 • Bhubaneswar
ସମୁଦ୍ରରେ ମିଶୁଛି କୁଢ଼ କୁଢ଼ ଆବର୍ଜନା, ନଷ୍ଟ ହେଉଛି ପ୍ରାକୃତିକ ପରିବେଶ
ଭାରତର ପ୍ରଜନନ ହାରକୁ ନେଇ ଚିନ୍ତା ପ୍ରକଟ କଲେ ଏଲନ ମସ୍କ

**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ଆଖି ବୁଜିଲେ ଏମଭି କନଷ୍ଟେବଲ୍ : ପେଟ୍ରୋଲ ପକାଇ ଜାଳି ଦେଇଥିଲେ ପତ୍ନୀ ଓ ଶାଳକ

**ଭୁବନେଶ୍ୱର, ୧୨।୬**
**ନ୍ୟୁଜ୍‌ବ୍ୟୁରୋ**

ଆଖି ବୁଜିଲେ ଏମଭି କନଷ୍ଟେବଲ୍ ଆଶୁତୋଷ ମୃଦଙ୍ଗିଆ। ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱର ଏମ୍ସ ବର୍ଣ୍ଣ ୱାର୍ଡରେ ତାଙ୍କର ପରଲୋକ ଘଟିଛି। ତାଙ୍କ ଶରୀରର ୮୦% ପୋଡ଼ି ଯାଇଥିଲା। ଭୁବନେଶ୍ୱର ଏମ୍ସର ବର୍ଣ୍ଣ ୱାର୍ଡରେ ଚିକିତ୍ସିତ ହେଉଥିଲେ। ୨ ଦିନ ତଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ସେପଟେ ଆଶୁତୋଷଙ୍କ ପତ୍ନୀ ଓ ଶାଳକଙ୍କ ନାଁରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ତଦନ୍ତ କରୁଛି ପୁଲିସ। ପତ୍ନୀ ଓ ଶାଳକ ତାଙ୍କୁ ପେଟ୍ରୋଲ ପକାଇ ଜାଳି ଦେଇଥିବା କହିଥିଲେ ଆଶୁତୋଷ। ଏହାପରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ



ଆଶୁତୋଷଙ୍କ ବୟାନ ରେକର୍ଡ କରାଯାଇଥିଲା। ସେହି ଆଧାରରେ ପୁଲିସ ଘଟଣାର ତଦନ୍ତ କରୁଛି। 'ସାଇଣ୍ଟିଫିକ୍ ଟିମ୍ ଜରିଆରେ ପ୍ରମାଣ ସଂଗ୍ରହ କରାଯାଇଛି। ଆଶୁତୋଷଙ୍କ ମୃତ୍ୟୁ ଘଟଣାରେ ସଂପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ବ୍ରହ୍ମପୁର ଏସ୍‌ପି କହିଛନ୍ତି। ଅଭିଯୁକ୍ତଙ୍କ ପଲିଗ୍ରାଫ୍ ଟେଷ୍ଟ ହେବ ବୋଲି କହିଛନ୍ତି।

ସୂଚନାନୁଯାୟୀ, ଓଡ଼ିଶା ମୋଟର ଭେହିକଲ୍ ଡିପାର୍ଟମେଣ୍ଟ (ଓଏମ୍‌ଭିଡି) କନେଷ୍ଟବଳ ଆଶୁତୋଷ ମୃଦଙ୍ଗିଆ (୩୧ ବର୍ଷ) ଗତ ୫ ତାରିଖ ରାତି ସାଢ଼େ ୯ଟା ବେଳେ ବିଜିପୁର ପୁଲିସ କଲୋନୀକୁ ଯାଇଥିଲେ। କ୍ୱାର୍ଟରରେ ଆଶୁତୋଷଙ୍କ ପତ୍ନୀ ସନ୍ଧ୍ୟା ଓ ତାଙ୍କ ଭାଇ ରହିଥିଲେ। ହଠାତ ଉଭୟେ ସନ୍ଧ୍ୟା ଓ ତାଙ୍କ ଭାଇ ଆଶୁତୋଷଙ୍କ ଉପରେ ପେଟ୍ରୋଲ ଢାଳିଥିଲେ। ନିଜକୁ ରକ୍ଷା କରିବା ପାଇଁ ଉଦ୍ୟମ କରୁଥିବା ସମୟରେ ତାଙ୍କୁ ଦିଆସିଲିରେ ନିଆଁ ଲଗାଇ ଦେଇଥିଲେ। ନିଆଁ ଲାଗିବା ପରେ ଆଶୁତୋଷ ସନ୍ଧ୍ୟାଙ୍କ କ୍ୱାର୍ଟରରୁ ବାହାରି ହୁତୁହୁତୁ ହୋଇ ଜଳୁଥିବା ଅବସ୍ଥାରେ ଜୀବନ ବଞ୍ଚାଇବା ପାଇଁ ଜଣେ ପୁଲିସ ହାବିଲଦାରଙ୍କ କ୍ୱାର୍ଟର୍ସ ଭିତରେ ପଶିଯାଇଥିଲେ। ସେଠାକାର ଲୋକେ ତାଙ୍କ ଶରୀରରେ ପାଣି ଢାଳି ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଏମକେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା।

ସ୍ତ୍ରୀ ସନ୍ଧ୍ୟା ନାୟକ ଓ ଶଳା ପେଟ୍ରୋଲ୍ ଢାଳି ହତ୍ୟା ଉଦ୍ୟମ କରିଥିବା ଆଶୁତୋଷଙ୍କ ଭଉଣୀ ନିବେଦିତା ଟାଉନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ସନ୍ଧ୍ୟା ଓ ତାଙ୍କ ଭାଇଙ୍କ ବିରୋଧରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମାଜିଷ୍ଟ୍ରେଟ୍ ଓ ଡାକ୍ତରଙ୍କ ଉପସ୍ଥିତିରେ ଆଶୁତୋଷଙ୍କ ବୟାନ୍ ପୁଲିସ ରେକର୍ଡ କରିଥିଲା। ଘଟଣା ପରେ ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ସେଠାରୁ ଦରପୋଡ଼ା ବୋତଲ, ଦିଆସିଲି, ଅଶୁତୋଷଙ୍କ ମୋବାଇଲ ଓ ବାଇକ୍ ଜବତ କରିଥିଲା।

## ଓଡ଼ିଶାବାସୀଙ୍କୁ କୃତଜ୍ଞତା ଜଣାଇଲେ ଉପ ମୁଖ୍ୟମନ୍ତ୍ରୀ କେଭି ସିଂହଦେଓ

**ଭୁବନେଶ୍ୱର, ୧୨।୬:ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶାରେ ବିଜେପି ସରକାରକୁ ୨ ବର୍ଷ ପୂରିଛି। ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓଡ଼ିଶାବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ଏକ ପୋଷ୍ଟରେ ସେ ଲେଖିଛନ୍ତି କୃତଜ୍ଞତାର ଦୁଇ ବର୍ଷ: ଧନ୍ୟବାଦ ଓଡ଼ିଶାବାସୀ ୧୨ ଜୁନ୍ ୨୦୨୪ରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ, ଜନସାଧାରଣଙ୍କ ସ୍ନେହ ଏବଂ ଦଳୀୟ ନେତୃତ୍ୱର ଭରସାରେ ମୁଁ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲି। ଗତ ଦୁଇ ବର୍ଷର ଏହି ଯାତ୍ରାରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଦୂରଦୃଷ୍ଟିସମ୍ପନ୍ନ ଦିଗ୍‌ଦର୍ଶନ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମର୍ଥ ନେତୃତ୍ୱରେ 'ବିକଶିତ ଓଡ଼ିଶା' ଗଠନର ସଙ୍କଳ୍ପକୁ ନେଇ ଆମେ ଆଗକୁ ବଢ଼ିଛୁ। ଏହି ସମୟ ମଧ୍ୟରେ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଭାବେ ରାଜ୍ୟର ଅନ୍ନଦାତାମାନଙ୍କ କଲ୍ୟାଣ ଏବଂ ଶକ୍ତି ମନ୍ତ୍ରୀ ଭାବେ ଓଡ଼ିଶାକୁ ଏକ ସମୃଦ୍ଧ ଓ ଆଲୋକିତ ଭବିଷ୍ୟତ ଦେବା ଦିଗରେ ନିଷ୍ଠାର ସହ କାର୍ଯ୍ୟ କରିବାର ସୁଭାଗ୍ୟ ମୋତେ ମିଳିଛି।

ଆପଣମାନଙ୍କର ଅକୁଣ୍ଠ ସମର୍ଥନ ଓ ଭଲପାଇବା ମୋତେ ଆହୁରି ଅଧିକ ଦାୟିତ୍ୱବୋଧ ଏବଂ ସମର୍ପଣ ଭାବ ସହ ଜନସେବା କରିବାକୁ ପ୍ରେରଣା ଦେଇଛି। ଏହି ଅବସରରେ ମୁଁ ଓଡ଼ିଶାର ସାଢ଼େ ଚାରି କୋଟି ଜନସାଧାରଣଙ୍କୁ ମୋର ଆନ୍ତରିକ କୃତଜ୍ଞତା ଜଣାଉଛି। ଆପଣମାନଙ୍କ ଆଶୀର୍ବାଦ ଓ ସହଯୋଗକୁ ପାଥେୟ କରି ଆମେ ସମସ୍ତେ ମିଶି ଏକ ସମୃଦ୍ଧ, ସଶକ୍ତ ଓ ପ୍ରଗତିଶୀଳ ଓଡ଼ିଶା ଗଠନର ସଙ୍କଳ୍ପକୁ ସାକାର କରିବା।

# ମୋହନାରେ କାଳବୈଶାଖୀ ତାଣ୍ଡବ : ବ୍ୟାପକ କ୍ଷୟକ୍ଷତି

**ମୋହନା, ୧୨।୬**
**ନ୍ୟୁଜ୍‌ବ୍ୟୁରୋ**

ଗଜପତି ଜିଲ୍ଲା ମୋହନା ଅଞ୍ଚଳରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ଏହାର ପ୍ରଭାବରେ ଗୋବିନ୍ଦପୁର ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଗୋବିନ୍ଦପୁର ଓ ଖ୍ରୀଷ୍ଟପୁର୍ ଗାଁରେ ୬ ଜଣଙ୍କ ଘରର ଟିଣ ଛପର ଉଡ଼ିଯାଇଥିବା ବେଳେ ପୁତୁଲିପଙ୍କା ଗାଁରେ ମଧ୍ୟ ପ୍ରାୟ ୪ ଜଣ ପରିବାରର ଟିଣ ଛପର ଉଡିଯାଇଥିବା ଜଣାପଡ଼ିଛି । ସେହିପରି ଅଶୋକ



ନାୟକଙ୍କ ଘର ଉପରେ ବିରାଟକାୟ ଗଛ ଉପୁଡ଼ି ଘର ଉପରେ ପଡ଼ିବାରୁ ବଡ଼ ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ତାଙ୍କ ପରିବାର। ଘର ଉପରେ ଗଛ ପଡି ଘରର କିଛି ଅଂଶ ଭାଙ୍ଗି ଯାଇଛି। ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡି ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯାଇଛି। ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ଗଛ କଟା କାର୍ଯ୍ୟ ଜାରି ରଖିଛନ୍ତି।

# ବର୍ଷା ଜଳ ନିଷ୍କାସନ ପାଇଁ ୮ ରାପିଡ ଆକ୍ସନ ଟିମ୍ ନିୟୋଜିତ କଲା ବିଏମସି

**ଭୁବନେଶ୍ୱର, ୧୨।୬**
**ନ୍ୟୁଜ୍‌ବ୍ୟୁରୋ**

ସହରାଞ୍ଚଳ ବନ୍ୟା ନିୟନ୍ତ୍ରଣ ତଥା ବର୍ଷା ଜନିତ ଜଳ ନିଷ୍କାସନ ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ରାପିଡ ଆକ୍ସନ ଟିମ୍ (ରାଟ୍) ନିୟୋଜିତ କରାଯାଇଛି। ଏହି ୮ ଗୋଟି ରାଟ୍ ଟିମ୍ ଆବଶ୍ୟକ ଉପକରଣ, ଯନ୍ତ୍ରପାତି ସହ ୨୪ ଘଣ୍ଟିଆ କାର୍ଯ୍ୟ କରିବ। ବର୍ଷା ଜଳ ଜମା ହେଉଥିବା ଅଞ୍ଚଳରେ ତୁରନ୍ତ ପହଞ୍ଚି ଜଳ ନିଷ୍କାସନ ବ୍ୟବସ୍ଥା କରିବ। ଏହି ଟିମ୍‌କୁ ଗାଡ଼ି, ପାଣି ପମ୍ପ, ଡ୍ରେନ୍ ସଫେଇ ପାଇଁ ଆବଶ୍ୟକ ସରଞ୍ଜାମ, ଗଛ କାଟିବା ପାଇଁ ଯନ୍ତ୍ର ଇତ୍ୟାଦି ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଶୁକ୍ରବାର ବିଏମ୍‌ସି ମୁଖ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟ କ୍ରମରେ ଡେପୁଟି ମେୟର, କମିଶନର ଚଞ୍ଚଳ ରାଣା, ଅତିରିକ୍ତ କମିଶନର, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, ବହୁ କର୍ପୋରେଟର ଉପସ୍ଥିତ ଥିଲେ। ରାଟ୍ ଟିମ୍‌କୁ ଦିଆଯାଇଥିବା ବିଭିନ୍ନ ଯନ୍ତ୍ରପାତି ପ୍ରଦାନ କରାଯିବା ସହ ସ୍ୱତନ୍ତ୍ର ଗାଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା। ଚଳିତ ବର୍ଷାଋତୁ ପାଇଁ ଯେ କୌଣସି ପରିସ୍ଥିତିର ମୁକାବିଲା କରିବା ପାଇଁ ବିଏମ୍‌ସି ପ୍ରସ୍ତୁତ ରହିଛି ବୋଲି କହିଛନ୍ତି କମିଶନର ଶ୍ରୀ ରାଣା। ଉଲ୍ଲେଖଯୋଗ୍ୟ ଯେ, ବର୍ଷା ସମୟରେ ରାଜଧାନୀର ବିଭିନ୍ନ ଅଞ୍ଚଳରେ ବର୍ଷାଜଳ ଜମିରହିବା ଫଳରେ ସହରବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।